R.N.I. REGN. No. 65000/96 POSTAL REGN. No. OR/BN-32/12-14

09 November 2025, Sunday

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫
ତିଥି : ଚତୁର୍ଥୀ
୦୯ ନଭେମ୍ବର ୨୦୨୫, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

29th ANNIVERSARY

Bhubaneswar | Balasore | Angul | Berhampur | Sambalpur

## ବିହାର ନିର୍ବାଚନ

# ଅଳିଆଗଦାରେ ଭିଭିପାଟ୍ ସ୍ଲିପ୍

ନୂଆଦିଲ୍ଲୀ, ୮ ।୧୧ : ବିହାରରେ ବିଧାନସଭା ନିର୍ବାଚନ ଚାଲିଛି । ପ୍ରଥମ ପର୍ଯ୍ୟାୟ ଭୋଟ୍ ସରିଛି । ହେଲେ ସମସ୍ତିପୁର ଠାରେ ଭିଭିପାଟ୍ ସ୍ଲିପ୍ ବାହାରେ ଗଦା ହୋଇଥିବା ଦେଖିବାକୁ ମିଳିଛି । ରାସ୍ତାକଡରେ ଶତାଧିକ ଭିଭିପାଟ୍ ସ୍ଲିପ୍ ଅଳିଆ ଗଦାରେ ଥିବା ଦେଖିବାକୁ ମିଳିଛି । ଆର୍‌ଜେଡି ଏହାକୁ ନେଇ ଅଭିଯୋଗ କରିବା ସହ ଏହା ଇଭିଏମ୍‌ର ସ୍ଲିପ୍ ବୋଲି ଦର୍ଶାଇଛି । ଏହି ଘଟଣାକୁ ନେଇ ହଟଚମଟ ସୃଷ୍ଟି ହୋଇଛି ।

ବିହାରର ଯେଉଁସବୁ ସିଟ୍‌ରେ ଭୋଟ୍ ଗ୍ରହଣ ସରିଛି ସବୁ ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ରହିଛି । ଏହାର ସୁରକ୍ଷା



ପାଇଁ ପୋଲିସ ଥିବାବେଳେ ରାଜନୈତିକ ଦଳର ପ୍ରତିନିଧିମାନେ ଅଛନ୍ତି ।

ତେବେ ଫିଙ୍ଗାଯାଇଥିବା ଭିଭିପାଟ୍ ସ୍ଲିପ୍ କେଉଁଠୁ ଆସିଲା ତାହା ଚର୍ଚ୍ଚା ପାଲଟିଛି । ସମସ୍ତପୁରର ସରାଓରଞ୍ଜନ ନିର୍ବାଚନମଣ୍ଡଳୀର ବୋଲି କୁହାଯାଉଛି । କେସିଆର କଲେଜ ନିକଟ ସଡ଼କରେ ବହୁ ସଂଖ୍ୟକ ଇଭିଏମ୍‌ରୁ ବାହାରିଥିବା

**ନିର୍ବାଚନ ସ୍ୱଚ୍ଛତା ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ**

**ସହକାରୀ ରିଟର୍ଣ୍ଣିଂ ଅଧିକାରୀ ନିଲମ୍ବିତ**

ସ୍ଲିପ୍ ପଡିଛି । କାହା ଇସାରାରେ ଏହି ସ୍ଲିପ୍‌ଗୁଡ଼ିକ ଫିଙ୍ଗି ଦିଆଗଲା ସେ ନେଇ ତଦନ୍ତ ଆରମ୍ଭ ହୋଇଛି । (୯ ପୃଷ୍ଠାରେ)

## ମଣିସାହୁ ଛକ ପ୍ରାଚୀ ଏନକ୍ଲେଭ୍‌ର ଭୁଶୁଡ଼ିଲା ବାଲକୋନୀ

# ଚାଲିଗଲା ବାପା, ମା' ଓ ଶିଶୁପୁତ୍ରଙ୍କ ଜୀବନ

କଟକ, ୮।୧୧ (ସବ୍ୟୁ): କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ମଣିସାହୁ ଛକ ନିକଟରେ ଥିବା ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖସ୍ଥ ପ୍ରାଚୀ ଏନକ୍ଲେଭ୍‌ରେ ଘଟିଛି ଏକ ବଡ଼ ଧରଣର ଅଘଟଣ । ବିପଦଶଙ୍କୁଳ ଅବସ୍ଥାରେ ରହିଥିବା ଏହି ପୁରାତନ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍‌ର ବାଲକୋନୀ ଭୁସୁଡ଼ି ପଡ଼ିବାରୁ ୩ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ଏହି ବାଲକୋନୀଟି ଭୁସୁଡ଼ି ତଳେ ଥିବା ଏକ ଆଜବେଷ୍ଟସ୍ ଘର ଛାତ ଉପରେ ପଡ଼ିଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣା ସମ୍ପର୍କରେ ଜାଣିବା ପରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଲେଖାଏଁ ଅନୁକମ୍ପାମୂଳକ

- **୪ ପରିବାର ଲୋକ ଗୁରୁତର: ଏସ୍‌ସିବିରେ ଭର୍ତ୍ତି**
- **ମୁଖ୍ୟମନ୍ତ୍ରୀଙ୍କ ଶୋକ, ୪ ଲକ୍ଷ ଲେଖାଏଁ ସହାୟତା**

ସହାୟତା ଘୋଷଣା କରିବା ସହ ଆହତମାନଙ୍କର ଉତ୍ତମ ଚିକିତ୍ସାର ସୁବନ୍ଦବସ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଛି ।

ସେହି ଘରେ ରହୁଥିବା ଏକ ପରିବାରର ବାପା, ମା' ଓ ଶିଶୁପୁତ୍ରର ଘଟଣାସ୍ଥଳରେ ଜୀବନ ଚାଲିଯାଇଥିବା ଜଣାପଡ଼ିଛି । ମୃତକମାନେ ହେଲେ ଅବଦୁଲ୍ ଜଲିଲ୍(୬୦), ଅବଦୁଲ୍ ମୁଜାହିଦ୍(୪) ଏବଂ ରେହେମାତୁନ୍ ନିଶା(୫୦) । ପରିବାରର ଅନ୍ୟ ୪ଜଣ ସଦସ୍ୟ ଅବଦୁଲ୍ ଜାହିଦ୍(୩୦), ସହିନା ବେଗମ୍(୨୯), ରିହାନ୍ ଖାନ୍(୮) ଏବଂ ଅବଦୁଲ୍ ରେହେମାନ୍(୩) (୯ ପୃଷ୍ଠାରେ)

## ଡିସେମ୍ବର ପହିଲାରୁ ସଂସଦ ଅଧିବେଶନ

ନୂଆଦିଲ୍ଲୀ, ୮ ।୧୧ : ସଂସଦର ଶୀତକାଳୀନ ଅଧିବେଶନ ଡିସେମ୍ବର ପହିଲାରୁ ଆରମ୍ଭ ହୋଇ ଡିସେମ୍ବର ୧୯ରେ ଶେଷ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ।

ମନ୍ତ୍ରୀ କହିଛନ୍ତି ଯେ ଆମ ଗଣତନ୍ତ୍ରକୁ ଶକ୍ତିଶାଳୀ କରିବା ପାଇଁ ଆଗାମୀ ଅଧିବେଶନ ବେଶ୍ ଗଠନମୂଳକ ଓ ତାତ୍ତ୍ୱିକପୂର୍ଣ୍ଣ ହେବ । ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ଏହା ହେଉଛି ସବୁଠୁ କ୍ଷୁଦ୍ର ଶୀତ ଅଧିବେଶନ ବୋଲି କୁହାଯାଉଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ କିଛି ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ପାରିତ କରିବା ପାଇଁ ଯୋଜନା କରାଯାଇଛି । ଏଥିରେ ୧୧୯ତମ ସମ୍ବିଧାନ ସଂଶୋଧନ ବିଲ୍ ରହିଛି । (୯ ପୃଷ୍ଠାରେ)

## ଅଜଣା ଗାଡ଼ି ଧକ୍କାରେ ୨ ଛାତ୍ରୀ ମୃତ

ଆନନ୍ଦପୁର/ଢ଼େଙ୍କିକୋଟ, ୮ ।୧୧ (ସବ୍ୟୁ): କେନ୍ଦୁଝର ଜିଲ୍ଲା ୨୦ ନମ୍ବର ଜାତୀୟ ରାଜପଥ ଘସିପୁରା ଥାନା ଶାଳପଡ଼ା କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ରାସ୍ତାରେ ଶନିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ଧକ୍କାରେ ୨ଜଣ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି । ସେମାନେ ହେଲେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ବେଲବାହାଳି ଗାଁର ଦୀପାଞ୍ଜଳି ସାହୁ ଏବଂ ଅନ୍ୟଜଣେ ସିଆପଡା ଗାଁର ଅନ୍ନପୂର୍ଣ୍ଣା ପାତ୍ର । ମିଳିଥିବା ସୂଚନା ମୁତାବକ, ୨ଜଣ ଛାତ୍ରୀ କ୍ଲାସ ସାରି ଘରକୁ ଫେରୁଥିଲେ । ସେତିକିବେଳେ କଲେଜଠାରୁ କିଛି ଦୂରରେ ଏକ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇ ଦ୍ରୁତ ଗତିରେ ଫେରାର ହୋଇଯାଇଥିଲା । (୯ ପୃଷ୍ଠାରେ)

## ପୀତବାସ ପଣ୍ଡା ହତ୍ୟା ମାମଲା

# ଜୀବନ ପ୍ରତି ବିପଦ ଥିବା କହିଲେ ପରିବାର

ବ୍ରହ୍ମପୁର, ୮ ।୧୧ (ସବ୍ୟୁ): ମୋ ପରିବାରକୁ ସେମାନେ ମାରିଦେବେ । ଆମକୁ ସୁରକ୍ଷା ଦିଅ । ଏମିତି ଆକୁଳ ନିବେଦନ କରି ସମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ସ୍ୱର୍ଗତଃ ପିତବାସ ପଣ୍ଡାଙ୍କ ପତ୍ନୀ ସୁସ୍ମିତା ପଣ୍ଡା ପ୍ରକାଶ କରିଛନ୍ତି ।

ମୋ ସ୍ୱାମୀ ଆଇନଜୀବୀ



ପୀତବାସ ପଣ୍ଡାଙ୍କୁ ଗତ ଅକ୍ଟୋବର ୬ତାରିଖରେ ହତ୍ୟା କରାଯାଇଥିଲା । ପୋଲିସ ବ୍ରହ୍ମପୁର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାଶ ସମେତ ଏଯାବତ ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ମାନଙ୍କ ତରଫରୁ ଦୁଇ ଦୁଇଥର ମାମଲା ପ୍ରତ୍ୟାହାର କରିବାକୁ (୯ ପୃଷ୍ଠାରେ)

## ଓଡ଼ିଶାରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠୱାଲେ

# ଆନ୍ତଃଜାତି ବିବାହରେ ଓଡ଼ିଶା ଆଗରେ

ଭୁବନେଶ୍ୱର, ୮ ।୧୧ (ସବ୍ୟୁ): କେନ୍ଦ୍ର ସରକାର ଦେଶର ମହିଳା, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି । କଂଗ୍ରେସ ସମୟରେ ବିକାଶ ପଥ ଭ୍ରଷ୍ଟ ହୋଇଥିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମୟରେ ବିକାଶ ଦ୍ରୁତ ଗତିରେ ଆଗଉଛି । ଦେଶରେ ୨୫ କୋଟି ଲୋକ ଗରିବି ସୀମା



- **ଓଡ଼ିଶାରେ ଦଳିତଙ୍କ ଉପରେ ଅତ୍ୟାଚାର ବଢ଼ିଛି**
- **ଏସ୍‌ସି/ଏସ୍‌ଟି ନିଯୁକ୍ତିରେ ୪%, ଶିକ୍ଷାରେ ୫% ସଂରକ୍ଷଣ**

ରେଖା ଉପରକୁ ଉଠିଛନ୍ତି । ଇଣ୍ଟରକାଷ୍ଟ ମ୍ୟାରେଜ(ଆନ୍ତଃଜାତି ବିବାହ)ରେ ଓଡ଼ିଶାର ପ୍ରଦର୍ଶନ ବହୁତ ଭଲ ଅଛି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଅଧିକ ଆନ୍ତଃଜାତି ବିବାହ ହେଉଛି । ୨୦୨୩-୨୪ ଆର୍ଥିକ ବର୍ଷରେ ୩ ହଜାର ୬୩୯ ଆନ୍ତଃଜାତି ବିବାହ ହୋଇଥିଲା । ସେହିପରି ୨୦୨୪-୨୫ରେ ୨ ହଜାର ୪୩୪ ଓ ୨୦୨୫-୨୬ରେ ବର୍ତ୍ତମାନ ସୁଦ୍ଧା ୧ ହଜାର ୪୮୫ ଆନ୍ତଃଜାତି ବିବାହ ହୋଇଛି ବୋଲି କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ରାଷ୍ଟ୍ର ମନ୍ତ୍ରୀ ରାମଦାସ ଅଠୱାଲେ କହିଛନ୍ତି ।

ଭୁବନେଶ୍ୱର ଠାରେ (୯ ପୃଷ୍ଠାରେ)

## ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣା

# ୭ ପୋଲିସ୍ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ, ୮ ।୧୧ (ସବ୍ୟୁ) : ଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାରେ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବଡ କାର୍ଯ୍ୟନୁଷ୍ଠାନ ଗ୍ରହଣ କରା ଯାଇଛି । କର୍ତ୍ତବ୍ୟରେ ଅବହେଳା କରି ଥିବା ସାତ ଜଣ ପୋଲିସ୍ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗ ସୁପାରିଶ କରିଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ପୋଲିସ ଡିଜିପିଙ୍କୁ ସାତ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଛି ଗୃହ ବିଭାଗ । ଏହି ଅଧିକାରୀମାନେ ହେଲେ ଓ ଏସ ଏପି ତୃତୀୟ ବାଟାଲିୟନର କମାଣ୍ଡାଣ୍ଟ ଅଜୟ ପାଢୀ, ଡିସିପି ବିଷ୍ଣୁ ଚରଣ ପତି, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ତାପସ ରଞ୍ଜନ (୯ ପୃଷ୍ଠାରେ)

## ଆଡ୍‌ଭାନୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୮ ।୧୧ : ବରିଷ୍ଠ ବିଜେପି ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ଜନ୍ମଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବାସଭବନରେ ସାକ୍ଷାତ କରିଛନ୍ତି । ବାସଭବନରେ ସାକ୍ଷାତ କରି ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି । ସୋସିଆଲ ମିଡିଆ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ ରାଷ୍ଟ୍ର ପ୍ରତି ଆଡଭାନୀଙ୍କର ସେବା ସର୍ବଦା ଚିରସ୍ମରଣୀୟ ହୋଇ ରହିବ । ଏହା ସର୍ବଦା ଆମକୁ ପ୍ରେରଣା ଯୋଗାଇବ ।

## ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ୧୧ କିମି ରୋଡ୍ ଶୋ'

# ଜୟ-ମୁଁ ମିଶି ନୂଆପଡ଼ାର ବିକାଶ କରିବୁ : ମୁଖ୍ୟମନ୍ତ୍ରୀ

ନୂଆପଡା, ୮ ।୧୧ (ସବ୍ୟୁ): ନୂଆପଡ଼ା ଉପନିର୍ବାଚନ ପାଇଁ ରବିବାର ଅପରାହ୍ନ ୫ ଟାରେ ପ୍ରଚାର ଶେଷ ହେବ । ଶେଷ ଦିନର ପ୍ରଚାରର ଗୋଟିଏ ଦିନ ପୂର୍ବରୁ ଶେଷ ସ୍ପର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ପ୍ରଥମେ ସୁନାବେଡ଼ା ଓ ନୂଆପଡ଼ାର ଇଷ୍ଟଦେବୀ ସୁନାଦେଈଙ୍କୁ ସୁନାବେଡ଼ାରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା



କରିଥିଲେ । ସେଠାକାର ଆଦିବାସୀ ଓ ଜନସାଧାରଣଙ୍କୁ ଅନୁରୋଧ କରି ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆଙ୍କୁ ଭୋଟ ଦେବାକୁ କହିଥିଲେ । ନିର୍ବାଚନରେ ପ୍ରଚାର ପାଇଁ ଦ୍ୱିତୀୟ ଥର ଆସିଥିବାରରୁ ନୂଆପଡା ଏବଂ କୋମନା ବ୍ଲକ ଅଞ୍ଚଳରେ ଚଳ ଚଞ୍ଚଳ ହୋଇପଡିଥିଲା । ତୁହାକୁ ତୁହା ବଡ ବଡିଆ ନେତାଙ୍କ (୯ ପୃଷ୍ଠାରୋ)



# ସମୁଦ୍ର ଭିତରେ ଜନବସତି



ମଣିଷ ଆଜିକାଲି ସବୁଠି ପହଞ୍ଚିବା ସହିତ କିଭଳି ସେଠାରେ ନିଜର ବସତି ସ୍ଥାପନ କରିବ ସେଥିପାଇଁ ଚେଷ୍ଟିତ । ଚନ୍ଦ୍ରରେ ରହିବା ପାଇଁ ଘରକରିବାର ଯୋଜନା ଆରମ୍ଭ କରି ନିକଟରେ ଚୀନ ବେଶ ଚର୍ଚ୍ଚିତ ହୋଇଛି । ତେବେ ବର୍ତ୍ତମାନ ସମୁଦ୍ର ଭିତରେ ଘର କରିବାକୁ ଅଣ୍ଟା ଭିଡିଛି ଏକ କମ୍ପାନୀ । ଡିପ୍ ନାମକ ଏକ କମ୍ପାନୀ ସମୁଦ୍ର ପାଣିରେ ଷ୍ଟିଲରେ ଏକ ଘର ନିର୍ମାଣ କରୁଛି, ଯାହାର ନାଁ ସେ ରଖିଛି ଭ୍ୟାନ୍‌ଗାର୍ଡ । ଏହି ଘର ସମୁଦ୍ର ପତନ ଠାରୁ ୫୦ ମିଟର ଅର୍ଥାତ ୧୬୪ ଫୁଟ ତଳେ ନିର୍ମାଣ କରାଯିବ । ଯେଉଁଠାରେ ବୈଜ୍ଞାନିକମାନେ ସପ୍ତାହ ସପ୍ତାହ ଧରି ରହିବା ସହିତ କାମ କରିପାରିବେ । ଏହି ଘରେ ଶୋଇବା ଘର, ଛୋଟ ହଲ, ରୋଷେଇଘର, ଶୌଚାଳୟ ସହିତ ଗୋଟିଏ ଡାଇଵ ସେଣ୍ଟର ମଧ୍ୟ ରହିଛି । ଏହାକୁ ପ୍ରସ୍ତୁତ କରିଥିବା କମ୍ପାନୀର ମିଶନ ମଣିଷଙ୍କୁ ପାଣି ଭିତରେ ରହୁଥିବା ଜୀବଙ୍କ ସହିତ ସମାନ କରିବା । ଏହାସହ କମ୍ପାନୀ ବର୍ତ୍ତମାନ ପାଣିରେ ଏକ ବିଳାସପୂର୍ଣ୍ଣ ହୋଟେଲ ମଧ୍ୟ ନିର୍ମାଣ କରୁଥିବା ସୂଚନା ରହିଛି ।

## ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି

# କେ.ଆର ନାରାୟଣ



କେଆର ନାରାୟଣ କେବଳ ଭାରତର ପୂର୍ବତନ ରାଷ୍ଟ୍ରପତି ନୁହେଁ ବରଂ ଏକାଧାରାରେ ଜଣେ ଭାରତୀୟ ରାଜନୀତିଜ୍ଞ, କୂଟନୀତିବିତ୍ ଓ ବୁଦ୍ଧିଜୀବୀ ଭାବେ ପରିଚିତ । ୧୯୨୦ ମସିହା ୨୭ ଅକ୍ଟୋବରରେ ଜନ୍ମଗ୍ରହଣ କରିଥିବା କେଆର୍ ନାରାୟଣ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ଭାରତର ରାଷ୍ଟ୍ରପତି ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ଏହାପୂର୍ବରୁ ୧୯୯୨ରୁ ୧୯୯୭ ପର୍ଯ୍ୟନ୍ତ ସେ ଉପରାଷ୍ଟ୍ରପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଲଣ୍ଡନ ସ୍କୁଲ ଅଫ ଇକୋନୋମିକ୍ସରେ ନିଜର ପାଠ ପଢ଼ା ସାରିବା ପରେ ଭାରତୀୟ ବୈଦେଶିକ ସେବାରେ ସେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ଅବସର ପରେ ସେ ଦିଲ୍ଲୀସ୍ଥିତ ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟର ଉପକୁଳପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ସେ ମଧ୍ୟ ଅନେକ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିଛନ୍ତି । ୧୯୮୪ରେ ସେ ଇନ୍ଦିରା ଗାନ୍ଧିଙ୍କ ଅନୁରୋଧ କ୍ରମେ ରାଜନୀତିରେ ଯୋଗ ଦେଇଥିଲେ ଏବଂ ନିଜର ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ । ଏହି ମହାନ ରାଜନୀତିଜ୍ଞଙ୍କର ୨୦୦୫ ମସିହା ୯ ନଭେମ୍ବରରେ ଦେହାନ୍ତ ହୋଇଥିଲା ।

# ଖୁସି ଅଛନ୍ତି ସାମନ୍ଥା



ଅଭିନେତ୍ରୀ ସାମନ୍ଥା ନିକଟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରିଛନ୍ତି ଯାହା ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ନିଜ ଲାଇଫର କିଛି ନିଷ୍ପତ୍ତିକୁ ନେଇ କଥା ହୋଇଛନ୍ତି । ତେବେ ଏହି ପୋଷ୍ଟରେ ସେ ଏକ ଫଟୋ ପୋଷ୍ଟ କରିଛନ୍ତି, ଯାହାକୁ ନେଇ ଖୁବ ଚର୍ଚ୍ଚା ଜାରି ରହିଛି । ଏହି ଫଟୋରେ ସେ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କ ସହିତ ନଜର ଆସିଛନ୍ତି । ଯାହାପରେ ଲୋକମାନେ ତାଙ୍କର ଓ ରାଜଙ୍କ ସମ୍ପର୍କକୁ ନେଇ କଥା ହେବା ଆରମ୍ଭ କରିଛନ୍ତି । ଉଭୟ ଏଥିରେ ନିଜ ଡ୍ରେସ ମ୍ୟାଚିଂ କରି ପିନ୍ଧିଥିବା ଦେଖିବାକୁ ମିଳୁଛି, ଯାହା ସେମାନଙ୍କ ସମ୍ପର୍କରେ ମୋହର ବୋଲି ଫ୍ୟାନମାନେ ଚର୍ଚ୍ଚା କରୁଛନ୍ତି । ସେହିଭଳି ଏହି ପୋଷ୍ଟରେ ସାମନ୍ଥା ନିଜର ସାଙ୍ଗ ଓ ସମ୍ପର୍କୀୟଙ୍କୁ ଧନ୍ୟବାଦ ଦେଇଛନ୍ତି ଯେଉଁମାନେ ଗତ ଦେଢ ବର୍ଷ ଧରି ସେମାନଙ୍କ ସହିତ ରହିଛନ୍ତି । ଏହି ସମୟରେ ସେ ନିଜ କ୍ୟାରିୟରକୁ ନେଇ କିଛି ଭଲଭଲ ନିଷ୍ପତ୍ତି ନେଇଛନ୍ତି ଯାହା ତାଙ୍କ କ୍ୟାରିୟର ପାଇଁ ଖୁବ ଭଲ । ସେହିଭଳି ଆଗକୁ ସେ ଆହୁରି ଏଭଳି ବୋଲ୍ଡ ନିଷ୍ପତ୍ତି ନେବେ ବୋଲି ମତ ଦେଇଛନ୍ତି । ସେହିଭଳି ସେ ବର୍ତ୍ତମାନ ନିଜ ଜୀବନରେ ଖୁବ ଖୁସି ଅଛନ୍ତି ବୋଲି ସାମନ୍ଥା ପ୍ରକାଶ କରିଛନ୍ତି ।

# କ୍ଷମା ମାଗୁଛନ୍ତି କମ୍ପାନୀ

ସାଧାରଣତଃ ଆମେ କିଛି ଭୁଲ କଲେ କ୍ଷମା ମାଗିଥାଉ । ହେଲେ ବର୍ତ୍ତମାନ ସୋସିଆଲ ମିଡିଆରେ କିଛି କମ୍ପାନୀ କ୍ଷମା ମାଗୁଥିବାର ଦେଖିବାକୁ ମିଳୁଛି । ତେବେ ଏମାନେ ନିଜର କୌଣସି ଭୁଲ ପାଇଁ ନୁହେଁ ବରଂ ନିଜ ସାମଗ୍ରୀ ଭଲ ହୋଇଥିବାରୁ ଗ୍ରାହକଙ୍କୁ କ୍ଷମା ମାଗୁଛନ୍ତି । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ କଥାଟି ସତ । ସୋସିଆଲ ମିଡିଆରେ ସ୍କୋଡା, ଭୋଲକାସ୍ୱାଗେନ୍,ଟି ସିରିଜ ଓ ରିଲାନ୍ସ ଡିଜିଟାଲ ଭଳି କମ୍ପାନୀ ଲୋକଙ୍କୁ କ୍ଷମା ମାଗୁଥିବାର ସୂଚନା ରହିଛି । ତେବେ ଏହା ଏକ ଟ୍ରେଣ୍ଡ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ କମ୍ପାନୀ ଗୁଡିକ ସାମିଲ ହେଉଛନ୍ତି । ଏହାର ନାଁ ଅଫିସିଆଲ ଆପୋଲୋଜି ରଖାଯାଇଛି ଯାହା ଇମୋସନାଲ ମାର୍କେଟିଂର ଏକ ଅଂଶ ବୋଲି ଜଣା ପଡିଛି । ଏହି ଟ୍ରେଣ୍ଡର ଆରମ୍ଭ ଗତବର୍ଷ ଫିଲିପିନ୍ସରୁ ଆରମ୍ଭ ହୋଇଛି । ହେଲେ ବର୍ତ୍ତମାନ ଭାରତରେ ଏହା ଭାଇରାଲ ହେବାରେ ଲାଗିଛି । ଏହା ଏକ ଲେଟର ଫର୍ମାଟରେ ସୋସିଆଲ ମିଡିଆରେ ପୋଷ୍ଟ କରାଯାଉଛି । ଏଥିରେ ଖୁବ ଚତୁରତାର ସହିତ ଗ୍ରାହକଙ୍କୁ ନିଜ ବ୍ରାଣ୍ଡ ଭଲ ବୋଲି କହିବା ସହିତ କ୍ଷମା ମଗାଯାଉଛି । ଯେପରି ଆଦାନୀ ଅମ୍ବୁଜା ସିମେଣ୍ଟ କହିଛି କି ଆମ ସିମେଣ୍ଟରେ ଘରର କାନ୍ଥ ତିଆରି କଲେ ଏଭଳି ମଜବୁତ ହେବ କି ଗ୍ରାହକ ଏଥିରେ କଣ୍ଟା ବାଡେଇ ପାରିବେ ନାହିଁ । ସେଥିପାଇଁ ଆମେ କ୍ଷମା ମାଗୁଛୁ । ଏହିଭଳି ଭାବେ ସମସ୍ତ କମ୍ପାନୀ ନିଜର କ୍ଷମା ପତ୍ର ପ୍ରସ୍ତୁତ କରୁଥିବାର ଦେଖିବାକୁ ମିଳୁଛି ।



Haldiram's

Apology Statement

Dear People,

We'd like to apologize for this sincerely.
The matter of fact came to light when
a few people were heard saying that
Haldiram's sweets are amazingly delicious.

We didn't mean for you to get lost
in the taste due to a box of Gulab Jamuns
and wake up with a pile of
empty boxes around you.

The Kaju Katli? We made it too smooth.
The Soan Papdi? Too flaky.
Frankly, it's irresponsible how good everything tastes.

We promise to do better next time.

Yours guiltily (but also not really),
Haldiram's

# ଶୀତଦିନେ ନିଅନ୍ତୁ ତ୍ୱଚାର ଯତ୍ନ



ଶୀତଦିନ ଆରମ୍ଭ ହେବାମାତ୍ରେ ଆମର ଅନେକ ଚର୍ମ ସମସ୍ୟା ଆରମ୍ଭ ହୋଇଥାଏ । କେତେବେଳେ ଚର୍ମ ଶୁଷ୍କ ହେଉଥିବାବେଳେ କେବେକେବେ ଏହା ଫାଟୁଥିବାର ଦେଖିବାକୁ ମିଳିଥାଏ । ଏହି ଦିନେ ବିଶେଷଭାବେ ହାତ, ପାଦ, ଓଠର ଚର୍ମ ଶୁଷ୍କ ହେବା ସହିତ ଫାଟିଥାଏ, ତେଣୁ ଏଗୁଡିକର ଅଧିକ ଧ୍ୟାନ ରଖିବାକୁ ହୋଇଥାଏ । ଶୀତଦିନେ ଏହି ସମସ୍ତ ସ୍ଥାନକୁ ମଶ୍ଚରାଇଜ କରିବାକୁ ପଡିଥାଏ । ବିଶେଷଭାବେ ରାତିରେ ଏହି ସ୍ଥାନରେ କ୍ରିମ ଲଗାଇ ଶୋଇବାକୁ ଭୁଲନ୍ତୁ ନାହିଁ । ସେହିଭଳି ଗାଧୋଇବା ସମୟରେ ଶରୀରରେ ତେଲ ଲଗାନ୍ତୁ ଏହା ଖୁବ ଲାଭ ଦାୟକ ହୋଇଥାଏ । ଏହାସହ ଖାଦ୍ୟପେୟର ମଧ୍ୟ ଧ୍ୟାନ ରଖନ୍ତୁ ଏବଂ ପାଣି ଅଧିକ ପିଅନ୍ତୁ, ଯାହାଫଳରେ ଆପଣ ହାଇଡ୍ରେଟ ରହିପାରିବେ । ହାଇଡ୍ରେଟ ରହିବା ଫଳରେ ତ୍ୱଚା ଶୁଷ୍କ ହେବାରୁ ବଞ୍ଚିଥାଏ ଏବଂ ଫାଟିନଥାଏ । ଖାଦ୍ୟରେ ବିଭିନ୍ନ ପୋଷଣ ଯେପରି ଓମେଗା -୩, ଭିଟାମିନ -ଇ, ଭିଟାମିନ- ଏ, ଭିଟାମିନ -ସି ଆଦିକୁ ସାମିଲ କରନ୍ତୁ ।

# ମେଥି ମଟର ପନିର



**ସାମଗ୍ରୀ:** ୨୫୦ ପନିର୍, ଏକ କପ୍ ମେଥି, ଏକ କପ୍ ମଟର, ୪ଟି ପିଆଜ କଟା, ୩ଟି ଟମାଟୋ, ୨ଟି କଞ୍ଚା ଲଙ୍କା, ଏକ ଚାମଚ ଗରମ ମସଲା, ଅଧା ଚାମଚ ଲଙ୍କା ଗୁଣ୍ଡ, ଅଳ୍ପ ପରିମାଣ ଧନିଆ ପତ୍ର ।

**ପ୍ରଣାଳୀ:** ପ୍ରଥମେ ମିଡିଅମ୍ ଆଞ୍ଚରେ ପ୍ୟାନ୍‌ରେ ତେଲ ପକାଇ ଗରମ ପାଇଁ ରଖନ୍ତୁ । ଏଥିରେ ପନିରକୁ ହାଲୁକା ଗୋଲ୍ଡେନ୍ ହେବା ଯାଏଁ ଭାଜି କାଢି ନିଅନ୍ତୁ । ସେହି ବଳକା ତେଲରେ ପିଆଜ ଓ କଞ୍ଚାଲଙ୍କା ଭାଜନ୍ତୁ । କିଛି ସମୟ ପରେ ଏଥିରେ ଗରମ ମସଲା, ମେଥି ପତ୍ର, ମଟର ପକାଇ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଲଙ୍କାଗୁଣ୍ଡ, ଲୁଣ ପକାନ୍ତୁ । ଏହାକୁ ତେଲ ଛାଡିବା ପର୍ଯ୍ୟନ୍ତ ଭାଜନ୍ତୁ । ଏହାପରେ ଯେତିକି ଦରକାର ସେତିକି ପାଣି ଦେଇ ଅଳ୍ପ ସମୟ ରାନ୍ଧନ୍ତୁ । କିଛି ସମୟ ପରେ ଏଥିରେ ପନିର ପକାନ୍ତୁ । ପାଞ୍ଚମିନିଟ୍ ପରେ ଧନିଆ ପତ୍ର ପକାଇ ଆଞ୍ଚ ବନ୍ଦ କରିନିଅନ୍ତୁ । ପ୍ରସ୍ତୁତ ହୋଇଗଲା ପନିର ମେଥି ମଟର ତରକାରୀ ।

**୧୯୪୭–** କଶ୍ମୀରର ବଡ଼ଗାଉଁ ମେଜର ସୋମନାଥ ଶର୍ମାଙ୍କୁ ପ୍ରଥମ ପରମବୀର ଚକ୍ର ମିଳିଥିଲା । ମାତ୍ର ତାଙ୍କ ମୃତ୍ୟୁ ପଶ୍ଚାତ ଏହି ସମ୍ମାନ ପ୍ରଦାନ କରାଯାଇଥିଲା ।

**୧୯୫୪–** ଦାର୍ଜିଲିଙ୍ଗ୍‌ରେ ହିମାଳୟ ପର୍ବତାରୋହଣ ସଂସ୍ଥାର ସ୍ଥାପନା କରାଗଲା ।

**୧୯୮୯–** ବ୍ରିଟେନ୍‌ରେ ମୃତ୍ୟୁଦଣ୍ଡ ଉପରେ ସମ୍ପୂର୍ଣ୍ଣ ରୂପେ ପ୍ରତିବନ୍ଧକ ଲାଗୁ କରାଗଲା ।

**୨୦୦୦–** ଉତ୍ତରାଖଣ୍ଡକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ।

**୨୦୦୧–** ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ସଂଯୁକ୍ତ ରାଷ୍ଟ୍ର ମହାସଭାକୁ ସମ୍ବୋଧନ କଲେ ।

**୨୦୦୫–** ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍. ନାରାୟଣଙ୍କ ଦେହାନ୍ତ ।



## ସୋସିଆଲ କୋଟ୍ସ



" ଦୀପିକାଙ୍କର ୮ଘଣ୍ଟା କମ କରିବାର ଡିମାଣ୍ଡ ଉପରେ ଚିନ୍ତା କରିବାର ସମୟ ଆସିଛି । ଭଲ ପ୍ଲାନିଂ ଓ ମ୍ୟାନେଜମେଣ୍ଟ ହୋଇପାରିଲେ ଖୁବ କମ ସମୟରେ ବି ଭଲ କାମ ହେବା ସମ୍ଭବ ।

ଆଦିତ୍ୟ ସରପୋତଦାର, ନିର୍ଦ୍ଦେଶକ



" ପିଲାଦିନୁ ମୋ ପସନ୍ଦ ପୁଅ ପିଲା ଭଳି ନଥିଲା । ଏହା ମୋତେ ଖୁବ ଚିନ୍ତାରେ ପକାଇଥିଲା । ତେବେ ପରିବାରକୁ ନଜଣାଇ ତିନିବର୍ଷ ଧରି ଭଏସ୍ ଟ୍ରେନିଂ ମଧ୍ୟ ନେଇଛି ।

କରଣ ଜୋହର, ଫିଲ୍ମମେକର



" ଦର୍ଶକଙ୍କର ଏଭଳି ଭଲପାଇବା ସବୁବେଳେ ମୋତେ ଆଗକୁ ବଢିବାକୁ ପ୍ରେରଣା ଦେଇଥାଏ । ସେମାନଙ୍କ ଭଲପାଇବା ହିଁ ମୋ ପାଇଁ ସବୁକିଛି ।

ଶାହରୁଖ ଖାନ, ଅଭିନେତା

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ଭାରତ ସରକାର



# ଏକ ନୂତନ ଦିଗନ୍ତ ଆଡକୁ ଉଡୁଛି ଉତ୍ତରାଖଣ୍ଡର ପ୍ରଗତି ପଥ...

## ନରେନ୍ଦ୍ର ମୋଦୀ

### ପ୍ରଧାନମନ୍ତ୍ରୀ

**ନୈନୀ ସାଇନି ବିମାନବନ୍ଦର, ପିଥୋରାଗଡ଼କୁ ହାତକୁ ନେବାକୁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏବଂ ଉତ୍ତରାଖଣ୍ଡ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ଦେଖିବା ପାଇଁ**

### ଲାଭ

- ନୈନୀ ସାଇନି ବିମାନବନ୍ଦର, ପିଥୋରାଗଡ଼କୁ ଦଖଲ କରିବା ଦ୍ୱାରା ଏବେର ବିମାନବନ୍ଦରର ଭିତ୍ତିଭୂମି ସୁଦୃଢ଼ ହେବ ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡ ସୁଗମ ହେବ
- ଉତ୍ତରାଖଣ୍ଡର ସ୍ଥାନୀୟ କଳା ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ବାଣିଜ୍ୟ, ଯାତ୍ରା ଏବଂ ତୀର୍ଥଯାତ୍ରା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା
- ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଆତିଥ୍ୟ ଭଳି ପ୍ରମୁଖ କ୍ଷେତ୍ରକୁ ମଜବୁତ କରିବା ଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଉତ୍ତରାଖଣ୍ଡର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ

### ପିଥୋରାଗଡ଼ ବିମାନବନ୍ଦରର ପ୍ରମୁଖ ବୈଶିଷ୍ଟ୍ୟ

- ନୈନୀ ସାଇନି ବିମାନବନ୍ଦରର ମୋଟ ୭୦ ଏକର (ପ୍ରାୟ) ଜମି କ୍ଷେତ୍ରଫଳ ଏବଂ ଭିଡ଼ ସମୟରେ ୪୦ ଜଣ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ସକ୍ଷମ ଏକ ଟର୍ମିନାଲ କୋଠା ଅଛି ।
- ଏକ ସମୟରେ କ୍ଷେତ୍ରୀୟ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ୨ଟି ବିମାନ (କୋଡ୍-୨ଇ) ରଖିବା ପାଇଁ ସଜ୍ଜିତ ଆପ୍ରନ୍ ।
- ଏହି ବିକାଶ ଏହି ରଣନୈତିକ ହିମାଳୟ ଅଞ୍ଚଳରେ ସୁଗମ ଏବଂ ସ୍ଥାୟୀ ବିମାନ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ବିପର୍ଯ୍ୟୟ-ପ୍ରତିକ୍ରିୟା କ୍ଷମତାକୁ ଅଧିକ ଲାଭ ଦେବାକୁ ଦେଶର ଦୃଷ୍ଟିକୋଣକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି ।

### ଗରିମାମୟ ଉପସ୍ଥିତି

**ଲେଫ୍ଟନାଣ୍ଟ ଜେନେରାଲ ଗୁର୍‌ମିତ୍ ସିଂ**
ପିଭିଏସ୍ଏମ୍, ୟୁୱାଇଏସ୍ଏମ୍, ଏଭିଏସ୍ଏମ୍, ଭିଏସ୍ଏମ୍ (ଅବସରପ୍ରାପ୍ତ)
ରାଜ୍ୟପାଳ, ଉତ୍ତରାଖଣ୍ଡ

**ଶ୍ରୀଯୁକ୍ତ ପୁଷ୍କର ସିଂ ଧାମି**
ମୁଖ୍ୟମନ୍ତ୍ରୀ, ଉତ୍ତରାଖଣ୍ଡ

**ଶ୍ରୀଯୁକ୍ତ କିଞ୍ଜାରାପୁ ରାମମୋହନ ନାଇଡୁ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

**ଶ୍ରୀଯୁକ୍ତ ମୁରଲୀଧର ମୋହୋଲ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଓ ସମବାୟ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀଯୁକ୍ତ ଅଜୟ ଭଟ୍ଟ**
ପାର୍ଲାମେଣ୍ଟ ସଦସ୍ୟ
(ଲୋକସଭା)

**ଶ୍ରୀମତୀ କଳ୍ପନା ସାଇନି**
ପାର୍ଲାମେଣ୍ଟ ସଦସ୍ୟ
(ରାଜ୍ୟସଭା)

**ଶ୍ରୀଯୁକ୍ତ ମହେନ୍ଦ୍ର ଭଟ୍ଟ**
ପାର୍ଲାମେଣ୍ଟ ସଦସ୍ୟ
(ରାଜ୍ୟସଭା)

**ଶ୍ରୀଯୁକ୍ତ ନରେଶ ବଂଶଲ୍**
ପାର୍ଲାମେଣ୍ଟ ସଦସ୍ୟ
(ରାଜ୍ୟସଭା)

**ଶ୍ରୀଯୁକ୍ତ ଶିବ ଆରୋରା**
ବିଧାନସଭା ସଦସ୍ୟ

ରବିବାର, ୦୯ ନଭେମ୍ବର, ୨୦୨୫ ୧୨୩୦ ଘଟିକା ଡେରାଡୁନ, ଉତ୍ତରାଖଣ୍ଡ



ଡିଡି ନ୍ୟୁଜ୍‌ରେ ସିଧା ପ୍ରସାରଣ ଦେଖନ୍ତୁ

CBC 03111/15/0012/2526

# କେନ୍ଦ୍ରମନ୍ତ୍ରୀ ଅଠାୱାଲେଙ୍କ ଦୁଇ ବିଭାଗର ସମୀକ୍ଷା



ଭୁବନେଶ୍ବର (ସବ୍ୟୁ): ଶନିବାର ପୂର୍ବାହ୍ନ ୧୧ ଘଟିକା ସମୟରେ ଭାରତ ସରକରବଙ୍କ ସାମାଜିକ ମନ୍ତ୍ରଣାଳୟର ମନ୍ତ୍ରୀ, ରାମଦାସ ଅଠାୱଲେଙ୍କ ଅଧ୍ୟକ୍ଷତାରେ ୨ଟି ବିଭାଗର ଏକ ସମୀକ୍ଷା ବୈଠକ ରାଜ୍ୟ ଅତିଥି ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗକଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ବିଭାଗର ବିଭିନ୍ନ ସରକାରୀ ଯୋଜନା ଗୁଡିକର ଆଲୋଚନା କରିଥିଲେ । ଏହି ସମୀକ୍ଷା ବୈଠକରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗକଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ, ବି ପରମେଶ୍ବର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଶ୍ରୀମତୀ ରଜନୀ ଯାନୀ, ଓଏସଏଫଡିସିର ଜେନେରାଲ ମ୍ୟାନେଜର ତଥା ଉପ ଶାସନ ସଚିବ, ଶ୍ରୀମତୀ କୁମୁଦିନୀ ସୁବୁଦ୍ଧି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ଶାସନ ସଚିବ, ଭାସ୍କର ରଇତୋ, ଦୀପକ ରାଉତରାୟଙ୍କ ତଥା ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ ଡ୍ରିଲ ଅନୁଷ୍ଠିତ

ପୁରୀ, (ସବ୍ୟୁ) : ପୁରୀ ଘରୋଇ ବସଷ୍ଟାଣ୍ଡ ପରିସରରେ ଜିଲ୍ଲା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ମକ ଡ୍ରିଲ ଅନୁଷ୍ଠିତ ହୋଇଛି। ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ତତ୍ତ୍ୱାଧାନରେ ଅଗ୍ନିଶମ ବିଭାଗର ଆଗ୍ନିକ୍ ମାନେ ସମସ୍ତ ଅତ୍ୟାଧୁନିକ ଉପକରଣ ଧରି ପ୍ରଦର୍ଶନ କରିଥିଲେ। ବିଶେଷ କରି ବସଷ୍ଟାଣ୍ଡରେ କୌଣସି କାରଣରୁ ନିଆଁ ଲାଗିଲେ କିମ୍ବା ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ କିଭଳି ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇପାରିବ , ଯାତ୍ରୀ ମାନଙ୍କୁ ସୁରକ୍ଷିତ ଭାବେ ବସଷ୍ଟାଣ୍ଡ ପରିସରରୁ ବାହାର କରାଯାଇପାରିବ, କ୍ଷୟକ୍ଷତି କମ କରାଯାଇପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ କରାଯାଇଥିଲା।ଜିଲ୍ଲା ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି ମକ୍ ଡ୍ରିଲ୍ ସହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

# ଭୋଟ ଚୋର ଗାଦି ଛାଡ଼ କାର୍ଯ୍ୟକ୍ରମ ସମ୍ପନ୍ନ, କଂଗ୍ରେସ ଭବନରେ ଫ୍ଲାଗ ଅଫ୍

ଭୁବନେଶ୍ବର, (ସବ୍ୟୁ) : କଂଗ୍ରେସର ସର୍ବମାନ୍ୟ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଗତ ଅଗଷ୍ଟ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରମାଣ ଦେଇ, ନିର୍ବାଚନ ଆୟୋଗଙ୍କ ସହଯୋଗରେ ବ୍ୟାପକ ହେରଫେର ଓ ଭୋଟ ଜାଲିଆତି ହୋଇଥିବା ବର୍ଣ୍ଣନା କରିଥିଲେ । "ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାକି ନିର୍ବାଚନ ଜିଣିଛି ଦର୍ଶାଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲେ । ପରବର୍ତ୍ତୀ ସମୟରେ ଭୋଟ ଚୋରି ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ୩୫ ଗୋଟି ସାଂଗଠାନିକ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସାମ୍ବାଦିକ ସମ୍ମିଳନୀ କରାଯାଇ ସ୍କ୍ରିନିଂ କରାଯାଇଥିଲା । ବିଜେପିର ଏପରି ହୀନ ପଦକ୍ଷେପ ବିରୋଧରେ ଦେଶବ୍ୟାପୀ ସାଧାରଣରେ ନିନ୍ଦା କରାଯାଉଥିବା ସ୍ପଷ୍ଟ ହୋଇଛି ।

ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଆତ୍ମା "ଗଣତନ୍ତ୍ର' କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ଦଳ ଓ ଏହାର ନେତାଙ୍କୁ କଂଗ୍ରେସ ପକ୍ଷରୁ ସମାଲୋଚନା କରିବା ପାଇଁ ଏବଂ ଜନଜାଗରଣ ସୃଷ୍ଟି କରିବା ନିମନ୍ତେ ଏଆଇସିସି ପକ୍ଷରୁ ଭୋଟ ଚୋର ଗାଦି ଛାଡ଼ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପତ୍ର ପ୍ରଦାନ କରାଯାଇଥିଲା । ସେହିପରି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା । ଅନୁରୂପ ଭାବେ ସମଗ୍ର ଭାରତ ବର୍ଷରେ ସେପେଟମ୍ବର ୧୫ ତାରିଖରୁ ଅକେଟାବର ୧୫ ତାରିଖ ପର୍ଯ୍ୟନ୍ତ ୫ କୋଟି ଦସ୍ତଖତ ସଂଗ୍ରହ କରି ରାଷ୍ଟ୍ରପତିଙ୍କୁ ଦସ୍ତଖତ ଅଭିଯାନ ସମ୍ବଳିତ ଦାବିପତ୍ର ଦିଆଯିବାର ନିଷ୍ପତି ନିଆଯାଇଥିଲା । ଓପିସିସି ପକ୍ଷରୁ ଓ୍ୱାର ରୁମ୍ ଜରିଆରେ ଭୋଟ ଚୋର ଗାଦି ଛାଡ଼ ଦସ୍ତଖତ ଅଭିଯାନକୁ ଜୋରଦାର କରାଯାଇଥିଲା । ଏଥିରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ, ମହିଳା, ଛାତ୍ର, ସେବାଦଳ, ସମସ୍ତ ବିଭାଗ ଓ ପ୍ରକୋଷ୍ଠର କର୍ମକର୍ତ୍ତା ସାମିଲ ହୋଇ ଦସ୍ତଖତ ଅଭିଯାନକୁ ସଫଳ କରିଛନ୍ତି । ରାଜ୍ୟରୁ ମୋଟ ୧୨ ଲକ୍ଷ ୫୩୭ ଟି ଦସ୍ତଖତ ସଂଗ୍ରହ କରାଯାଇଛି । ଏହାକୁ ଏଆଇସିସି ପଠାଇବା ପାଇଁ ଶେଷରେ ଆଜି କଂଗ୍ରେସ ଭବନଠାରେ ବରିଷ୍ଠ କଂଗ୍ରେସ ମୁଖପାତ୍ର ତଥା ପିସିସି ଓ୍ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଦସ୍ତଖତ ଅଭିଯାନର ନଥିପତ୍ର ଫ୍ଲାଗ ଅଫ ଓ ଆଲୋଚନା କାର୍ଯ୍ୟକ୍ରମ ସହିତ ଏକ ନାଗରିକ ସଚେତନ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶରତ କୁମାର ରାଉତ, ସମୀର କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ସୁଜିତ ପାଢ଼ୀ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଭୋଟ ଚୋରୀ ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ଜିଲ୍ଲା ସଭାପତି ଗିରିବାଳା ବେହେରା, ଜଗତସିଂହପୁର ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କ ସମେତ ଶାନ୍ତନୁ ସାହୁ, ତରୁଣ ମିଶ୍ର, ଦୀପକ ମହାପାତ୍ର, ଜୟଶ୍ରୀ ପଟ୍ଟନାୟକ, ଅଶୋକ ଦାସ ଯୋଗ ଦେଇଥିବା ବେଳେ ଯୁବ କଂଗ୍ରେସ ନେତା ସୂର୍ଯ୍ୟକାନ୍ତ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସେବାଦଳ, ମହିଳା, ଯୁବ ଏବଂ ଛାତ୍ର କଂଗ୍ରେସର ବହୁ କର୍ମକର୍ତ୍ତା ସାମିଲ ଥିଲେ ।

# ପରିତ୍ୟକ୍ତ ଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ବାଲିଅନ୍ତା, (ସବ୍ୟୁ): ବାଳକାଟି ଫାଣ୍ଡି ପୁଲିସ ହୀରାପୁର ଖେଳପଡ଼ିଆ କୁଆଖାଇ ନଦୀ ପଠାରେ ମା' ବୁଢ଼ୀ ଠାକୁରାଣୀଙ୍କ ନିକଟରେ ଥିବା ଏକ ପରିତ୍ୟକ୍ତ ଘର ଶନିବାର ଦିନ ଜଣେ ଯୁବକଙ୍କ ଝୁଲନ୍ତାମୃତଦେହ ଉଦ୍ଧାର କରିଛି । ଯୁବକ ଜଣଙ୍କ ବେକରେ ଗାମୁଛା ବାନ୍ଧି ଘରର ଏକ ଝରକାରେ ଝୁଲିପଡ଼ିଥିବା ଦେଖାଯାଇଥିଲା ପାରିପାର୍ଶିକ ସ୍ଥିତିରୁ ଏହା ଏକ ଆତ୍ମହତ୍ୟା ବୋଲି ଜଣାପଡଛି । ମୃତ ଯୁବକ ଜଣଙ୍କ ହୀରା ପୁର ଗ୍ରାମ ତଳସାହିର ପିତାମ୍ବର ସାହୁଙ୍କ ସାନପୁଅ ନିରାକାର ସାହୁ ବୋଲି କୁହାଯାଇଛି । ନିରାକାର ଜଣେ ଗାଡି ଚାଳକ । ଖବରନେବାରେ ଜଣାପଡିଛି ଶନିବାର ସକାଳ ପ୍ରାୟ ୯ ଟାରେ ମା' ବୁଢ଼ୀ ଠାକୁରାଣୀଙ୍କ ପୂଜକ ପୂଜା କରିବାକୁ ଆସିଥିଲେ । ଏହି ସମୟରେ ନିକଟରେ ଥିବା ଉକ୍ତ ଘରେ ନିରାକାରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଖବରପାଇ ବାଳକାଟି ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ୨୮ /୨୫ କେଶ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଶେଷରେ ଗାଁ ଶ୍ମଶାନରେ ନିରାକାରଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

## ସିଇଓଙ୍କ ନିକଟରେ ବିଜେଡିର ଅଭିଯୋଗ

# ନିର୍ବାଚନ ବେଳେ ନୂଆ ପ୍ରକଳ୍ପ ଘୋଷଣା କରୁଛନ୍ତି ମନ୍ତ୍ରୀ ଓ ନେତା

ଭୁବନେଶ୍ବର, (ସବ୍ୟୁ): କ୍ଷମତାରେ ଅନ୍ଧ ପାଲଟି ଯାଇଥିବା ବିଜେପି ସରକାର, ନୂଆପଡ଼ା ଉପନିର୍ବାଚନରେ ଆଇନ ଭାଙ୍ଗିବାକୁ ପଛାଉ ନାହିଁ । ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ, ଆଉ ବିଜେପି ନିଜର



ବେଆଇନ୍ କାର୍ଯ୍ୟଧାରା ଜାରି ରଖିଛି । ଆଦର୍ଶ ଆଚରଣ ବିଧିକୁ ଉଲ୍ଲଘଂନ କରି ମନ୍ତ୍ରୀ ଓ ବିଜେପି ନେତା ନୂଆ ପ୍ରକଳ୍ପ ଘୋଷଣା କରୁଛନ୍ତି । ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ବିଜେପି କୌଣସି ସୁଯୋଗ ହାତଛଡ଼ା କରୁନାହିଁ କିମ୍ବା ସରକାରୀ କଳର ଅପବ୍ୟବହାର ବନ୍ଦ କରୁନାହିଁ । ଆଜି ଧାରାବାହିକ ଭାବେ ବିଜେଡି ଗୁରୁତର ଅଭିଯୋଗ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହାଜର ହୋଇ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ କାର୍ଯ୍ୟାନୁଷ୍ଠାନ ପାଇଁ ପୁନଃ ନିବେଦନ କରିଛି । ବିଜେଡି ଅଭିଯୋଗ କରିଛି ଯେ, ନିର୍ବାଚନ ପ୍ରଚାର ପାଇଁ ନୂଆପଡ଼ା ଆସୁଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବେଶ ଓ ବିମାନ ପରିଚାଳନା ନିୟମକୁ ଉଲ୍ଲଂଘନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ସୁନାବେଡା ସଂରକ୍ଷିତ ବନ୍ୟଜୀବ ଅଭୟାରଣ୍ୟ ଉପରେ ଉଡ଼ି ନିର୍ବାଚନ ପ୍ରଚାର କରିଛନ୍ତି । ନିର୍ବାଚନ ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ବନ୍ୟପ୍ରାଣୀ ଓ ଅଭୟାରଣ୍ୟ ସୁରକ୍ଷା ଆଇନକୁ ଭାଙ୍ଗିଛନ୍ତି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ସଭା ପାଇଁ ନୂଆପଡାର ଜାତୀୟ ରାଜପଥ ନଂ ୩୫୩କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି । ଏହା ବିରୋଧରେ ନିର୍ବାଚନ ଆୟୁକ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦଳ ଦାବି କରିଛି । ବିଜେଡି ଅଭିଯୋଗ କରିଛି ଯେ, ଉପନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଥିବା ବେଳେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ବିଜେପି ନେତା ଅରିନ୍ଦମ ରାୟ କୋମନା ବ୍ଲକ୍ ଅଧୀନ ମଥିଆପାଦର ଗ୍ରାମରେ ନୂଆ ରାସ୍ତା ନିର୍ମାଣ ପ୍ରକଳ୍ପ ଘୋଷଣା କରିବା ସହ ତୁରନ୍ତ କାମ ଆରମ୍ଭ କରିଦେଇଛନ୍ତି । ବିଦ୍ୟୁତ ଖୁଣ୍ଟି, ସାଇନ ବୋର୍ଡ ଓ ଜାତୀୟ ରାଜପଥରେ ଅବୈଧ ଭାବରେ ଅଭିଯାନ ପୋଷ୍ଟର ଓ ବ୍ୟାନର ଲଗାଯାଉଛି । ପୂର୍ବରୁ ଏପରି ଅଭିଯୋଗ ହୋଇଥିଲେ ସୁଦ୍ଧା କିଛି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ସେହିପରି ବିଜେପି ନେତା ଓ କର୍ମକର୍ତ୍ତାମାନେ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ମୋଙ୍ଗରାପାଲିର ୱାର୍ଡ ନଂ ୧୫ ଓ ୧୭ ସ୍ଥିତ ମତଦାନ ପାଇଁ ଉର୍ଦ୍ଦିଷ୍ଟ ବୁଥ ନଂ ୭୪ ଓ ୭୬ ସମ୍ମୁଖରେ ଅସ୍ଥାୟୀ ଦଳୀୟ କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି । ଏହାଦ୍ୱାରା ଭୋଟରମାନଙ୍କୁ ପ୍ରଭାବିତ କରିବାର ଆଶଙ୍କା ରହିଛି । ତେଣୁ ଏସବୁ ଦଳୀୟ କାର୍ଯ୍ୟାଳୟକୁ ଉଚ୍ଛେଦ ପାଇଁ ବିଜେଡି ଦାବି କରିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟିବାକୁ ଯାଇଥିବା ବିଜେଡି ପ୍ରତିନିଧି ମଣ୍ଡଳୀରେ ଡ଼ ଲେନିନ ମହାନ୍ତି, ସୁଲତା ଦେଓ, ମିହିର ରାୟ, ନାରାୟଣ ଜେନା, ରୀତାଞ୍ଜଳି ପ୍ରଧାନ, ଶ୍ରୀମତୀ ଜ୍ୟୋସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ୍ ଥିଲେ ।

## ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଜନଜାତୀୟ ଗୌରବ ବର୍ଷ ପାଳନ

# ୧୫ ନଭେମ୍ବର ଯାଏଁ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ବର, (ସବ୍ୟୁ): ଚଳିତ ବର୍ଷ ଜନଜାତୀୟ ଗୌରବ ବର୍ଷ ଉତ୍ସବ ପାଳନ ୧ ନଭେମ୍ବରରୁ ୧୫ ନଭେମ୍ବର ଯାଏଁ ସମଗ୍ର ଦେଶରେ ପାଳନ କରାଯାଉଛି । ଭାରତର ସମୃଦ୍ଧ ଆଦିବାସୀ ଐତିହ୍ୟ, ସଂସ୍କୃତି ଏବଂ ରାଷ୍ଟ୍ର ନିର୍ମାଣରେ ଅବଦାନକୁ ସମ୍ମାନିତ କରିବା ପାଇଁ ସାରା ଦେଶରେ ଏହି ଉତ୍ସବ ପାଳନ କରାଯାଉଛି । ଏହିକ୍ରମରେ ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ କରାଯାଉଛି ।



ଏହି ଉପଲକ୍ଷେ ସ୍ୱତନ୍ତ୍ର ଭଗବାନ ବିର୍ସା ମୁଣ୍ଡା ପ୍ୟାଭିଲିୟନ, ବିର୍ସା ମୁଣ୍ଡାଙ୍କ ଜୀବନ ଏବଂ ସଂଘର୍ଷ ଆଧାରିତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ରାଜ୍ୟର ଜନଜାତି ସମୁଦାୟଙ୍କ ଜୀବନ ଓ ସଂସ୍କୃତି ଆଧାରିତ ଫଟୋ ପ୍ରଦର୍ଶନୀ, କୁଲିସ୍ ଜନଜାତିଙ୍କ ଦ୍ୱାରା ବସ୍ତ୍ର ତିଆରି କଳାର ପ୍ରଦର୍ଶନୀ, ଜୁଆଙ୍ଗ ଜନଜାତି ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଏବଂ ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ର ଛାତ୍ରୀମାନଙ୍କ ପାଇଁ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ବୁଲି ଦେଖିବାର କାର୍ଯ୍ୟକ୍ରମ ଇତ୍ୟାଦି ଆୟୋଜନ କରାଯାଇଅଛି । ଭାରତ ସରକାରଙ୍କ ଦ୍ୱାରା ୧୫ ନଭେମ୍ବର ୨୦୨୪ ରୁ ୧୫ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଜନଜାତୀୟ ଗୌରବ ବର୍ଷ ଭାବେ ଘୋଷଣା କରାଯାଇଥିଲା ।

## ଆର୍.ଆର୍. କଲୋନୀ, ପଣ୍ଡୋଲେଇ ଠାରେ ଦୋକାନ ଗୃହ ଉଦ୍‌ଘାଟନ



ଭୁବନେଶ୍ବର (ସବ୍ୟୁ): ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଦ୍ୱାରା ଆର୍ ଆର୍ କଲୋନୀ ପଣ୍ଡୋଲେଇ ଠାରେ ତିଆରି କରାଯାଇଥିବା ଦୋକାନ ଗୃହର ଉଦ୍‌ଘାଟନ କରାଯାଇଥିଲା। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଦ୍ୱାରା ୬ ଟି ଦୋକାନ ଗୃହ ତିଆରି କରାଯାଇଛି । ଏହି ଦୋକାନ ଗୃହ କୁ କଲୋନୀ ର ମହିଳା ସ୍ୱୟ ସହାୟକ ଗୋଷ୍ଠୀ କୁ ହସ୍ତାନ୍ତର କରାଯାଇଛି । ଏହା ହେବାଦ୍ୱାରା କଲୋନୀ ଜନସାଧାରଣ ସୁବିଧାରେ ନିଜର ଆବଶ୍ୟକୀୟ ସାମଗ୍ରୀ ଏହି ଦୋକାନ ମାନଙ୍କରେ ଉପଲବ୍ଧ ରହିବ । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ରେ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର , କମର୍ସିଆଲ ର ମୁଖ୍ୟ ଅମିତ୍ ପଣ୍ଡା ଓ ସି.ଏସ.ଆର୍ ଟିମ୍ , ଓ ଗ୍ରାମ ବାସୀ ଉପସ୍ଥିତ ଥିଲେ ।, ଏହି କାର୍ଯଟି କୁ ସି.ଏସ.ଆର ମୁଖ୍ୟ ଶ୍ରୀଯୁକ୍ତ ରବି ନିୱାସ ଓ ଉପ ପ୍ରବନ୍ଧକ ମନୋରଂଜନ ବେହେରା ପରିଚାଳନା କରିଥିଲେ । ପରିଶେଷରେ ଆଦିତ୍ୟ ଆଲୁମିନିୟମ ର ଏଭଳି କାର୍ଯ ପାଇଁ ଜନସାଧାରଣ ପ୍ରଶଂସା କରିଥିଲେ ।

# ଜିଲ୍ଲା ଆଶା କର୍ମୀ ସଂଘର ଚତୁର୍ଥ ବାର୍ଷିକ ଜିଲ୍ଲା ସମ୍ମିଳନୀ

ପୁରୀ, (ସବ୍ୟୁ): ପୁରୀ ଜିଲ୍ଲା ଆଶା କର୍ମୀ ସଂଘ୍ର ଚତୁର୍ଥ ବାର୍ଷିକ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ହୋଇଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆଶା କର୍ମୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା ବେଳେ ଓଡ଼ିଶାରେ ଆଶା କର୍ମୀମାନେ ଦୀର୍ଘ ବର୍ଷ ହେବ ଅବିଚ୍ଛିନ୍ନ ଭାବେ ସ୍ୱାସ୍ଥ୍ୟ ସେବା ଯୋଗାଇ ଆସୁଛନ୍ତି। କିନ୍ତୁ ଏମାନଙ୍କୁ ଏପର୍ଯ୍ୟନ୍ତ ସର୍ବନିମ୍ନ ମଜୁରୀ ମିଳି ନାହିଁ। ଅନ୍ୟ ରାଜ୍ୟରେ ଆଶା କର୍ମୀଙ୍କ ପ୍ରୋତ୍ସାହନ ରାଶି ସହ ଦରମା ବୃଦ୍ଧି କରାଯାଇଛି। ଓଡ଼ିଶାରେ ରାଜ୍ୟ ସରକାର ଆଶା କର୍ମୀଙ୍କୁ ସର୍ବନିମ୍ନ ମାସିକ ୨୬ ହଜାର ଟଙ୍କା ପ୍ରଦାନ ପାଇଁ ଜିଲ୍ଲା ସମ୍ମିଳନୀରେ ଆଲୋଚନା କରାଯାଇଛି । ଓଡ଼ିଶା ଆଶା କର୍ମୀ ଆସୋସିଏସନ୍, ସିଆଇଟିୟୁ ପୁରୀ ଜିଲ୍ଲା ଶାଖାର ଏହି ସମ୍ମିଳନୀରେ ଓଡ଼ିଶା ଆଶା କର୍ମୀ ଆସୋସିଏସନ ପୁରୀ ଜିଲ୍ଲା ସଭାପତି ପୀତବାସ ବେହେରା, ସଭାନେତ୍ରୀ ଶୈଳବାଳା ତ୍ରିପାଠୀ ,ସମ୍ପାଦିକା ଜ୍ୟୋସ୍ନାରାଣୀ ସୁବୁଦ୍ଧି , ସିଆଇଟିୟୁ ଜିଲ୍ଲା ସମ୍ପାଦକ ଶରତ ରାୟଗୁରୁ ପ୍ରମୁଖ ଯୋଗ ଦେଇଥିଲେ।

## ନିର୍ବାଚନ ଅଧିକାରୀଙ୍କ ତାଗିଦ୍

# ସୋସିଆଲ ମିଡିଆରେ ବିଭ୍ରାନ୍ତିକର ସୂଚନା ପ୍ରଚାର ପ୍ରସାର କରନ୍ତୁ ନାହିଁ

ଭୁବନେଶ୍ବର, (ସବ୍ୟୁ): ଏକ ଜାତୀୟ ଦଳର ଜଣେ ବିଶିଷ୍ଟ ନେତା ଏବଂ ସେହି ଦଳର ଜଣେ ନିର୍ବାଚିତ ବିଧାୟକଙ୍କ ସମ୍ପର୍କରେ ଏକ ବିଭ୍ରାନ୍ତିକର ଫଟୋ ଏ.ଆଇ. ବ୍ୟବହାର କରି ପ୍ରସ୍ତୁତ କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିଗୋଚର ହୋଇଛି। ସୋସିଆଲ ମିଡିଆର ଏକ ପ୍ଲାଟଫର୍ମରେ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏହି ଫଟୋ ପୋଷ୍ଟ କରାଯାଇଥିବା ଚିହ୍ନଟ ହୋଇଛି। ଏହି ପୋଷ୍ଟକୁ ଯାଞ୍ଚ ପରେ ଏହା ମିଥ୍ୟା ଏବଂ ଭ୍ରାନ୍ତିକର ବୋଲି ଜଣାପଡ଼ିଛି। ଏଭଳି ବିଭ୍ରାନ୍ତିକର ସୂଚନାର ପ୍ରଚାର ପ୍ରସାର ଅବାଧ ଏବଂ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଘଟଣାକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି । ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ ଏଭଳି ବିଭ୍ରାନ୍ତିକର ସୂଚନା ଅନ୍ୟମାନଙ୍କୁ ପଠାଇବାରୁ ନିବୃତ୍ତ ରୁହନ୍ତୁ, କାରଣ ଏହା ଦ୍ୱାରା ଆପଣଙ୍କ ପାଇଁ ଗମ୍ଭୀର ପରିଣାମ ସୃଷ୍ଟି ହୋଇପାରେ । ନୂଆପଡ଼ା ବିଧାନସଭା ଉପନିର୍ବାଚନର ମତଦାନ ନଭେମ୍ବର ୧୧ ତାରିଖରେ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନ ସମ୍ପର୍କୀୟ କୌଣସି ସୂଚନା ଅନ୍ୟ କାହାକୁ ପଠାଇବା ପୂର୍ବରୁ ତାହାର ସତ୍ୟତା ଯାଞ୍ଚ କରିବାକୁ ଅନୁରୋଧ । ଦୟାକରି ସୋସିଆଲ ମିଡିଆକୁ ସତର୍କତାର ସହିତ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ। ଏକ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତଙ୍କର ଆନ୍ତରିକ ସହଯୋଗ କାମନା କରିଛନ୍ତି। ଭ୍ରାନ୍ତିକର ସୂଚନା ଓ ଫୋଟୋର ପ୍ରଚାର ପ୍ରସାରରୁ ନିବୃତ ରହିବାକୁ ପୁନଶ ଅନୁରୋଧ।

## ଷ୍ଟେଟ ବ୍ୟାଙ୍କ ଜ୍ଞାନର୍ଜନ ଓ ବିକାଶ କେନ୍ଦ୍ରଦ୍ୱାରା

# ଏକାମ୍ର କ୍ଷେତ୍ରରେ ସାଇବର ସଚେତନତା ଅଭିଯାନ

ଭୁବନେଶ୍ବର (ସବ୍ୟୁ): ଷ୍ଟେଟ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ପ୍ରଶିକ୍ଷଣ ନେଉଥିବା ପାହାଲସ୍ଥିତ କେନ୍ଦ୍ର ଦ୍ୱାରା ପ୍ରାୟ ୭୦ ଜଣ ପ୍ରଶିକ୍ଷାର୍ଥୀ ଆଜି ସକାଳୁ ମୁକ୍ତେଶ୍ୱର



ମନ୍ଦିର ନିକଟ ରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ସେମାନଙ୍କୁ ଗାଇଡ଼ ଙ୍କ ଦ୍ୱାରା ଏକାମ୍ର କ୍ଷେତ୍ରର ଗୌରବମୟ ଐତିହ୍ୟ ସମ୍ବନ୍ଧିୟ ସୂଚନା ପ୍ରଦାନ କରାଯିବା ସହିତ ଆଗାମୀ ପିଢ଼ିଙ୍କୁ ଆମ ଐତିହ କିର୍ତ୍ତୀରାଜି ଗୁଡିକ ର ସଂରକ୍ଷଣ ନିମନ୍ତେ ଯତ୍ନ ବାନ ହେବାକୁ ପରାମର୍ଶ ଦିଆଯାଇଥିଲା । ଏହାପରେ ପ୍ରଶିକ୍ଷାର୍ଥୀ ମାନେ ଏକ ରାଲି ରେ ପ୍ଲାକାର୍ଡ ମାଧ୍ୟମରେ ସାଇବରଠକେଇ ରୁ ରକ୍ଷା ପାଇବା ନିମିତ୍ତ ଭାରତ ସରକାର ଙ୍କ ସମେତ ରାଜ୍ୟ ପୋଲିସ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସର୍ବସାଧାରଣ ଙ୍କୁ ଅବଗତ କରାଇ ଥିଲେ ।

ଷ୍ଟେଟବ୍ୟାଙ୍କ ଭୁବନେଶ୍ୱରମଣ୍ଡଳ ର ଚଳିତ ବିତ୍ତ ବର୍ଷ ରେ ନୂତନ ଭାବେ ଯୋଗ ଦେଇଥିବା କନିଷ୍ଠ ସହାୟକ (ଜୁନିଅର ଆସୋସିଏଟ )ବର୍ଗ ର ୩୦୦ ଜଣ ଙ୍କ ମଧ୍ୟ ରୁ ୪୮ ଜଣ ଓ ସଦ୍ୟ ପଦୋର୍ଣ୍ଣତ୍ତୀ ପାଇଥିବା ୨୫ ଜଣ ପ୍ରଶିକ୍ଷିୟୁ ଅଧିକାରୀମାନେ ପର୍ଶୁରାମେଶ୍ୱର, ମୁକ୍ତେଶ୍ୱର, କେଦାରଗୌରୀ ,କୋଟି ତୀର୍ଥ ମାର୍ଗ ଦେଇ ବିନ୍ଦୁସାଗର, ଅନନ୍ତ ବାସୁଦେବ ମନ୍ଦିର, ଲିଙ୍ଗରାଜ ମନ୍ଦିର ସମ୍ମୁଖସ୍ଥ ଦେବିପାଦହରା ପୁଷ୍କରିଣୀ ନିକଟରେ ଯାତ୍ରା ଶେଷ କରିଥିଲେ। ଏହି କାର୍ଯ୍ୟକ୍ରମ ଟି କୁ ଭାରତୀୟ ଷ୍ଟେଟ ବ୍ୟାଙ୍କ, ପାହଲ ସ୍ଥିତ କର୍ମଚାରୀ ପ୍ରସିକ୍ଷଣ କେନ୍ଦ୍ର ର ନିର୍ଦ୍ଦେଶକ ଶ୍ରୀ ବିଜୟ କୁମାର ମହାନ୍ତି ଙ୍କ ନେତୃତ୍ୱ ରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ଅଶ୍ୱିନି କୁମାର ସାହୁ, ଶରତ ମେହେର, ନବୀନ ପଟନାୟକ ଓ ବିଶ୍ୱ ରଞ୍ଜନ ଭୋଇ ଙ୍କ ସମେତ ପ୍ରଶିକ୍ଷଣ କେନ୍ଦ୍ର ର ସଦସ୍ୟ ମାନେ ସହଯୋଗ କରିଥଲେ। ଉକ୍ତ କାର୍ଯ୍ୟକ୍ରମ ରେ କିଶୋର ଚନ୍ଦ୍ର ଦାଶ, ସହାୟକ ମହାପ୍ରବନ୍ଧକ,ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ତରଫରୁ ଯୋଗ ଦେଇ ଯୁବ ପ୍ରାଶିକ୍ଷାର୍ଥୀ ଙ୍କୁ ପରିବେଶ ଓ ଐତିହକୀର୍ତ୍ତିରାଜି ର ସୁରକ୍ଷା ତଥା ସାଇବର ଠକେଇ ରୋକିବା ନିମନ୍ତେ ପ୍ରଯୁକ୍ତି ବିଦ୍ୟା ର ଉପଯୁକ୍ତ ବିନିଯୋଗ କରି ଜନସାଧାରଣ ଙ୍କୁ ତ୍ୱରିତ ସେବା ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ।

# ନଗର ପରିକ୍ରମା ଓ ଗ୍ରନ୍ଥ ଲୋକାର୍ପଣ

ଖୋର୍ଦ୍ଧା, (ସବ୍ୟୁ) : ଶନିବାର ପ୍ରତି ବର୍ଷ ପରି ଶ୍ରୀ ଚୈତନ୍ୟ ରିସର୍ଚ ଆସୋସିଏସନ୍ ତରଫରୁ ଭକ୍ତି ଦୟିତ୍ ବୋଧାୟନ୍ ମହାରାଜଙ୍କ ସଂଯୋଜନା ରେ ଖୋର୍ଦ୍ଧା ନଗର ପରିକ୍ରମା ଶ୍ରୀ ଚୈତନ୍ୟ ବିହାର ରୁ ବାହାରି ଗଡ ଖୋର୍ଦ୍ଧା ଶ୍ରୀଜଗନ୍ନାଥ ଙ୍କ ଲୀଳା କ୍ଷେତ୍ର, ଜିଲ୍ଲାପାଳ ଛକ, ନୁଆ ବସ୍‌ଷ୍ଟାଣ୍ଡ ର ବିଭିନ୍ନ ମଠ ମନ୍ଦିର ପରିକ୍ରମା କରିଥିଲେ। ଏହି ପରିକ୍ରମା କାର୍ଯ୍ୟକ୍ରମକୁ ଅନନ୍ତ ହରି ଦାସ ଙ୍କ ନେତୃତ୍ୱରେ ବହିର୍ଗତ ହୋଇ ଶ୍ରୀ ଚୈତନ୍ୟ ବିହାର କୁ ପ୍ରତ୍ୟାବର୍ତ୍ତନ୍ ପରେ ୩ଗୋଟି ଚୈତନ୍ୟ ଚାଳିଶା ଆସୋସିଏସନ୍ ପକ୍ଷରୁ ପ୍ରକାଶ କରାଯାଇ ଲୋକାର୍ପିତ ହେବା ସହ ଭକ୍ତ ମାନଙ୍କ ଦ୍ୱାରା ସାମୁହିକ ପାରାୟଣ୍ ହେବା ସହ କୀର୍ତ୍ତନ୍ କରାଯାଇଥିଲା। ଶ୍ରୀ ଗୌର ଜଗନ୍ନାଥଙ୍କ ମଦ୍ଧ୍ୟାନ୍ ଭୋଗରତି ପରେ ସମସ୍ତଙ୍କୁ ଭଗବତ ପ୍ରସାଦ ବିତରଣ କରାଯାଇଥିଲା। ଏଥିରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା, ଜନାକୀ ବଲ୍ଲଭ ପଟ୍ଟନାୟକ, ଜଗଦୀଶ ପଟ୍ଟନାୟକ, ଜୟ ନାରାୟଣ ପଟ୍ଟନାୟକ, ଯୁଧିଷ୍ଠିର ଛୁଆଳସିଂହ, କାଦମ୍ବିନୀ ସାମନ୍ତରାୟ, ସୁସଂଗିତା ପଟ୍ଟନାୟକ, ବନ୍ଦୀତା ରାଣୀ ପଟ୍ଟନାୟକ, ପ୍ରବଚକ ହାଲୁ ପ୍ରଧାନ, ଅଶୋକ ରଣା, ବ୍ରଜ ବାବା ପ୍ରମୁଖ ଯୋଗ ଦେଇଥିଲେ। ଶ୍ରୀ ସାଗର ମହାରାଜଙ୍କ କୀର୍ତ୍ତନ୍ ମଣ୍ଡଳୀ, ରାଧା ବଲ୍ଲଭ କୀର୍ତ୍ତନ୍ ମଣ୍ଡଳୀ, କୁଞ୍ଜ ବିହାରୀ କୀର୍ତ୍ତନ୍ ମଣ୍ଡଳୀ ଇତ୍ୟାଦି ଶତାଧିକ ଭକ୍ତ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଜୟନାରାୟଣ ପଟ୍ଟନାୟକ ସଂଯୋଜନା କରିଥିଲେ।

# ନିସ୍ ହାକାଥନ୍ -୨୦୨୫ ଉଦ୍‌ଯାପିତ

ଭୁବନେଶ୍ବର, (ସବ୍ୟୁ) : ସ୍ଥାନୀୟ ମଦନପୁର ସ୍ଥିତ ନିସ୍ ଇନ୍‌ଷଟିଚ୍ୟୁଟ ଅଫ ବିଜନେସ ଆଡମିନିଷ୍ଟ୍ରେସନ ପରିସରରେ ଦୁଇ ଦିବସୀୟ ନିସ୍ ହାକାଥନ୍ ଅନୁଷ୍ଠିତ ହୋଇଯାଇଛି । କୃଷି କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଣାଳୀର ଉପଯୋଗୀତା ଓ ଏହାର ବିନିଯୋଗକୁ ୨୪ ଘଣ୍ଟିଆ କମ୍ପ୍ୟୁଟର କୋଡିଂ ମାରାଥନ ପ୍ରଣାଳୀରେ ଛାତ୍ରଛାତ୍ରୀମାନଙ୍କୁ ଡିଜିଟାଲ୍ କୃଷିକ୍ଷେତ୍ରରେ ନବଉଥାନ, ଦଳୀୟ କାର୍ଯ୍ୟ ଦକ୍ଷତା ଏବଂ ସମସ୍ୟାର ସମାଧାନକୁ ପ୍ରୋତ୍ସାହିତ କରିବା ପାଇଁ ଶିକ୍ଷାଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀଶ୍ରୀୟୁନିଭରସିଟିର ପ୍ରଫେସର ଡଃ ଚିନ୍ମୟ ନାୟକ, ଆଇସିଏଫଆଇ ପ୍ରଫେସର ଡଃ ସନ୍ଦୀପ ପଣ୍ଡା, ରେଭେନ୍ସା ୟୁନିଭରସିଟିର କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଡଃ ଓମ ପ୍ରକାଶ ଜେନା, ଏଲ୍‌ଆଣ୍ଡଟିର ଓଡିଶା ପ୍ରୋଜେକଟ ହେଡ୍ ଆଦ୍ୟାନ୍ ବଳ, ଉତ୍କଳର କାର୍ଯ୍ୟନିର୍ବାହୀ ଅଧିକାରୀ ଆକାଶ ଜୟୱାଲ ଓ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ ଚନ୍ଦ୍ର ଶେଖର



ରାଓ ପ୍ରମୁଖ ଯୋଗଦେଇ କୃଷି କ୍ଷେତ୍ରରେ ଡିଜିଟାଲ କମ୍ପ୍ୟୁଟର କୋଡିଙ୍ଗ୍ ମାରାଥନ୍ ବିଷୟରେ ଛାତ୍ର ଛାତ୍ରୀମାନଙ୍କୁ ଅତ୍ୟାଧୁନିକ ପ୍ରଣାଳୀର ଉପଯୋଗୀତା ଓ ଏହାର ବିନିଯୋଗ ପ୍ରଣାଳୀର ତାତ୍ପର୍ଯ୍ୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକଟର ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଡଃ ରାଜେସ୍ ସାଇଁ, ଡେପୁଟି ଡାଇରେକଟର ଡଃ ଦୁଷ୍ମନ୍ତ କୁମାର ପଟ୍ଟନାୟକ, କମ୍ପ୍ୟୁଟର ସାଇନ୍ସ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଭାକର ମିଶ୍ର ଓ ଡଃ ଶ୍ରଦ୍ଧାଞ୍ଜଳୀ ନାୟକଙ୍କ ସମେତ ସମସ୍ତ ଅଧାପକ, ଅଧାପିକା ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଉକ୍ତ ହାକାଥନ ପ୍ରୋଗ୍ରାମ ଶିକ୍ଷାନୁଷ୍ଠାନର ଟ୍ରଷ୍ଟି ସାଇ ସମ୍ବିତ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବୋଲି ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରକାଶ କରିଛନ୍ତି ।

# ମେଳା ବୁଲିବାକୁ ଆସିଥିବା ନାବାଳକଙ୍କୁ ଛୁରାମାଡ଼

## ଗୁରୁତର ଅବସ୍ଥାରେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ

ବାରିପଦା, (ସବ୍ୟୁ) : ଜଗଦ୍ଧାତ୍ରୀ ମେଳା ବୁଲିବାକୁ ଆସିଥିବା ଜଣେ ନାବାଳକଙ୍କୁ ଛୁରାମାଡରେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହିପରି ଅଭାବନୀୟ ଘଟଣା ଘଟିଛି ବାରିପଦା ସହରର ଭଞ୍ଜପୁର ରେଲୱେ ଷ୍ଟେସନ୍ ନିକଟରେ। ଗୁରୁତର ଆହତ ନାବାଳକ ଜଣକ ବୁଡାମରା ଅଞ୍ଚଳର ଆକାଶ ନାୟକ(୧୬) ବୋଲି ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ଶୁକ୍ରବାର ବିଳମ୍ବିତ ରାତିରେ ଭଞ୍ଜପୁରରେ ଅନୁଷ୍ଠିତ ହେଉଥିବା ଜଗଦ୍ଧାତ୍ରୀ ମେଳା ବୁଲିବାକୁ ବୁଡାମର ଗ୍ରାମର କିଛି ନାବାଳକ ଆସିଥିବାବେଳେ ତାଙ୍କ ସହ ସ୍ଥାନୀୟ ଅଞ୍ଚଳର କିଛି ଯୁବକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏହି ଯୁକ୍ତିତର୍କରୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ତାଙ୍କୁ ପାଟିତୁଣ୍ଡ କରିବା ସହ ମାଡ ମାରିଥିଲେ। ଏପରିକି ଦୁର୍ବୃତ୍ତ ମାନେ ଏକ ଛୁରୀରେ ତାଙ୍କୁ ଆକ୍ରମଣ କରିଥିଲେ। ଷ୍ଟେସନ ପାଖରେ ମେଳା ହେଉଥିବାରୁ ହଜାର ହଜାର ଲୋକଙ୍କ ଭିଡ ଜମୁଛି। ଭିଡକୁ ଦୃଷ୍ଟିରେ ରଖି ଜିଆରପି ପୁଲିସ ମୁତୟନ କରାଯାଇଛି। ଛୁରାମାଡ ଖବର ପାଇ ଜିଆରପି ପୁଲିସ ରକ୍ତାକ୍ତନାବାଳକଙ୍କୁ ଉଦ୍ଧାର କରି ବାରିପଦା ମେଡିକାଲରେ ଭର୍ତ୍ତି କରାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଏହି ଘଟଣାରେ ବାରିପଦା ଜିଆରପି ଥାନାରେ ଏକ ମାମଲା ରୁଜୁ କରାଯାଇ ଏହାର ତଦନ୍ତ ଆରମ୍ଭ କରାଯାଇଛି ।

# ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା

## ତନୁଜା ମହାନ୍ତଙ୍କୁ ରୌପ୍ୟ ପଦକ, ରାଜଲକ୍ଷ୍ମୀ ନାଏକ ଓ ରାନୀ ମାରାଣ୍ଡିଙ୍କୁ ବ୍ରୋଞ୍ଜ

ବାରିପଦା, (ସବ୍ୟୁ) : ଓଡିଶା ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଚଳିତ ନଭେମ୍ବର ମାସ ୬ ରୁ ୮ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲା ସ୍ଥିତ ଡାଃ ଝସକେତନ ସାହୁ ସନ୍ତରଣାଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜେନେରାଲ ମ୍ୟାନେଜର ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁରର ପିଇଟି ହେମନ୍ତ କୁମାର ଜେନା, ବାଳକ ଟିମ ମ୍ୟାନେଜର ଭାବେ ରାଜାବସା ଉଚ୍ଚ ବିଦ୍ୟାଳୟର ପିଇଟି ପରୀକ୍ଷିତ ହେମ୍ବ୍ରମ ଓ ବାଳିକା ଟିମ ମ୍ୟାନେଜର ଭାବେ ମାଦୁର୍ଗା ବାଳିକା ଉଚ୍ଚ ବିଦ୍ୟାଳୟ, ଲାଲଗଞ୍ଜର ପିଇଟି ଜ୍ୟୋତିର୍ମୟୀ




ଦାସ ମହାପାତ୍ରଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାରୁ ସନ୍ତରଣ ପ୍ରତିଯୋଗୀମାନେ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ମହାରାଣୀ ତଖତ କୁମାରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାରିପଦାର ଛାତ୍ରୀ ତନୁଜା ମହାନ୍ତ ଫ୍ରି-ଷ୍ଟାଇଲ ଷ୍ଟ୍ରୋକ ୫୦ମିଟରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ, ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ବାଲିଯୋଡ଼ାର ଛାତ୍ରୀ ରାଜଲକ୍ଷ୍ମୀ ନାଏକ ବେକ ଷ୍ଟ୍ରୋକ ୧୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ପଦକ ଓ ବାଲିଯୋଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରାନୀ ମାରାଣ୍ଡି ବାଟାରଫ୍ଲାଏ ୫୦ମିଟର ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରଞ୍ଜ ପଦକ ହାସଲ କରି ଓଡିଶା ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାକୁ ଗୌରାବାନ୍ୱିତ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ବାରିପଦା ଓ ବିଜୁ ପଟ୍ଟନାୟକ ସନ୍ତରଣାଗାର, ତକତପୁରସ୍ଥିତର ସମସ୍ତ ସନ୍ତରଣ ପ୍ରଶିକ୍ଷକ ପ୍ରଶିକ୍ଷିକା, କର୍ମଚାରୀମାନେ କ୍ରୀଡ଼ାବିତ ମାନଙ୍କୁ ଶୁଭେଚ୍ଛା ଜଣେଇଛନ୍ତି ।

# ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟା

## ଆଧୁନିକ ଓ ଆଦିବାସୀ ନୃତ୍ୟ ଗୀତରେ ଝୁମିଲେ ଦର୍ଶକ

ବାରିପଦା, (ସବ୍ୟୁ) : ଭଞ୍ଜପୁର ଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ୬ଷ୍ଠ ସନ୍ଧ୍ୟାରେ ଆଧାର ସ୍କୁଲର କୁନିକୁନି ପିଲାଙ୍କ ନୃତ୍ୟପରେ ମୟୂରଭଞ୍ଜ ଆର୍ଟ ଫାଉଣ୍ଡେସନର ୧୨ମାସରେ ୧୩ପର୍ବ ଉପରେ ପର୍ଯ୍ୟବେକ୍ଷିତ ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପରେ ପରେ ମୁଦ୍ରାକଳା ଏକାଡେମୀ ଓ ଶାନ୍ତି ଆର୍ଟ ସ୍କୁଲର କଳାକାର ମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶେଷରେ ମୟୂରଭଞ୍ଜ ଆଦିବାସୀ ଷ୍ଟୁଡେଣ୍ଟ୍ସ ଆସୋସିଏସନ ଦ୍ୱାରା ପରିବେଷିତ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ ଓ ସାଂସ୍କୃତିକ ସମ୍ପାଦକ କିଶୋର ପଲେଇଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସୋମନାଥ ସିଂହ, ପ୍ରିତମ ପଣ୍ଡା, ଆଲୋକ ବାରିକ ଓ ପ୍ରତୀକ ବାରିକ ପରିଚାଳନା କରିଥିଲେ। ଆସନ୍ତାକାଲି ପ୍ରଥମ କାର୍ଯ୍ୟକ୍ରମ ପରିବେଷଣ କରିବେ ସ୍କୁଲ ଅଫ ଆର୍ଟ ଏଣ୍ଡ କ୍ରାଫଟ ଓ ପରେ ପରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ଓ ସଂଗୀତ



ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ହାତରେ ପୁରସ୍କୃତ କରାଯିବା ଶେଷରେ ଓଡିଶାର ସୁନାମଧନ୍ୟ କ=ଶିଳ୍ପୀ ଅସୀମା ପଣ୍ଡାଙ୍କ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି।

# ଛାଡଖାଇରେ ବାରହା ମାଂସ

## ବନ ବିଭାଗର ଚଢ଼ାଉ : ୧ ଗିରଫ, ୨ ଫେରାର

ଭଞ୍ଜନଗର, (ସବ୍ୟୁ): ଛାଡଖାଇରେ ବଣୁଆ ଜନ୍ତୁଙ୍କୁ ଶିକାର କରି ମାଂସ ବିକ୍ରି କରିବା ପାଇଁ ସଜବାଜ ଚାଲିଥିଲା । ସୂଚନା ପାଇ ବନବିଭାଗ ଘଟଣା ସ୍ଥଳରେ ଚଢ଼ାଉ କରି ଜଣେ ଶିକାରୀକୁ ଗିରଫ କରିଥିବା ବେଳେ, ଘଟଣା ସ୍ଥଳରୁ ଦୁଇ ଅଭିଯୁକ୍ତ ଫେରାର ରହିଛନ୍ତି । ଉତ୍ତର ଘୁମୁସର ବନଖଣ୍ଡର ତାରାସିଙ୍ଗି ବନାଞ୍ଚଳ ଅନ୍ତର୍ଗତ ମାଣପୁର ଗାଁ ନିକଟ ଜଙ୍ଗଲକୁ ଲାଗି ରହିଥିବା ଏକ ବାଉଁଶ ବୁଦା ମୂଳେ ଚାଲିଥିଲା ବାରହା ମାଂସ ବେପାର । ସୂଚନା ପାଇ ଚଢ଼ାଉ କରିଥିଲେ ବନ କର୍ମଚାରୀ । ସେଠାରେ ଉପସ୍ଥିତ ଥିବା ମାଣପୁର ଗାଁର ଶୁଶାନ୍ତ ନାଇକକୁ ଗିରଫ କରିଥିଲେ । ସେଠାରୁ ୩୫ କିଲୋ ବାରହା ମାଂସ ସହ ଗୋଟିଏ ନିକିତି ଜବତ ହୋଇଥିଲା । ଫେରାର ଦୁଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଥିବା ନେଇ ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି ସୂଚନା ଦେଇଛନ୍ତି ।

# ଚହଟା ଗ୍ରାମରେ ଅବାଧ ନିଶା କାରବାର, ଥାନାରେ ଅଭିଯୋଗ

ଧର୍ମଶାଳା, ( ସବ୍ୟୁ) : ଧର୍ମଶାଳା ଥାନା ଚହଟା ପଂଚାୟତ ଚହଟା ଗ୍ରାମରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଇବା ଫଳରେ ଯୁବ ସମାଜ ପଥଭ୍ରଷ୍ଟ ହେଉଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମ ଗୋଛାୟତ ସାହିରେ ନିଶା କାରବାର ଦିନ ଦ୍ୱିପହରରେ ଚାଲୁଥିବା ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି । ଏହାର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଯାଜପୁର ଜିଲ୍ଲାପାଳ ଓ ଏସପିଙ୍କ ନିକଟକୁ ପଠାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି । ଗ୍ରାମବାସୀଙ୍କ କହିବା ମୁତାବକ, ଚହଟା ଗ୍ରାମ ଗୋଛାୟତ ସାହିର ସ୍ୱର୍ଗତ ଉଦୟ ଗୋଛାୟତଙ୍କ ଝିଅ ମମତା ଗୋଛାୟତ ଓ ଚିନୁ ସାହୁ ଉଭୟ କିଛିବର୍ଷ ହେଲା ଅବକାରୀ ଦ୍ରବ୍ୟ ବିକ୍ରୟ କରୁଥିବା ନେଇ ଅଭିଯୋଗ ହୋଇଆସୁଛି । ବାରମ୍ବାର ଅଭିଯୋହ ସତ୍ତ୍ୱେ ପୁଲିସ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ତାହା ବ୍ୟାପକ ହେବା ସହିତ ଦିନ ଦ୍ୱିପହରରେ ଗଞ୍ଜେଇ, ବ୍ରାଉନ ସୁଗାର ଓ ଅବକାରୀ ଦ୍ରବ୍ୟ କାରବାର ବଢୁଥିବା ନେଇ ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଏହି ଦ୍ରବ୍ୟକୁ ଯୁବକମାନେ ସେବନ କରି ଅନେକ ସମୟରେ ରାସ୍ତା ଘାଟରେ ଗଣ୍ଡଗୋଳ କରିବା ସହ ଗ୍ରାମର ଝିଅ ବୋହୂଙ୍କୁ କମେଟ କରିଥାନ୍ତି । ନିଶା ସେବନ ଫଳରେ ଦୁର୍ଘଟଣା ବଢ଼ିବାରେ ଲାଗିଛି । ଏହା ଫଳରେ ଚହଟା ଗ୍ରାମର ବିଭିନ୍ନ ସାହି ପ୍ରଭାବିତ ହେଉଛନ୍ତି । ଏହାର ପ୍ରତିବାଦରେ ଚହଟା ଗ୍ରାମର କିଛି ଯୁବକ ଥାନା ଅଧିକାରୀ ରଞ୍ଜନ କୁମାର ମାଝିଙ୍କୁ ଜଣାଇଛନ୍ତି । ଅବକାରୀ ଦ୍ରବ୍ୟ ଚୋରାରେ ବିକ୍ରୟ କରୁଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଗ୍ରାମର ସରପଂଚଙ୍କ ପ୍ରତିନିଧି ବିଚିତ୍ର ସ୍ୱାଇଁ, ମହସିନ ଖାଁନ, ପ୍ରଦୀପ୍ତ ଗୋଛାୟତ, ଫରତ ବିବି, ସୁହାନ ବିବି, ଅଲିମ ଖାନ, ଅକ୍ଷୟ ସେଠୀ, ମନୋରମା ପ୍ରଧାନ, ରଞ୍ଜନ କୁମାର ମହାନ୍ତି, ତ୍ରିଲୋଚନ ପ୍ରଧାନ, ପ୍ରଶାନ୍ତ ରାଉତ, ଉର୍ବଶୀ ସାହୁ, ମନୋରମା ମହାନ୍ତି, ସୁଜାତା ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି । ଯଦି ପ୍ରଶାସନ ପକ୍ଷରୁ ଚୋରା ନିଶା କାରବାର ବନ୍ଦ କରାନଯାଏ ତେବେ ଧର୍ମଶାଳା ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ବିକ୍ରମଙ୍କ ବିପକ୍ଷରେ ଲଢ଼ିବେ ୨୦୯ ଓକିଲ

ବ୍ରହ୍ମପୁର, (ସବ୍ୟୁ) : ରାଜ୍ୟ ଆଇନଜୀବୀ ପରିଷଦ ସଦସ୍ୟ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କ ବିପକ୍ଷରେ ମାମଲା ଲଢ଼ିବାକୁ ୨୦୯ ଜଣ ଆଇନଜୀବୀ ବ୍ରହ୍ମପୁର ଏସଡିଜେଏମ କୋର୍ଟରେ ପହଞ୍ଚି ଓ୍ୱାକାଲତନାମାରେ ଦସ୍ତଖତ କରିଥିଲେ । ଅନ୍ୟପକ୍ଷରେ ଶୁକ୍ରବାର ଏସଡିଜେଏମ କୋର୍ଟରେ ବିକ୍ରମଙ୍କୁ ବ୍ୟକ୍ତିଗତ ବଣ୍ଡରେ ଛାଡି ଦେବାକୁ ପିଟିସନ ଦାଖଲ ହୋଇଛି । ଆଇନଜୀବୀ କେ.କେ. ବେହେରା ଏହି ପିଟିସନ ଦାଖଲ କରିଥିବା ବେଳେ ବିକ୍ରମଙ୍କ ନାମରେ ପୂର୍ବରୁ କୌଣସି ଅପରାଧିକ ମାମଲା ନାହିଁ ତେଣୁ ତାଙ୍କୁ ଛାଡି ଦିଆଯାଉ ବୋଲି ଉଲ୍ଲେଖ କରିଛନ୍ତି । ସେହି ପିଟସନକୁ ପୀତବାସଙ୍କ ସପକ୍ଷରେ ମାମଲା ଲଢିବାକୁ ଓ୍ୱାକାଲତନାମା ଦାଖଲ କରିଥିବା ଆଇନଜୀବୀମାନେ ଅଦାଲତରେ ବିରୋଧ କରିଥିଲେ । ପୀତବାସ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବାବେଳେ ତାଙ୍କୁ ହତ୍ୟା କରାଯାଇଛି । ସେହିପରି ତାଙ୍କ ପୁଅକୁ ମଧ୍ୟ ନିକଟରେ ହତ୍ୟା ଧମକ ମିଳିଛି । ତେଣୁ କେକେ ପାଣିଗ୍ରାହୀଙ୍କ ପିଟିସନ ଗ୍ରହଣ କରାଗଲେ ଭବିଷ୍ୟତରେ ଅସୁବିଧା ରହିଛି ବୋଲି ପୀତବାସ ସପକ୍ଷ ଆଇନଜୀବୀମାନେ ଯୁକ୍ତି ବାଢିଥିଲେ । ଏହି ପିଟିସନର ଶୁଣାଣି ଆସନ୍ତା ୧୩ ତାରିଖରେ କରିବାକୁ କୋର୍ଟ ପକ୍ଷରୁ ଦିନ ଧାର୍ଯ୍ୟ ହୋଇଛି ବୋଲି ଏପିପି ରାଜେନ୍ଦ୍ର ସାବତ ସୂଚନା ଦେଇଛନ୍ତି । ପ୍ରକାଶ ଥାଉ କି ପୂର୍ବରୁ ଏହି ମାମଲାର ଅଭିଯୁକ୍ତ ଥିବା ଗଞ୍ଜାମ ଜିଲା ବିଜେଡି ସଭାପତି ତଥା ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡାଙ୍କ ସପକ୍ଷରେ ମାମଲା ଲଢିବାକୁ ୫୩ ଜଣ ଆଇନଜୀବୀ ଓ୍ୱାକାଲତନାମାରେ ଦସ୍ତଖତ କରିଥିଲେ । ସେହିକ୍ରମରେ ପୀତବାସଙ୍କ ସପକ୍ଷରେ ୨୦୯ ଜଣ ଓ୍ୱାକାଲତନାମା ଦାଖଲ କରିଛନ୍ତି । ପୀତବାସ ହତ୍ୟା ମାମଲା ରାଜ୍ୟବ୍ୟାପୀ ଚର୍ଚ୍ଚାରେ ରହିଥିବା ବେଳେ ବର୍ତ୍ତମାନ ଗଞ୍ଜାମ ଓକିଲ ସଂଘର ସଦସ୍ୟମାନେ ଗୋଟିଏ ମାମଲାରେ ୨ ପକ୍ଷରେ ଛିଡା ହୋଇଥିବା ଦେଖିବାକୁ ମିଳିଛି । ପୀତବାସ ଜଣେ ଆଇନଜୀବୀ ହୋଇଥିବା ବେଳେ ବିକ୍ରମ ମଧ୍ୟ ଜଣେ ଆଇନଜୀବୀ ଓ ସେ ଗଞ୍ଜାମ ଓକିଲ ସଂଘର ସଦସ୍ୟ ଅଛନ୍ତି । ଉଭୟଙ୍କ ମଧ୍ୟରେ ବହୁ ବର୍ଷର ଘନିଷ୍ଠତା ରହିଥିଲା । ଉଭୟ ଗୋଟିଏ ଦଳରେ କାମ କରିବା ଆଇନଜୀବୀ ଓ ସଂଘର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଉଦ୍ୟମ କରି ଆସୁଥିଲେ । ଉଭୟ ୨ଟି ପୃଥକ ରାଜନୈତିକ ଦଳରେ ସକ୍ରିୟ ରହିଥିଲେ । ଅଲଗା ହେବା ପରେ ଉଭୟଙ୍କ ମଧ୍ୟରେ ରାଜନୈତିକ ଓ ବ୍ୟବସାୟିକ ଶତ୍ରୁତା ବଢିଥିଲା ଓ ସେହି ଶତ୍ରୁତାକୁ କେନ୍ଦ୍ର କରି ପୀତବାସଙ୍କୁ ହତ୍ୟା ପାଇଁ ବିକ୍ରମ ଓ ପିଣ୍ଟୁ ଦାସ ନିର୍ଦ୍ଦେଶ ଦେଇଥିଲେ ବୋଲି ବ୍ରହ୍ମପୁର ଏସପି ଏକ ଖବରଦାତା ସମ୍ମିଳନୀରେ କହିଥିଲେ । ପ୍ରକାଶଥାଉକି, ଏହି ହତ୍ୟା ମାମଲାରେ ପୀତବାସଙ୍କ ପାଇଁ ମାମଲା ଲଢିବାକୁ ୨ ଜଣ ବରିଷ୍ଠ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତି କରିବାକୁ କିଛି ଦିନ ତଳେ ବ୍ରହ୍ମପୁର ଏସପି ରାଜ୍ୟ ପୁଲିସ ମୁଖ୍ୟାଳୟକୁ ଚିଠି ଲେଖିଥିଲେ । ସେହିକ୍ରମରେ ସିବିଆଇର ପୂର୍ବତନ ଅତିରିକ୍ତ ଆଇନ ପରାମର୍ଶଦାତା ଆଇନଜୀବୀ କାଳୀଚରଣ ମିଶ୍ରଙ୍କ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ ହୋଇଥିବା ବେଳେ ତାଙ୍କ ସହଯୋଗୀ ଭାବେ ହାଇକୋର୍ଟର ଆଇନଜୀବୀ ଅଭିନାଶ ପାଢୀଙ୍କୁ ଅତିରିକ୍ତ ସ୍ୱତନ୍ତ୍ର ପିପି ଭାବେ ନିଯୁକ୍ତ କରାଯାଇଛି ।

# ଘୁମୁସର ବିକାଶ ପରିଷଦର ଜରୁରୀ ବୈଠକ

ଭଞ୍ଜନଗର, (ସବ୍ୟୁ): ଶନିବାର ନାୟକ ଭବନ ଠାରେ ବିକାଶ ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟତଃ ୨୦୦୨୭ରୁ୨୦୦୨୭ ପର୍ଯ୍ୟନ୍ତ ନୂତନ ଜିଲ୍ଲା ଘୋଷଣା ହେବନାହିଁ ବୋଲି ରାଜସ୍ୱମନ୍ତ୍ରୀ ଘୋଷଣା କରିବା ପରେ ଏହା ଉପରେ ଆଲୋଚନା ହୋଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଘୁମୁସର ଜିଲ୍ଲା ଆନ୍ଦୋଳନକୁ ପ୍ରତ୍ୟେକ ବ୍ଲକରେ ନିରନ୍ତର ଜାରି ରଖିବା ପାଇଁ ପ୍ରତ୍ୟେକ ଘୁମୁସର ସଂଗ୍ରାମୀ ଅନୁଷ୍ଠାନ ମାନଙ୍କୁ ଆହ୍ୱାନ ଦିଆଯାଇଛି । ଗାଁ ଗାଁରେ ଏହି ଆନ୍ଦୋଳନ ବାର୍ତ୍ତାକୁ ପହଞ୍ଚାଇବାକୁ କାନ୍ଥବାଡ଼ରେ ପୂର୍ବ ପରି ଲେଖା ଲେଖି କରିବା ସାଙ୍ଗକୁ ପ୍ରାଚୀର ପତ୍ର ଲଗାଇବାକୁ ଅନୁରୋଧ କରାଯାଇଛି । ବସ ମାନଙ୍କରେ ଏହା ଲଗାଇବାକୁ କୁହାଯାଇଛି । ବୁଗୁଡ଼ା ଓ ବଡ଼ଗଡ଼ ଅଂଚଳରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଯେପରି ପୋଷ୍ଟକାର୍ଡ ଚିଠି ଲେଖା ଅଭିଯାନ ଚାଲିଛି ପରିଷଦ ତାକୁ ସ୍ୱାଗତ କରିବା ସାଙ୍ଗକୁ ଅନ୍ୟ ପଂଚାୟତ ଗୁଡ଼ିକରେ ଏପରି ତରିକାକୁ ଆପଣେଇବା ମଧ୍ୟ ଆହ୍ୱାନ ଦିଆଯାଇଛି । ଭୁବନେଶ୍ୱରରେ ଆସନ୍ତା ଡିସେମ୍ବରରେ ହେବାକୁ ଥିବା ଘୁମୁସର ମହୋତ୍ସବ ପାଇଁ ଘୁମୁସରବାସୀ ସମସ୍ତ ପ୍ରକାର ସହଯୋଗ ଦେବାପାଇଁ ଅନୁରୋଧ କରାଯାଇଛି । ଏହି ଆଲୋଚନାରେ ସଭାପତିଙ୍କ ସମେତ ଗୋପାଳଚନ୍ଦ୍ର ଲେଙ୍କା ରବିନାରାୟଣ ସାମନ୍ତ ପ୍ରକାଶ ଚନ୍ଦ୍ର ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ୩ୟ ଅଲଫା ସ୍ପୋର୍ଟିଙ୍ଗ କ୍ଲବ୍ ଆନୁକୂଲ୍ୟରେ ଆନ୍ତଃ ଜିଲ୍ଲା କ୍ରିକେଟ ଉଦ୍‌ଘାଟିତ

## ଜୁନିୟର କ୍ରିକେଟ ଦଳର ରୋମାଞ୍ଚକର ବିଜୟ

ବ୍ରହ୍ମପୁର, (ସବ୍ୟୁ): ସ୍ଥାନୀୟ ଖଲ୍ଲିକୋଟ କଲେଜ ପଡିଆ ଠାରେ ଅଲଫା ସ୍ପୋର୍ଟିଙ୍ଗ କ୍ଲବ ଆନୁକୂଲ୍ୟରେ ୩ୟ ଅଲଫା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଅର୍ବାନବ୍ୟାଙ୍କ ସଭାପତି ଆର.ମୁରଲୀ ମୋହନ, ଆଲଫା ସ୍ପୋର୍ଟିଙ୍ଗ କ୍ଲବ୍ ସମ୍ପାଦକ ବିଜୟ ଭାସ୍କର ସିଂ ସାମନ୍ତ, ୨୨ ନଂ ୱାର୍ଡ କର୍ପୋରେଟର ପ୍ରଦୀପ କୁମାର ଶତପଥୀ, ୨୧ ନଂ ୱାର୍ଡ କର୍ପୋରେଟର ଡି. କରୁଣା କର, ସାମ୍ବାଦିକ ଶକ୍ତି ଧର ରାଜଗୁରୁ, ଗଞ୍ଜାମ କ୍ରିକେଟ ମହିଳା ଆସୋସିଏସନ ସଭାପତି ନିବେଦିତା ପାଢ଼ୀ, ସୁଜାତା ପାତ୍ର ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିବା ସହ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ନେଭେମ୍ବରେ ୮ ତାରିଖ ଆରମ୍ଭ ହୋଇ ୧୩ ତାରିଖ ଯାଏଁ ଅନୁଷ୍ଠିତ ହେବ । ଏଥିରେ ୧୦ ଟି ଦଳ ଭାଗ ନେଇଥିବା ବେଳେ ଆଜିର ପ୍ରଥମ ମ୍ୟାଚ ଜୁନିୟର କ୍ରିକେଟ କ୍ରିକେଟ କ୍ଲବ୍ ବନାମ ଖଲ୍ଲିକୋଟ ସ୍ପୋର୍ଟିଙ୍ଗ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖଲ୍ଲିକୋଟ ଦଳ ଟସ ଜିତି ପ୍ରଥମେ ବୋଲିଙ୍ଗର ନିଷ୍ପତି ନେଇଥିଲେ । ନିର୍ଦ୍ଧାରିତ ୨୦ ଓଭର ବିଶିଷ୍ଟ ମ୍ୟାଚରେ ୧୭ ଓଭର ଗୋଟିଏ ବଲ ଖେଳି ସମସ୍ତ ୱିକେଟ ହରାଇ ୯୭ ରନ ହିଁ କରିପାରିଥିଲେ । ଦଳ ପକ୍ଷରୁ ସନ୍ଦୀପ



କୁମାର ପାତ୍ର ୧୯ ବଲ ଖେଳି ୨୬ ରନ କରିଥିଲେ । ଖଲ୍ଲିକୋଟ ସ୍ପୋର୍ଟିଙ୍ଗ କ୍ଲବ ପକ୍ଷରୁ ବୋଲିଙ୍ଗରେ ରାହୁଲ ପରିଡା ୪ ଓଭର ପକାଇ ୧୩ ରନ ଦେଇ ୪ ଗୋଟି ୱିକେଟ ଓ ହେମନ୍ତ ଜାନି ୪ ଓଭର ୨୦ ରନ ଦେଇ ୩ଟି ୱିକେଟ ଅକ୍ତିଆର କରି ବିପକ୍ଷ ଦଳକୁ ଧାରସାୟୀ କରିଦେଇଥିଲେ । ଜବାବରେ ଖଲ୍ଲିକୋଟ ଦଳ ୧୬ ଓଭର ୫ଟି ବଲ ଖେଳି ସମସ୍ତ ୱିକେଟ ହରାଇ ମାତ୍ର ୯୦ ରନ ହିଁ କରିପାରିଥିଲେ । ଦଳ ପକ୍ଷରୁ ରାଜେନ୍ଦ୍ର ଗୌଡ଼ ୨୬ ବଲ ଖେଳି ୪୦ ରନ କରିଥିଲେ । ଜେସିସି ପକ୍ଷରୁ ବୋଲିଙ୍ଗରେ ସିପୁନ ବେହେରା ୪ ଓଭର ପକାଇ ୨୦ ରନ ଦେଇ ୪ ଗୋଟି ୱିକେଟ ଓ ରୁଦ୍ର ପ୍ରସାଦ ପାଠି ଓ ବାପିନି ସ୍ୱାଇଁ ୨ ଗୋଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଆଜିର ମ୍ୟାଚରେ ସିପୁନ ବେହେରାଙ୍କୁ ମ୍ୟାନ ଦି ମ୍ୟାଚ ଭାବେ ବିବେଚିତ କରାଯାଇଛି ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ : ୨ ଗିରଫ

ବୁଗୁଡା, (ସବ୍ୟୁ): ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମର ଯୁବକ ନାରାୟଣ ନାଇକ(୩୬)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସେହି ଗ୍ରାମର ଶିବ ନାଇକ ଓ ଶଙ୍କର ନାଇକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ କେସ୍ ନଂ ୬୯୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ୫ ତାରିଖ ରାତି ୮ଟା ବେଳେ ଶିବ ନାଇକ, ଶଙ୍କର ନାଇକ, ଅଭି ନାଇକ ଓ ଗରିବ ନାଇକ ମିଳିମିଶି ନାରାୟଣଙ୍କ ଘରକୁ ଅନଧିକାର ପ୍ରବେଶ କରି ତାଙ୍କୁ ଗାଳିଗୁଲଜ କରିବା ସହ କାତି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଶଙ୍କର ଓ ଅଭିର ଆକ୍ରମଣରେ ନାରାୟଣଙ୍କୁ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସହ ଡାହାଣ ହାତ ଜଖମ ହୋଇଯାଇଥିଲା । ଏହି ସମୟରେ ନାରାୟଣଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ସେ ମଧ୍ୟ ଅଭଦ୍ର ଗାଳିଗୁଲଜର ଶିକାର ହୋଇଥିଲେ । ଏନେଇ ନାରାୟଣ ପୋଲିସରେ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବ ଓ ଶଙ୍କରକୁ ଗିରଫ କରିଥିଲେ ।

# ତ୍ରୁଟିପୂର୍ଣ୍ଣ ଫ୍ୟାମିଲ ପ୍ଲାନିଂ ଅପରେସନ୍, ଗଲା ମହିଳାଙ୍କ ଜୀବନ

କୁଆଖିଆ , (ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ କାଣ୍ଡସରା ଗ୍ରାମର ପ୍ରତିମା ମଲିକଙ୍କ ଫ୍ୟାମିଲି ପ୍ଲାନିଂ ଅପରେସନ ଜନିତ ତ୍ରୁଟପୂର୍ଣ୍ଣ କାରଣରୁମୃତ୍ୟୁ ହୋଇଥିବା ପରିବାର ବର୍ଗ ଅଭିଯୋଗ କରିଛନ୍ତି । କାଣ୍ଡସରା ଗ୍ରାମର ଅଶ୍ୱିନୀ ମଲିକ ପାଣିକୋଇଲି ଥାନା ମଣିପୁର ଗ୍ରାମର ପ୍ରତିମାଙ୍କୁ ୧୦ ବର୍ଷ ତଳେ ବିବାହ କରିଥିଲେ । ଅଶ୍ୱିନୀର ଗୋଟେ ୫ ବର୍ଷ ଝିଅ ଓ ଦେଢ଼ ବର୍ଷର ପୁଅ ଥିବାରୁ ସେ ଫ୍ୟାମିଲି ପ୍ଲାନିଂ ଅପେରସନ କରିବାକୁ ରାଜି ହୋଇ ମଧୁବନ ମେଡିକାଲକୁ ଆସି ଯୋଗାଯୋଗ ରଖିଥିଲା । ଦୁଇ ଦିନ ତଳେ ପ୍ରତିମା





ଫ୍ୟାମିଲି ପ୍ଲାନିଂ ଅପେରସନ ପାଇଁ ମଧୁବନ ମେଡିକାଲ ଆସିଥିଲେ । ସେଠାରେ ପ୍ରତିମା ଅପେରସନ କରିବା ପରେ କୁଆଡେ ରକ୍ତ ଶ୍ରାବ ବନ୍ଦ ନହେବାରୁ ଯାଜପୁର ମେଡିକାଲ ପଠାଯାଇଥିଲା । ମାତ୍ର ଆଜି ପ୍ରତିମାର ମୃତ୍ୟୁ ହୋଇଥିବା ପରିବାର ଲୋକ ଜାଣିବା ପରେ ପ୍ରତିମା ଶବକୁ ମଧୁବନ ମେଡିକାଲ ସାମ୍ନାରେ ରଖି ଗ୍ରାମର କିଛି ଲୋକ ଧାରଣା ଦେଇଥିଲେ । କୁଆଖିଆ ପୋଲିସ ଘଟଣା ସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରି ପରିସ୍ଥିତି କୁ ନିୟନ୍ତ୍ରଣ କରିଥିଲେ । ପ୍ରତିମାଙ୍କ ମୃତ୍ୟୁ ଡାକ୍ତରଙ୍କ ଭୁଲ ଅପେରସନ ଯୋଗୁଁ ହୋଇଥିବା ଗ୍ରାମର ଲୋକେ ଓ ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି । ପ୍ରତିମାର ଛୋଟ ପୁଅ ଝିଅ ମା'ର ଶବ ଦେଖି ଆକାବାକ ହୋଇ ସମସ୍ତଙ୍କୁ ଚାହିଁଥିଲେ । କାଣ୍ଡସରା ଗ୍ରାମର ଲୋକ ଓ ପରିବାରବର୍ଗ ମେଡିକାଲ ଆଗରେ ବସି ଧାରଣା ସନ୍ଧ୍ୟା ପର୍ଯ୍ୟନ୍ତ ବସିଥିଲେ ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ବାରିପଦାର ପ୍ରାଣୀ ବିଜ୍ଞାନ ବିଭାଗର ଉଦ୍‌ଘାଟନ ସେମିନାର

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ଉଦ୍‌ଘାଟନ ସେମିନାର ୭ନଭେମ୍ବର ୨୦୨୫ରେ ଆୟୋଜନ ହୋଇଥିଲା । ଏହାସହିତ ସ୍ଥଳୀୟ କୀଟଜନ୍ତୁର ସଂଗ୍ରହ, ସଂରକ୍ଷଣ ଓ ଡକ୍ୟୁମେଣ୍ଟେସନ ବିଷୟରେ ଏକ ଦୁଇଦିନିଆ କୌଶଳ ବିକାଶ କାର୍ଯ୍ୟଶାଳା ୭ ଓ ୮ ନଭେମ୍ବର ୨୦୨୫ରେ ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଜୁଲୋଜି ଏଲମୁନାଇ ଏସୋସିଏସନ ସହଯୋଗରେ ଆୟୋଜିତ ହୋଇଥିଲା । ବିଭାଗାଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ଅତିଥିମାନଙ୍କୁ ସ୍ୱାଗତ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣ ଓ ବ୍ୟବହାରିକ କୌଶଳ ବିକାଶ ପାଇଁ ଏହି କାର୍ଯ୍ୟକ୍ରମର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ । ସେମିନାରର ଶିକ୍ଷକ-ଇଞ୍ଚାର୍ଜ ଡଃ କୁକୁ ମହାପାତ୍ର ବାର୍ଷିକ ଭାବେ ଆୟୋଜିତ ସେମିନାର କାର୍ଯ୍ୟକଳାପ ବିଷୟରେ ଅବଗତ କରାଇଥିଲେ । ଏହି ସେମିନାରର ମୁଖ୍ୟଅତିଥି ପ୍ରସିଦ୍ଧ ହର୍ପେଟୋଲୋଜିଷ୍ଟ ପ୍ରଫେସର ସୁଶିଳ କୁମାର ଦତ୍ତ ଏକ ଗଭୀର ଓ ଜ୍ଞାନବର୍ଦ୍ଧକ ଭାଷଣ ଦେଇଥିଲେ




ଏବଂ ଜୈବ ବିବିଧତାକୁ ବୁଝିବା ଏବଂ ସଂରକ୍ଷଣ କରିବାରେ ବର୍ଗୀକରଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ । ସେ ଲିନିୟନ ବର୍ଗୀକରଣରୁ ଆରମ୍ଭ କରି ଆଧୁନିକ ଅଣୁଜୀବ ବିଜ୍ଞାନ ଓ ତଥ୍ୟ ବିଜ୍ଞାନ ସହିତ ଏହାର ଏକତ୍ରିକରଣ ପର୍ଯ୍ୟନ୍ତ ଟ୍ୟାକ୍ସୋନୋମିର ଉନ୍ନତିକୁ ଉଲ୍ଲେଖ କରିଥିଲେ । ସେ ପ୍ରଜାତି ଚିହ୍ନଟ କରିବା, ପରିବେଶଗତ ସମ୍ପର୍କକୁ ବୁଝିବା ଏବଂ ସଂରକ୍ଷଣ ପ୍ରୟାସକୁ ପ୍ରାଥମିକତା ଦେବାପାଇଁ ବର୍ଗୀକରଣ କିପରି ମୂଳଦୁଆ ଭାବରେ କାର୍ଯ୍ୟ କରେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । ଉଦଘାଟନୀ ସେମିନାର ପରେ ଅନୁଷ୍ଠିତ ଦୁଇଦିନିଆ କର୍ମଶାଳାରେ ପ୍ରାଣୀ ବିଜ୍ଞାନ ବିଭାଗର ସହାୟକ ପ୍ରଫେସର ଓ ଏମ୍‌ଏସସିବିର ଅଧ୍ୟକ୍ଷ ଡଃ ଗାର୍ଗୀ ମହାନ୍ତି, ଜନ୍ତୁ ବନ୍ୟଜୀବ ସଂସ୍ଥା, ଦେହରାଦୁନର ପ୍ରକଳ୍ପ ବିଜ୍ଞାନୀ ଡଃ ବିବେକ ସର୍କାରଙ୍କୁ ପରିଚୟ କରାଇଥିଲେ । ଡଃ ସର୍କାର, ୮୦ଜଣ ଛାତ୍ରଛାତ୍ରୀ ଓ ଗବେଷଣାକାରୀଙ୍କୁ କୀଟଜନ୍ତୁ ତଥ୍ୟ ସଂଗ୍ରହ ଓ ଡକ୍ୟୁମେଣ୍ଟେସନ ବିଷୟରେ ୭ ଓ ୮ ନଭେମ୍ବରରେ ବ୍ୟବହାରିକ ପ୍ରଶିକ୍ଷଣ ଦେଇଥିଲେ । ବିଭାଗର ଅନ୍ୟାନ୍ୟ ଅଧ୍ୟାପକ, ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା, ଡଃ ପ୍ରିୟରଞ୍ଜନ ଦେବତା, ମିସ୍ ସାଏଦା ଫୌଜିଆ ମାନୋୱାର ଓ ଲ୍ୟାବ ଆସିଷ୍ଟାଣ୍ଟ ଓ ଏମ୍‌ଏସସିବିର ଟ୍ରେଜରାର ଡଃ ଜ୍ୟୋତି ପ୍ରଗ୍ୟାନ ମାଝୀ ଏହିଦୁଇ ଦିନିଆ କାର୍ଯ୍ୟକ୍ରମ ଆୟୋଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ତାଳଚେର ଥର୍ମାଲ ପକ୍ଷରୁ ୫୧ତମ ପ୍ରତିଷ୍ଠା ଦିବସ ପାଳନ




ତାଳଚେର,(ସବ୍ୟୁ) : ତାଳଚେର ଥର୍ମାଲ ଏହାର ୫୧ତମ ପ୍ରତିଷ୍ଠା ଦିବସ ପାଳନ କରି ତାଳଚେର ଥର୍ମାଲ ପାୱାର ଷ୍ଟେସନ ଉତ୍କର୍ଷତା ଏବଂ ପ୍ରଦର୍ଶନକୁ ପୁନର୍ବାର ପ୍ରକାଶ କରି ଭାରତର ବିଦ୍ୟୁତ୍ କ୍ଷେତ୍ରରେ ୫ଦଶନ୍ଧିରୁ ଅଧିକ ସମୟ ଧରି ଉତ୍ସର୍ଗକୃତ ଅବଦାନ ସ୍ମରଣ କରୁଛି । ଏହି ପଦକ୍ଷେପ ତାଳଚେର ଥର୍ମାଲ ମୁଖ୍ୟଅତିଥି ବିଜୟ ଚାନ୍ଦ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଆରମ୍ଭ ହାଇଥିଲା । ଡ଼ଃ ଜେପି ରାଏ ମହାପ୍ରବନ୍ଧକ (ପ୍ରଜେକ୍ଟ) ପ୍ରବୀର କୁମାର ମହାପ୍ରବନ୍ଧକ (ଯାନ୍ତ୍ରୀକ ପ୍ରତିଷ୍ଠା) ଏବଂ ଏନଟିପିସିର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଏହି ପ୍ରତିଷ୍ଠା ଦିବସ ଉପଲକ୍ଷେ ବୃକ୍ଷରୋପଣ ସହିତ ଉତ୍ସବ ଆରମ୍ଭ ହୋଇଥିଲା । ଯେଉଁଠାରେ ପ୍ରକଳ୍ପ ପରିସରରେ ୫ଶହ ଚାରା ରୋପଣ କରାଯାଇଥିଲା । ଯାହା ପରିବେଶ ଏନଟିପିସିର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରକାଶ କରିଥିଲା ।

ବୃକ୍ଷରୋପଣ ଅଭିଯାନ ପରେ ଶ୍ରୀ ଚାନ୍ଦ ଏନଟିପିସି ପତାକା ଉତୋଳନ କରିଥିଲେ । ସାଗରୀକା ଲେଡ଼ିଜ୍ କ୍ଲବର ସଦସ୍ୟା ସିଆଇଏସଏଫ କର୍ମଚାରୀ ଏବଂ ଥର୍ମାଲର କର୍ମଚାରୀ ଓ ସେମାନଙ୍କ ପରିବାର ସହିତ ଉତ୍ସାହର ସହିତ ଅଂଶ ଗ୍ରହଣ କରିଥିଲେ । ସମାବେଶକୁ ସମ୍ବର୍ଦ୍ଧିତ କରି ଶ୍ରୀ ଚାନ୍ଦ ତାଳଚେର ଥର୍ମାଲ କର୍ମଚାରୀ ଓ ଶ୍ରମିକମାନଙ୍କ ସମର୍ପଣ ଏବଂ ମନୋଭାବକୁ ପ୍ରସଂଶା କରିଥିଲେ । ସେମାନଙ୍କୁ ଷ୍ଟେସନର ପ୍ରଗତି ପଛରେ ପ୍ରକୃତ ଶକ୍ତି ବୋଲି କହିଥିଲେ ।

ନବ ସୃଜନ, ସୁରକ୍ଷା ଏବଂ ସହଯୋଗର ଗୁରୁତ୍ୱାରୋପ କରି ସେ ଭାରତର ସବୁଠାରୁ ବିଶ୍ୱଶକ୍ତି ଅଂଶୀଦାର ଭାବରେ ଏନଟିପିସିର ଐତିହ୍ୟକୁ ସୁଦୃଢ଼ କରିବାନେଇ ଗର୍ବର ସହିତ କାର୍ଯ୍ୟ ଜାରି ରଖିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଉତ୍ସବ ପାଳନର ଏକ ଅଂଶଭାବରେ କର୍ମଚାରୀମାନଙ୍କୁ ସେମାନଙ୍କ ଅସାଧାରଣ ଆଚରଣ ଉଚ୍ଚଦକ୍ଷତା ପାଇଁ ପାୱାର-ଏକ୍ସସେପ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା । ଯାହା ସାଂଗଠନିକ ସେମାନଙ୍କ ପ୍ରତିବଦ୍ଧତାକୁ ସ୍ୱୀକାର ଦେଇଥିଲା । ଅଂଶଗ୍ରହଣକାରୀ ମାନଙ୍କୁ ଧନ୍ୟବାଦ୍ ଜଣାଇ କାର୍ଯ୍ୟକ୍ରମ ସଙ୍ଗ ହୋଇଥିଲା ।

# ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ଜବତ : ୬ ଗିରଫ

ତାଳଚେର,(ସବ୍ୟୁ) :ତାଳଚେର ଉପଖଣ୍ଡର ବିଭିନ୍ନ ଥାନା ଅଂଚଳରେ ଦୀର୍ଘଦିନ ହେବ ଲୁଟ୍‌ପାଟ୍ କରି ଆତଙ୍କ ଖେଳାଇ ଚାଲିଥିବା ଡ଼କାୟତ ଦଳର ଦୁଇଜଣ ସଦସ୍ୟଙ୍କ ସହ ୬ଜଣଙ୍କୁ ଜିଲ୍ଲା ପୋଲିସ୍ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ଠାରୁ ପୋଲିସ୍ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନାଗହଣା ସମେତ ଲୁଟରେ ବ୍ୟବହୃତ ସାମଗ୍ରୀ ଓ ଦୁଇଟି ବାଇକକୁ ଜବତ କରିଛି । ଅଭିଯୁକ୍ତମାନେ ତାଳଚେର ସମେତ ଜିଲ୍ଲାର ବିଭିନ୍ନ ଥାନାରେ ୧୨ଟିରୁ ଉର୍ଦ୍ଧ୍ୱ ମାମଲାରେ ସମ୍ପୃକ୍ତ ଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ ସୂଚନା ପ୍ରଦାନ କରିଛନ୍ତି । ତାଳଚେର ଉପଖଣ୍ଡ, କୋଲିୟରୀ, ଗୋପାଳପ୍ରସାଦ ଓ ସମଲ ଥାନା ଅଂଚଳରେ କିଛିଦିନ ମଧ୍ୟରେ ୧୨ଟିରୁ ଉର୍ଦ୍ଧ୍ୱ ସୁନା ଚୋରୀ ହୋଇଥିବା ଘଟଣାର ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତିକରି ଅପରାଧି ଗୋଷ୍ଠୀଙ୍କୁ ଧରିବାକୁ ତାଳଚେର ଏସଡ଼ପିଓ ନେତୃତ୍ୱ ସ୍କାର୍ଡ଼ ଗଠନ କରାଯାଇ ଏହି ସ୍କାର୍ଡ଼ ପ୍ରାଥିମକ ପର୍ଯ୍ୟାୟରେ ଗୋଷ୍ଠୀର ଦୁଇଜଣ ସଦସ୍ୟଙ୍କୁ କାବୁ କରିନେଇଥିଲା । ଏହି ଖବର ପାଇ ମୁଖ୍ୟ ଅପରାଧି ଫେରାର୍ ହୋଇଯାଇଥିଲା ।

ଗିରଫ ଦୁଇ ଅଭିଯୁକ୍ତ ତାଳଚେର ଥାନା ଅନ୍ତର୍ଗତ ସ୍କଟଲାଣ୍ଡପୁର ଗ୍ରାମର ରାଜେଶ ଓରଫ ସୁଶିଲ ନାଏକ(୨୬) ଓ ବଅାଁରପାଳ ଥାନା ଅନ୍ତର୍ଗତ ଖମଣ ଗ୍ରାମର ରୁନୁ ଓରଫ ଅଖିଳ ନାଏକ(୨୫) । ସେମାନଙ୍କ ଠାରୁ ଚୋରି ସୁନା କିଣିଥିବା ଅଭିଯୋଗରେ କୋଲିୟରୀ ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ହରିନନା ଓରଫ ହରମୋହନ ତ୍ରିପାଠୀ, ବିକ୍ରମପୁର ଥାନା ଅଂଚଳର ଅକ୍ଷୟ ନାଏକ, ଗୋପାପ୍ରସାଦ ଥାନା ଡ଼ଅାଁରା ଗ୍ରାମର ବିକାଶ ନାଏକ ଓ ପ୍ରଭାତ ନାଏକଙ୍କ ଠାରୁ ପୋଲିସ୍ ୫ଟି ସୁନାଚେନ ଜବତ କରିଥିଲା । ଜବତ ସୁନାର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ




ଅଧିକ ହେବ ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ଦୁଇଟି ବାଇକ, ୪୪ହଜାର ଟଙ୍କା, ୩ଟି ମୋବାଇଲ ଓ ଗୋଟିଏ ଛୁରୀକୁ ପୋଲିସ୍ ଜବତ କରିଛି ।

ଦୁଇ ଅଭିଯୁକ୍ତ ଅଖିଳ ଓ ରାଜେଶ ନାମରେ ତାଳଚେର ଥାନାରେ ୪ଟି, କୋଲିୟରୀ ଥାନାରେ ୩ଟି, ଗୋପାଳ ପ୍ରସାଦ ଥାନାରେ ୩ଟି ଏବଂ ସମଲ ଥାନାରେ ୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି । ସୁଶିଲ ନାମରେ ୧୨ଟି ଓ ଅଖିଳ ନାମରେ ୧୩ଟି ମାମଲା ରହିଛି । ଏହି ଚୋରୀରେ ସମ୍ପୃକ୍ତ ମୁଖିଆ ବିକାଶ ନାଏକ ଫେରାର୍ ରହିଛି । ତା ନାମରେ ମଧ ବିଭିନ୍ନ ଥାନାରେ ୩୫ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି ।

# ଅନ୍ଧାରରେ ଆଠଦିନ ରହିଲେ ଗମ୍ଭାରୀମଳିହା ଗ୍ରାମବାସୀ



ବଇଣ୍ଡା, (ସବ୍ୟୁ) : କିଶୋରନଗର ବ୍ଲକ ଅନ୍ତର୍ଗତ ଗମ୍ଭାରୀମଳିହା ଗ୍ରାମବାସୀ ଅନ୍ଧାରରେ ଆଠ ଦିନ ରହିଲା ପରେ ଆଜି ସକାଳ ସାତ ଘଟିକା । ରେ ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ରାସ୍ତାରୋକ ଆନ୍ଦୋଳନ କରିଥିଲେ । ବିଗତ ଏକତିରିଷ ତାରିଖ ଧଉରପାଲି ସେକ୍ସନରେ ଆସୁଥିବା ଗମ୍ଭାରୀମଳିହା ଗ୍ରାମକୁ ବିଦ୍ୟୁତ ବିଭାଗ ବିନା ସୂଚନାରେ ବିଦ୍ୟୁତ ବିଛିନ କରିଥିଲା । ଏହା ଫଳରେ ଛାତ୍ରଛାତ୍ରୀ, ଗ୍ରାମବାସୀ ଅନ୍ଧାରରେ ରହିଥିଲେ । ଏବାବଦରେ ଗ୍ରାମବାସୀ ବିଦ୍ୟୁତ ବିଭାଗ ଜେଇଙ୍କୁ ଜଣାଇଥିଲେ ମଧ କର୍ଣ୍ଣପାତ କରିନଥିଲେ ।

ଆଜି ଗମ୍ଭାରୀମଳିହା ଗ୍ରାମବାସୀ ରାସ୍ତାରୋକ ଆନ୍ଦୋଳନ କରିବା ଶୁଣି ଘଟଣା ସ୍ଥଳରେ କିଶୋରନଗର ଥାନା ଅଧିକାରୀ ବିଭୁତି ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କୁମୁଦ ଚନ୍ଦ୍ର ପ୍ରଧାନ, ସମାଜସେବୀ କୁଶ ନାୟକ, ବିଦ୍ୟୁତ ବିଭାଗ ବାମୁର ଜେଇ ଆସି ଆଲୋଚନା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ଏବଂ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇଥିଲା ।

# ଡିସେମ୍ବର ସୁଦ୍ଧା ଶେଷ ହେବ ୫୫ନମ୍ବର ଜାତୀୟ ରାଜପଥ କାର୍ଯ୍ୟ

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ୫୫ ନମ୍ବର ଜାତୀୟ ରାଜପଥ ଚଳିତ ବର୍ଷ ଡିସେମ୍ବର ମାସ ସୁଦ୍ଧାଶେଷ ହେବ ବୋଲି ସଡକପରିବହନ ମନ୍ତ୍ରୀ ନିତିନି ଗଡକରୀ ସାଂସଦ ରୁଦ୍ରନାରାୟଣ ପାଣିଙ୍କୁ ଲିଖିତ ଭାବରେ ଅବଗତ କରାଇଛନ୍ତି । ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ୫୫ ନମ୍ବର ଜାତୀୟ ରାଜପଥ ଦୁରାବସ୍ଥା ନେଇ ସଡକ ପରିବହନ ମନ୍ତ୍ରୀଙ୍କୁ ଗତ ଜୁଲାଇ ୩୧ ତାରିଖରେ ଲିଖିତ ଭାବରେ ଜଣାଇଥିଲେ । ପତ୍ର ପାଇବା ପରେ କେନ୍ଦ୍ର ପରିବହନ ମନ୍ତ୍ରୀ ତାଙ୍କ ପତ୍ରରେଲେଖିଛନ୍ତି ଯେ,ଅନୁଗୁଳ-ସମ୍ବଲପୁର ସେକସନ ଗତ ୨୦୨୪ ଡିସେମ୍ବର ଠାରୁ ଶେଷ ହୋଇଛି । ସେହିପରି କଟକ-ଅନୁଗୁଳ ସେକସନର ୫୯.୮ କିଲୋମିଟର ରାସ୍ତା କାର୍ଯ୍ୟ ପ୍ରାୟ ୯୮.୫ ପ୍ରତିଶତ ଅର୍ଥାତ ୫୬.୩ କିମି ରାସ୍ତାକାର୍ଯ୍ୟଶେଷ ହୋଇଥିବା ବେଳେ ଚଳିତ ଡିସେମ୍ବର ୩୧ ସୁଦ୍ଧା ଶେଷ ହେବ । ଏହା ସହିତ କଟକ-ଅନୁଗୁଳ ସେକସନର ତୃତୀୟଫେଜ କାର୍ଯ୍ୟ ୯୯.୩ପ୍ରତିଶତ ଶେଷ ହୋଇଥିବା ବେଳେ ଏହା ଚଳିତ ମାସ ସୁଦ୍ଧାଶେଷ ହେବ ବୋଲି ପତ୍ରରେ ଉଲେଖ କରିଛନ୍ତି । ରାଜପଥରେ ଦୁର୍ଘଟଣା ବୃଦ୍ଧି ସହିତ ଜନଜୀବନ ହାନୀକୁନେଇ ସାଂସଦ ଉଦବେଗ ପ୍ରକାଶ କରିବା ସହିତ ପତ୍ର ଲେଖିଥିଲେ ।

# ଯୁବକଙ୍କୁ ଗୋଡେଇ ଗୋଡେଇ ଖଣ୍ଡାରେ ହାଣିଲେ

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଅଞ୍ଚଳ ଗ୍ରାମର ଜଣେ ଯୁବକଙ୍କୁ ଶୁକ୍ରବାର ଦିନ ପାଇକସାହି ଅଞ୍ଚଳ ରେ କିଛି ଯୁବକଙ୍କୁ କିଛି ଯୁବକ ଖଣ୍ଡାରେ ଶୁକ୍ରବାର ଦିନ ଗୋଡେଇ ଗୋଡେଇ ହାଣିଛନ୍ତି । ଏ ଘଟଣାକୁ ନେଇ ପାଇକସାହି ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଛି ।

ଘଟଣାରୁ ଜଣା ପଡିଛି ଯେ ଉକ୍ତ ଯୁବକଙ୍କୁ ସେହି ଅଞ୍ଚଳର ଜଣେ ଯୁବକଙ୍କ ସହ ଝଗଡା ସୃଷ୍ଟି ହୋଇଥିଲା । ଏହାକୁ କେନ୍ଦ୍ର କରି ୫/୬ ଜଣ ଯୁବକ ଉକ୍ତ ଯୁବକଙ୍କୁ ପ୍ରଥମେ ମାଡ ମାରିବା ପରେ ତାଙ୍କୁ ଏକ ଖଣ୍ଡାରେ ଗୋଡେଇ ଗୋଡେଇ ହାଣିଥିଲେ ।

ଉକ୍ତ ଯୁବକ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିସା ଳୟ ଭର୍ତ୍ତି କରାଯାଇଛି । ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଥାନା ଅଧିକାରୀ ଶାସୀ ଭୂଷଣ ବେହେରା କହିଛନ୍ତି ।

# ଯାତ୍ରୀବାହୀ ବସ୍- କୋଇଲା ଗାଡି ମୁହାଁମୁହିଁ, ୪ ଗୁରୁତର

ପରଜଙ୍ଗ,(ସବ୍ୟୁ): ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ୧୪୯ ନଂ ଜାତୀୟ ଝରଣବାହାଳ ଗ୍ରାମ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଯାତ୍ରୀବାହୀ ବସ, କୋଇଲା ବୋଝେଇ ଟ୍ରକ ମୁହାଁମୁହିଁ ଦୁର୍ଘଟଣା ଘଟିଥିବା ବେଳେ ବସରେ ଯାତ୍ରା କରୁଥିବା ୪ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିବାର ଜଣାପଡିଛି ।

ରାଜ୍ୟ ସଡକ ପରିବହନ ନିଗମ (ଓଏସଆରଟିସି) ବିଭାଗର ଯାତ୍ରୀବାହୀ ବସ ଭୁବନେଶ୍ୱରରୁ ୪୦ରୁ ଉଦ୍ଧର୍ବ ଯାତ୍ରୀ ନେଇ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ଝରଣବାହାଳ ଗ୍ରାମ ଛକ ନିକଟରେ ସମ୍ମୁଖରୁ ଆସୁଥିବା କୋଇଲା ବୋଝେଇ ଗାଡି ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଖବରପାଇ ଘଟଣାସ୍ଥଳରେ ପରଜଙ୍ଗ ପୁଲିସ, ଦଦରାଘାଟି ଫାଣ୍ଡି ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ସମସ୍ତ ଯାତ୍ରୀ, ଉଭୟ ଗାଡିର ଚାଳକକୁ ଉଧାର କରିଥିଲେ ।

ଏହି ଦୁର୍ଘଟଣାରେ ବସରେ ଯାତ୍ରା କରୁଥିବା ଦେବରାଣୀ ଡୋରା, ସୁଜାତା ଡୋରା,ରାଜେଶ୍ୱରୀ ଡୋରାଙ୍କ ସମେତ ଟ୍ରକ ଚାଳକ ରାଜେଶ ପଟେଲଙ୍କ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରି ରୋଗୀବାହାକ



ଗାଡି ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଜଣଙ୍କ ଅବସ୍ଥାରେ ସୁଧାର ନଆସିବାରୁ ଅନୁଗୁଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଦୁର୍ଘଟଣାର କାରଣ ଅସ୍ପଷ୍ଟ ରହିଥିବା ବେଳେ ଟ୍ରକ ଚାଳକଙ୍କ ଆଖି ଲାଗି ଯାଇଥିବାରୁ ଏହିପରି ଘଟିଥାଏ ବୋଲି ଅନୁମାନ କରାଯାଉଛି । ଅନ୍ୟପକ୍ଷରେ ପରଜଙ୍ଗ ପୁଲିସ ଦୁର୍ଘଟଣାର ତଦନ୍ତ ଜାରି ରଖିଛି ।

# ରାଷ୍ଟ୍ରୀୟ ଗୀତର ୧୫୦ ବର୍ଷ ପୂର୍ତ୍ତି ସମାରୋହ

ଅନୁଗୋଳ, (ସବ୍ୟୁ) : ଆଜି ଭାରତ ବର୍ଷ 'ବନ୍ଦେ ମାତରମ୍' ର ୧୫୦ ବର୍ଷ ପୂର୍ତ୍ତୀ ପାଳନ କରୁଛି ଢବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ର ୧୫୦ ବର୍ଷ ପୂର୍ତ୍ତୀ ପାଳନ ଉପଲକ୍ଷେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ, ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ଡେପୁଟୀ କଲେକ୍ଟର ଜୟକୃଷ୍ଣ ପାତ୍ର, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ମନ୍ମଥ ନାଥ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ, ଶିକ୍ଷକ,ଶିକ୍ଷୟତ୍ରୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରୀୟ ଗୀତ ଗାନ କରିଥିଲେ । ପରେ ପରେ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ, ଦିଲ୍ଲୀ ଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ । ଏହା ସହିତ ଅନୁଗୋଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଥିଲା । ପରେ ପରେ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ, ଦିଲ୍ଲୀ ଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବକ୍ତବ୍ୟର ସିଧା ପ୍ରସାରଣ କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ । ଏହା ସହିତ ଅନୁଗୋଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ରାଷ୍ଟ୍ରୀୟ ଗୀତ ଗାନ କରାଯାଇଥିଲା ।

# ପୋଖରୀରେ ପଡି ମହିଳା ମୃତ

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଭାଗଡା ଗ୍ରାମର ସରସ୍ୱତୀ ବେହେରା (୪୩) ଶୁକ୍ରବାର ମଧ୍ୟାହ୍ନରେ ଗ୍ରାମ ପୋଖରୀରେ ବୁଡି ପ୍ରାଣ ହରାଇଥିବା ଜଣାଯାଇଛି । ସ୍ଥାନୀୟ ଦମକଳ କେନ୍ଦ୍ର କର୍ମଚାରୀମାନେ ସରସ୍ୱତୀଙ୍କୁ ପୋଖରୀରୁ ଉଦ୍ଧାର କରି ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ଥାନାରେ ୨୨/୨୫ନଂ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି ।

# ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ହଦଗଡ ବନାଞ୍ଚଳ ପକ୍ଷରୁ କାଠକଟାବନ ପାଳ କାର୍ଯ୍ୟାଳୟ ୭୧ତ ମଠାରେ

ବନ୍ୟପ୍ରାଣୀ ସପ୍ତାହ ପାଳିତହୋଇଯାଇଛି। ଏଥିରେ ବନ ଖଣ୍ଡ ଅଧ କାରୀ ପ୍ରଶାନ୍ତ କୁମାର ପଣ୍ଡା, ଏସିଏଫ ଅଶୋକ କୁମାର ବିଶ୍ୱାଳ, ରେଞ୍ଜର ମାର୍ସାଲ କିନ୍ତୁ ପ୍ରମୁଖ ଯୋଗ ଦେଇ ବନ୍ୟପ୍ରାଣୀ ଓ ମଣିଷଙ୍କ ମଧ୍ୟରେ କିପରି ସୁସମ୍ପର୍କ ରହିବ, ମଣିଷମାନେ ଜଙ୍ଗଲରେ ପଶି ବନ୍ୟଜନ୍ତୁ ଶିକାର କରିବେ ।ନାହିଁ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବନପାଳ ମଳୟ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ କାଠକଟାବନପାଳ ଲକ୍ଷ୍ମୀଧର କିନ୍ତୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ କଣ୍ଟିପାଳ, ସୁକୁନାପାଳ, କାଠକଟା, ବାହିବା ଆଦି ଗ୍ରାମର ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନେ ଯୋଗ ଦେଇଥିଲେ।

# ଜଳିଗଲା ୪ ବଖରା

ସିମୁଳିଆ, (ସବ୍ୟୁ): ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଘର ପୋଡିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ଅନ୍ତର୍ଗତ ପୁରୁଷୋତ୍ତମପୁର ପଞ୍ଚାୟତର ମୁର୍ଖୁଙ୍ଗା ଗ୍ରାମର ମକର ବାରିକଙ୍କ ପୁଅ ଯୀଶୁଖ୍ରୀଷ୍ଟ ବାରିକ ଶୁକ୍ରବାର ବିଳମ୍ବିତ ରାତିରେ ଖାଇ ପିଇ ଶୋଇଯିବା ପରେ ବିଦ୍ୟୁତ ସର୍ଟସର୍କିଟ ହୋଇ ଅଗ୍ନିକାଣ୍ଡ ଘଟି ୪ବଖରା ଘର ପୋଡି ପାଉଁଶ ହୋଇଯାଇଛି । ଘରେ ଥିବା ଧାନ, ଚାଉଳ, ଲୁଗାପଟା, ଆସବାବପତ୍ର ସମେତ ୫୦ହଜାର ଟଙ୍କା ଗ୍ରୁପ ଋଣ ଆଣିଥିଲେ ପୋଡି ହୋଇ ନଷ୍ଟ ହୋଇଯାଇଛି । ଖବର ପାଇ ଅତା ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ତହସିଲ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରିବା ସହ ପଲଥିନ ଦେଇଥିବା ଜଣାଯାଇଛି । ଖବର ପାଇ ପୂର୍ବତନ ମନ୍ତ୍ରୀ ଜେୟାତି ପ୍ରକାଶ ପାଣିଗ୍ରାହୀ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ପ୍ରଶାସନ ପକ୍ଷରୁ ଆବାସ ଯୋଜନାରେ ଘରଟିଏ ଯୋଗାଇ ଦେବାକୁ ଗ୍ରାମବାସୀମାନେ ନିବେଦନ କରିଛନ୍ତି ।

# ଲିଙ୍ଗରାଜ ଡିଏଭି ସ୍ଥାପନା ଦିବସରେ ରକ୍ତଦାନ ଶିବିର
## ୫୧ ୟୁନିଟ ରକ୍ତ ସଂଗ୍ରହ

ସାଉଥବଲଣ୍ଡା,(ସବ୍ୟୁ) : ଡିଏଭି ପବ୍ଲିକ ସ୍କୁଲ ଏମସିଏଲ ଲିଙ୍ଗରାଜ ଏରିଆରେ ଷଷ୍ଠ ତମ ବିଦ୍ୟାଳୟ ସ୍ଥାପନା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ଓ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ସହ ଶତାଧିକ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକ ନିଜ ନିଜ ସ୍ୱାସ୍ଥ୍ୟ ଯାଞ୍ଚ ଓ ଚିକିତ୍ସା କରାଇଥିଲେ । ପବିତ୍ର ମୋହନ ମେଡିକାଲ କଲେଜ, ତାଳଚେରର ଡାକ୍ତରୀ ଟିମ୍ ଉପସ୍ଥିତ ରହି ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେଛ ତାଳଚେର ଡାକ୍ତରଖାନାର କର୍ମଚାରୀ ମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ତାଳଚେର ଉପଖଣ୍ଡର ସର୍ବାଧିକ ରକ୍ତଦାତା ଶିକ୍ଷକ ଶାନ୍ତନୁ ସାହୁଙ୍କୁ ଡିଏଭି ଲିଙ୍ଗରାଜ ପକ୍ଷରୁ ପୁଷ୍ପ ଗୁଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଅତିଥି ଭାବରେ ଏମସିଏଲର ଅଧିକାରୀ ଗଣ, ଆଶାକିରଣ ମହିଳା ମଣ୍ଡଳର ସଦସ୍ୟା ଏବଂ ଡିଏଭି ଜୋନ ଡି ର ଆଞ୍ଚଳିକ ଅଧିକାରୀ ପି.କେ ପଣ୍ଡା ଯୋଗ ଦେଇଥିଲେ । ସ୍କାଉଟ ଓ ଗାଇଡର ଛାତ୍ରଛାତ୍ରୀ ମାନେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ସମାଜସେବୀ କ୍ଷୀରୋଦ ସାହୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେଛ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସଂଯୁକ୍ତା ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ସହ ଅନ୍ୟାନ୍ୟ କର୍ମଚାରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

# କଣିହାଁରେ ଏନ୍‌ଟିପିସିର ୫୧ତମ ସ୍ଥାପନା ଦିବସ

କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲା କଣିହାଁସ୍ଥ ଏନଟିପିସିର ୫୧ତମ ସ୍ଥାପନା ଦିବସ ନଭେମ୍ବର ୭ ତାରିଖ ଦିନ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଏନଟିପିସି ପ୍ରଶାସନିକ ଭବନରେ ଆୟୋଜିତ ସମାରୋହରେ ଏନଟିପିସି କଣିହାଁ ର କାର୍ଯ୍ୟ, ନିର୍ବାହୀ ନିର୍ଦ୍ଦେଶକ କେ.ଏନ. ରେଡ୍ଡୀ ଯୋଗଦେଇ ଏନଟିପିସି ପତାକା ଉତ୍ତୋଳନ କରିବାସହ କେକ କାଟିଥିଲେ ଏବଂ ବେଲୁନ ଉଡ଼ାଇଥିଲେ ।

କେଏନ ରେଡ୍ଡୀ ତାଙ୍କ ଭାଷଣରେ ଏନଟିପିସି କଣିହାଁ ରେ ଗତ ବର୍ଷ ମଧ୍ୟରେ ଏହାର ଜାତୀୟ ସଫଳତା ଏବଂ ଉଲ୍ଲେଖନୀୟ ମାଇଲଖୁଣ୍ଟ ଉପରେ ଗୁରୁତ୍ୱାରୋପ କରି ଏନଟିପିସିର ଯାତ୍ରା ଉପରେ ଆଲୋକପାତ କରିଥିଲେ । ପରେ କର୍ମଚାରୀମାନେ



ପ୍ଲାଣ୍ଟ ଅଡିଟୋରିୟମରେ ଏକତ୍ରିତ ହୋଇ ଏନଟିପିସିର କର୍ପୋରେଟ କାର୍ଯ୍ୟାଳୟରୁ ସିଏମଡିଙ୍କ ଭାଷଣ ସିଧା ପ୍ରସାରଣ ମାଧ୍ୟମରେ ଶୁଣିଥିଲେ ।

ଭାରତ ସରକାରଙ୍କ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁସରଣ କରି, ଏହାର ରଚନାର ୧୫୦ ବର୍ଷ ପାଳନ କରିବା ଏବଂ ସମସ୍ତଙ୍କ ମଧ୍ୟରେ ଜାତୀୟ ଗର୍ବର ଭାବନା ସୃଷ୍ଟି କରିବା ପାଇଁ ଦେଶାତ୍ମବୋଧକ ଗୀତ ବନ୍ଦେ ମାତରମ୍ ବାଜିଥିଲା । ସକାଳେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟକ କର୍ମଚାରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ପଦଯାତ୍ରା ପରେ ଏକ ସାମୁହିକ ଚାରା ରୋପଣ କର୍ଯ୍ୟକ୍ରମ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ଏନଟିପିସି କଣିହାଁର ସିଜିଏମ ଚୌଧୁରୀ ସତ୍ୟ ରାମ କ୍ରିଷ୍ଣା, ଜିଏମ ସୁମିତ କୁମାର କୁଣ୍ଡୁ, ଜିଏମ ସମର୍ପିତା ଦେଓ୍ୱାସୀ, ଏଚଆରମୁଖ୍ୟ ନବନୀତ କୁମାର, ସିଆଇଏସଏଫ ଡିସି ଆଲୋକ କୁମାର ପାଣ୍ଡେ , ଏନଟିପିସି ର ବରିଷ୍ଠ ଅଧିକାରୀ, କର୍ମଚାରୀ, ସିଆଇଏସଏଫ , ୟୁନିଅନ ଏବଂ ଆସୋସିଏସନର ସଦସ୍ୟମାନେ ଯୋଗ ଦେଇଥିଲେ ।

ପ୍ରତିଷ୍ଠା ଦିବସ ପାଳନ ନିମିତ୍ତ ନଭେମ୍ବର-୭ ତାରିଖ ପର୍ଯ୍ୟନ୍ତ ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ ଏନଟିପିସିର ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ ପିଲାମାନଙ୍କ ପାଇଁ ଏକ ଚିତ୍ରାଙ୍କନ ପ୍ରତିଯୋଗିତା, ମହିଳାଙ୍କ ପାଇଁ ଏକ ରଙ୍ଗୋଲି ପ୍ରତିଯୋଗିତା ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ଏକ ପଜଲ/କ୍ୱିଜ୍ ପ୍ରତିଯୋଗିତା ଅନ୍ତର୍ଭୁକ୍ତ ଥିଲା ।

# ରାଜ୍ୟ ସୁରଭିକୁ ଯିବେ ବର୍ଷା ପ୍ରିୟଦର୍ଶନୀ ଶେଣ୍ଠ

ଭଣ୍ଡାରିପୋଖରୀ,(ସବ୍ୟୁ): : ଭଣ୍ଡାରିପୋଖରୀ ବ୍ଲକ ମଣିନାଥପୁର ନରେନ୍ଦ୍ର କୁମାର ପରିଡା ଉଚ୍ଚ ମାଧମିକ ବିଦ୍ୟାଳୟ ଏକାଦଶ ଶେଣୀ ଛାତ୍ରୀ ବର୍ଷା ପ୍ରିୟଦର୍ଶନୀ ଶେଣ୍ଠ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିର ସୃଜନଶୀଳ ଲେଖା ବିଭାଗରେ ପ୍ରଥମ ସ୍ଥାନ ହାସଲ କରି ରାଜ୍ୟସ୍ତରୀୟ ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି । ଗତ ଶୁକ୍ରବାର ଜିଲ୍ଲାସ୍କୁଲ ପରିସରରେ ଅନୁଷ୍ଠିତ ମହୋତ୍ସବରେ କୁମାରୀ ଶେଣ୍ଠଙ୍କୁ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ପ୍ରଥମ ପୁରସ୍କାର ପ୍ରଦାନ କରିଥିଲେ । ଉଚ୍ଚ ମାଧମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା । ଆଗାମୀ ସପ୍ତାହର ପ୍ରଥମ ଭାଗରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବରେ କୁମାରୀ ଶେଣ୍ଠ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା । ଏହି ସଫଳତା ପାଇଁ ଶନିବାର ଉଚ୍ଚ ମାଧମିକ ବିଦ୍ୟାଳୟ ପକ୍ଷରୁ ସଂପୃକ୍ତ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ରାଜ୍ୟସ୍ତରୀୟ ମହୋତ୍ସବରେ ସଫଳତା କାମନା କରାଯାଇଛି ।

# ଜିନ୍ଦଲ ଷ୍ଟିଲ୍ ପକ୍ଷରୁ ଏୟାର ଆଡଭେଞ୍ଚର ଶୋ'



ଅନୁଗୁଳ, (ସବ୍ୟୁ) : ଜିନ୍ଦଲ ଷ୍ଟିଲ୍ ଅନୁଗୁଳ ପକ୍ଷରୁ ଭର୍ଟିକାଲ୍ ଇଣ୍ଡିଆର ସହଯୋଗରେ ବହୁ ପ୍ରତୀକ୍ଷିତ 'ଏୟାର ଆଡଭେଞ୍ଚର୍ ୨୦୨୫' କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଛି । ଏହି ରୋମାଞ୍ଚକର ଏୟାର ସୋ' କର୍ମଚାରୀ, ସେମାନଙ୍କ ପରିବାର ଏବଂ ସ୍ଥାନୀୟ ସମ୍ପ୍ରଦାୟ ଲୋକଙ୍କୁ ଆକାଶରେ ଏକ ସ୍ମରଣୀୟ ଅଭିଜ୍ଞତା ଦେବା ସହ ସମସ୍ତଙ୍କୁ ଏକାଠି କରିବାର ସୁଯୋଗ ଆଣିଥିଲା । ସାବିତ୍ରୀ ଜିନ୍ଦଲ ବିମାନବନ୍ଦରରେ ଅନୁଷ୍ଠିତ ଏହି ୬ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ ବୟସ ବର୍ଗରେ ପ୍ରାୟ ୬୦୦ ଜଣ ଅଂଶଗ୍ରହଣ କରିଥିଲେ । ଆକାଶମାର୍ଗରେ ଅଂଶଗ୍ରହଣକାରୀଙ୍କ ଉତ୍ସାହ ବାରି ହୋଇପଡୁଥିଲା, ଯେତେବେଳେ ସେମାନେ ସାହସିକତା ଏବଂ ଏକତାର ଭାବନା ନେଇ ଏହି ରୋମାଞ୍ଚକର କାର୍ଯ୍ୟକ୍ରମରେ ଭାଗ ନେଉଥିଲେ ।

ଏହି କାର୍ଯ୍ୟକ୍ରମରେ ପାରାମୋଟରିଂ, ପାରାସେଲିଂ ଏବଂ ହଟ୍ ବେଲୁନରେ ଯାତ୍ରା କରିବାର ସୁବିଧା କରାଯାଇଥିଲା, ଯାହା ଆକାଶମାର୍ଗରୁ ଅନୁଗୁଳର ମନୋରମ ଦୃଶ୍ୟ ଦେଖିବାରୁ ସୁଯୋଗ ସୃଷ୍ଟି କରିଥିଲା । ତିନୋଟି ଭିନ ଭିନ୍ନ ଉଡ଼ାଣ ଛେଣ୍ଡିପଦା ଅଂଚଳରେ ୪୦୦ରୁ ଅଧିକ ଥର ଆକାଶମାର୍ଗରେ ବୁଲିଥିଲା । ସେହିପରି ଦୁଇଟି ହଟ୍ ବେଲୁନ୍ ଅଲଗା ଅଲଗା ସ୍ଥାନରୁ ପରିଚାଳିତ ହେଉଥିଲା । ଯାହା ଅତିଥି ତଥା ଅଂଶଗ୍ରହଣକାରୀଙ୍କୁ ବିଶେଷ ମୁହୂର୍ତ୍ତର ଭରପୁର ଆନନ୍ଦ ନେବା ସହ ଆକାଶରେ କିଛି ସ୍ମୃତି ସାଉଁଟିବାର ସୁଯୋଗ ଆଣିଥିଲା । କର୍ମଚାରୀଙ୍କ ସହଭାଗିତାକୁ ସୁଦୃଢ଼ କରିବା ସହିତ ସଂପ୍ରଦାୟ ସହ ସମ୍ପର୍କକୁ ମଜବୁତ କରିବା ନିମନ୍ତେ ଜିନ୍ଦଲ ଷ୍ଟିଲର ମାନବ ସମ୍ବଳ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

# ପୁରୀରୁ ଫେରିବା ବାଟରେ ହଜିଗଲେ ବାପା

ନୀଳଗିରି , (ସବ୍ୟୁ): ମାସେ ହେବ ଘରକୁ ଫେରିନାହାନ୍ତି ବୃଦ୍ଧ ବାପା । ବାପାଙ୍କୁ ଖୋଜି ଆଣିବାରେ ସହାୟତା କରିବା ପାଇଁ ପ୍ରଶାସନକୁ ଗୁହାରୀ କରିଲେ ପରିବାର। ସ୍ତ୍ରୀ ପୁଅଙ୍କ ସହିତ କାଳିଆଦର୍ଶନ ପାଇଁ ପୁରୀ ଆସି ଘରକୁ ଫେରିପାରିନାହାନ୍ତି ବରହମପୁର ଥାନା ଧରମପୁର ଅଞ୍ଚଳର ବୃଦ୍ଧ ସନାତନ ବେହେରା। ଗତ ମାସ ୬ତାରିଖରେ ପୁରୀ ପାଟଣା ଏକ୍ସପ୍ରେସ ଯୋଗେ ସନାତନ ପୁରୀରୁ ବାଲେଶ୍ୱର ଫେରିବା ସମୟରେ ସାକ୍ଷୀଗୋପାଳ ଷ୍ଟେସନ ନିକଟରେ ଟ୍ରେନ ଅଟକିଥିବା ବେଳେ ସନାତନ ଟ୍ରେନରୁ କୌଣସି କାରଣ ପାଇଁ ଓହ୍ଲାଇ ପଡିଥିଲେ। ହଠାତ୍ ଟ୍ରେନ ଛାଡିଦେବାରୁ ବୃଦ୍ଧଜଣକ ରହିଯାଇଥିଲେ। ପୁଅ ଚିତ୍ତରଞ୍ଜନ ଖୋର୍ଦ୍ଧା ଷ୍ଟେସନରେ ଓହ୍ଲାଇ ସାକ୍ଷୀଗୋପାଳ ଯାଇ ବହୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଶେଷରେ ସତ୍ୟବାଦୀ ଥାନାରେ ବାପାଙ୍କ ନିଖୋଜ ନେଇ ଜଣାଇଥିଲେ। ତେବେ ସତ୍ୟବାଦୀ ପୋଲିସଙ୍କୁ ଉଦ୍ଧାର କରିବାପାଇଁ ନିବେଦନ କରିବା ସହିତ ଯଦି କୌଣସି ସହୃଦୟ ବ୍ୟକ୍ତି ତାଙ୍କ ବାପାଙ୍କର ଖବର ପାଆନ୍ତି ତେବେ ୭୫୦୪୪୨୯୧୧୬ ମୋବାଇଲ ଫୋନରେ ଯୋଗାଯୋଗ କରିବା ପାଇଁ ଅନୁରୋଧ ଜଣାଇବା ସହିତ ବାପାଙ୍କର ସାମାନ୍ୟ ମୁଣ୍ଡଦୋଷ ରହିଛି। ପ୍ରଶାସନକୁ ଗୁହାରୀ ପରେ ମଧ କୌଣସି ସୁଫଳ ମିଳୁନଥିବାରୁ ସରକାର ସେମାନଙ୍କ ଗୁହାରୀ ଶୁଣନ୍ତୁ ବୋଲି ଅନୁରୋଧ କରିଛନ୍ତି ।

# ଛାତ୍ର ନିଖୋଜ ହେବା ଘଟଣା
## ସାଲେପୁରରୁ ଛାତ୍ରଙ୍କୁ ଉଦ୍ଧାର କଲା ପୋଲିସ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ସଦର ଥାନା ଅଙ୍କରାନ୍ତିପୁର ଆବାସ ଗୃହରୁ ଜଣେ ଦଶମ ଶ୍ରେଣୀ ଛାତ୍ର ନିଖୋଜ ହେବା ପରେ ଶନିବାର ସଦର ଥାନା ପୁଲିସ ସାଲେପୁରରୁ ଛାତ୍ରଙ୍କୁ ଉଦ୍ଧାର କରିଥିବା ଏକ ପ୍ରେସ ମିଟରେ ଆଇ ଆଇ ସି ସୂଚନା ଦେଇଛନ୍ତି । ସୂଚନା ଯେ, ବାଲିମି ଥାନା ପୋଥାଲୁ ଗ୍ରାମର ଲୁଲୁ ମହାପାତ୍ର ଓ ପ୍ରତିଭା ମହାରଣାଙ୍କ ପୁଅ ସୁମିତ ମହାପାତ୍ର ଓଡାପଡା ସ୍ଥିତ ଆଦଶ ସ୍କୁଲରେରେ ଦଶମ ଶ୍ରେଣୀରେ ପଢନ୍ତି । ସେ ଅଙ୍କରାନ୍ତିପୁର ଆବାସରେ ରହି ସ୍କୁଲକୁ ଯିବା ଆସିବା କରନ୍ତି । କିନ୍ତୁ ଗତ ଅକଟୋବର ୨୪ ତାରିଖରେ ସୁମିତ ଆବାସ ଗୃହରୁ ବାହାରି ସ୍କୁଲକୁ ଆଉ ଯାଇନଥିଲେ । ପରେ ସ୍କୁଲ କର୍ତ୍ତୃପକ୍ଷ ସୁମିତ ସ୍କୁଲ କିମ୍ବା ଆବାସ ଗୃହରେ ନଥିବା ତାଙ୍କ ପରିବାରଙ୍କୁ ଜଣାଇଥିଲେ । ପରିବାର ଲୋକ କାଳେ ସୁମିତ କୌଣସି ସମ୍ପର୍କୀୟଙ୍କ ଘରେ ଥିବା ସନ୍ଦେହ କରି ଖୋଜା ଖୋଜି କରିଥିଲେ ହେଲେ ସୁମିତଙ୍କ କୌଣସି ପତ୍ତା ମିଳିନଥିଲା । ଏ ନେଇ ସଦର ଥାନାରେ ଅଭିଯୋଗ ହୋଇ ତଦନ୍ତ ଜାରି ରହିଥିଲା ।

ଶନିବାର ନିଖୋଜ ଛାତ୍ର ସୁମିତଙ୍କ ମା'ଙ୍କ ପାଖକୁ ଏକ ଫୋନ ଆସିଥିଲା । ସାଲେପୁର ଅଞ୍ଚଳର ଜଣେ



ବ୍ୟକ୍ତି ନିଖୋଜ ସୁମିତଙ୍କ ସମ୍ପର୍କରେ ଫେସବୁକରୁ ଜାଣିବାକୁ ପାଇଥିଲେ । ପରେ ସୁମିତଙ୍କୁ ସହଯୋଗରେ ତାଙ୍କ ମା'ଙ୍କ ପାଖକୁ ଭିଡିଓ କଲ ମାଧ୍ୟମରେ କଥାବାର୍ତ୍ତା ହୋଇଥିଲେ । ପରେ ପରିବାର ଲୋକ ଓ ସଦର ଥାନାର ଏକ ଟିମ ସାଲେପୁର ଥାନାରେ ପହଞ୍ଚି ସୁମିତଙ୍କୁ ଉଦ୍ଧାର କରିଥିଲେ ।

# ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବନ୍ଦେମାତରମ୍ ଗାନ

ବାଲେଶ୍ୱର ,(ସବ୍ୟୁ): ଭାରତ ଗଣରାଜ୍ୟର ରାଷ୍ଟ୍ର ଗାନ ବନ୍ଦେ ମାତରମ୍ ରଚନାର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ଦେଶରେ ୧୫୦ ଟି ସ୍ଥାନରେ ବନ୍ଦେ ମାତରମ୍ ଗାନ ଉତ୍ସବ ଆୟୋଜିତ ହୋଇଯାଇଛଇ । ତନ୍ମଧ୍ୟରୁ ବାଲେଶ୍ୱର ଜିଲ୍ଲା ଥିଲା ଅନ୍ୟତମ । ଏହି କ୍ରମରେ ଶୁକ୍ରବାରସାଢ଼େ୧୦ଟାରେ ବାଲେଶ୍ୱର ପୋଲିସ ଲାଇନ ସେଲଫୀ ପଏଣ୍ଟରେ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଏହି ସମବେତ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା ସଂଯୋଜକ ଓ ପରିଚାଳନା କରିଥିଲେ । ସମବେତ ବୃନ୍ଦ ହାତରେ ଜାତୀୟ



ପତାକା ଧରି ଋଷି ବଙ୍କିମ ଚନ୍ଦ୍ରଙ୍କ ଦ୍ୱାରା ରଚିତ ସମ୍ପୂର୍ଣ୍ଣ ବନ୍ଦେ ମାତରମ୍ ସଙ୍ଗୀତ ଗାନ କରିଥିଲେ । ସମ୍ମିଳିତ ଅତିଥି ଭାବେ ସେବାନିବୃତ୍ତ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର ବନ୍ଦେ ମାତରମ୍ ଉପରେ ଆଲୋକପାତ କରିଥିଲେ । ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ଉତ୍ତର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ନାରୀ ନେତ୍ରୀ ସୁଷମା ରାଣୀ ବିଶ୍ୱାଳ, ବିଧାୟକ ପାର୍ଥୀ ରବିନ୍ଦ୍ର ଅଣ୍ଡିଆ ଓ ଆଶିଷ ପାତ୍ର, ସିପ୍ରାରେଖା ମହାପାତ୍ର, ସନ୍ତୋଷ ସେଠୀ, ରାଜେଶ ମହାପାତ୍ର, କରୁଣାକର ପଣ୍ଡା, ନିରାକାର ପଣ୍ଡା, ସୁକୁମାର ଦାସ, ଭଗବାନ ଗୁପ୍ତା, ଗୌରାଙ୍ଗ ଦାସ, ସୁଧାଂଶୁ ଶେଖର ପଣ୍ଡା, ରଘୁନାଥ ପରିଡ଼ା, ଧୀରଜ ମହାନ୍ତି , ପ୍ରଫୁଲ୍ଲ ଦିବେଦୀ, କୃଷ୍ଣଚନ୍ଦ୍ର ଦତ୍ତ, ରବିନ୍ଦ୍ର ଜୈନ, କମଳଲୋଚନ ଦାସ, ମାନସ ମହାନ୍ତି, ପରମାନନ୍ଦ ମହାପାତ୍ର, ସସ୍ମିତା ଚାନ୍ଦ, ମହୁଆ ପ୍ରଧାନ, ସୁସ୍ମିତା ପଣ୍ଡା ଚିତ୍ତରଞ୍ଜନ ପଣ୍ଡାଙ୍କ ସମେତ ଉଭୟ ସାଂଗଠନିକ ସଂସ୍କାର ସମସ୍ତ ପଦାଧିକାରୀ ଓ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲା ସମ୍ପାଦକ ବିଜୟ ସାହୁ, ଚନ୍ଦ୍ରଶେଖର ନନ୍ଦ ଓ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ସାତକୋଶିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଚୋରି ଅଭିଯୋଗ କରିଛନ୍ତି ରାଜସ୍ୱ ନିରୀକ୍ଷକ । ସୂଚନା ଅନୁସାରେ ବୁଧବାର ରାତିରେ କୌଣସି ଦୁର୍ବୃତ୍ତ ସାତକୋଶିଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଗୋଟିଏ ଇନଭେଟର ସହ ବ୍ୟାଟେରୀ, ୫ ପେକେଟ କଳା ପଲିଥିନ ଓ ଦୁଇଟି ଗ୍ୟାସ ସିଲିଣ୍ଡର ୪ ଟି ଚାବି ଭାଙ୍ଗି ଦେବା ସହିତ ଲକର ଚାବି ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି । ଆର ଆଇ ଅବିନାଶ କୁମାର ନାୟକଙ୍କ ଅଭିଯୋଗ ଆଧାରରେ ମହୁଲଡିହା ଥାନା ଅଧିକାରୀ ଅରୁଣ କୁମାର ଟୁଡୁ ଙ୍କ ନିର୍ଦ୍ଦେଶରେ ଏଏସଆଇ ସଞ୍ଜୟ କୁମାର ନାୟକ ଅନୁସନ୍ଧାନ କରୁଥିବା ଜଣାପଡିଛି । ପ୍ରକାଶ ଥାଉ କି କୌଣସି ଦୁର୍ବୃତ୍ତ ଅକ୍ଟୋବର ୧୪ ତାରିଖରେ ସ୍ଥାନୀୟ ନବ ନିର୍ମିତ ଏକଲବ୍ୟ ମଡେଲ ଆବାସିକ ସ୍କୁଲର ଟ୍ରାନ୍ସଫରମରରୁ ତେଲ ଚୋରି ଅଭିଯୋଗର ତଦନ୍ତ ଚାଲିଥିବା ବେଳେ ଏହି ଚୋରି ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଅଡୁଆରେ ପକାଇଛି ।

## ୧୯ରୁ ବାଲେଶ୍ୱର ଲୋକମହୋତ୍ସବ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ଲୋକ ମହୋତ୍ସବ ତରଫରୁ ଦ୍ୱିତୀୟବର୍ଷରେ ହେବାକୁ ଯାଉଥିବା ମହୋତ୍ସବ ନିମନ୍ତେ ଏକ ସାମ୍ବାଦିକ ସମ୍ମିଳନୀ ସ୍ଥାନୀୟ ଷ୍ଟେସନ କ୍ଲବରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ନଭେମ୍ବର ମାସ ୧୯ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ମହୋତ୍ସବ ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ହେବ । ମହୋତ୍ସବରେ ୩ଶହରୁ ଊର୍ଦ୍ଧ୍ୱର୍ ଷ୍ଟଲ ଖୋଲାଯିବ ବୋଲି ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରାଯାଇଛି । ଏହି ଷ୍ଟଲଗୁଡ଼ିକ ନିମନ୍ତେ ବୁକିଂ କାର୍ଯ୍ୟ ମଧ୍ୟ ସରିଯାଇଛି । ବାଲେଶ୍ୱର ଲୋକ ମହୋତ୍ସବରେ ଓଡ଼ିଶାର ବହୁ ନାମିଦାମୀ କଳାକାରମାନଙ୍କ ସହ ବାଲେଶ୍ୱର ବହୁ କଳାକାରମାନଙ୍କୁ ସୁଯୋଗ ପ୍ରଦାନ କରାଯିବା ସହ ବହୁ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ବୋର୍ଦ୍ଧିତ କରାଯିବ ।ଆୟୋଜିତ କାର୍ଯ୍ୟକ୍ରମରେ ଅସିମା ପଣ୍ଡା, ଶକ୍ତି ମିଶ୍ର, ବିଷ୍ଣୁମୋହନ କବି, ପ୍ରଜ୍ଞା ହୋତା, ଏସ୍ ଜିତୁ, ନାଭ୍ୟା ଜାୟତି, ଶଶାଙ୍କ ଶେଖର, ଦେବେଶ ପତି ପ୍ରମୁଖ ସଂଗୀତ ପରିବେଷଣ କରିବେ ବୋଲି ଲୋକମହୋତ୍ସବ କମିଟି ପକ୍ଷରୁ ସାମ୍ବାଦିକମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା ।

## ଅବକାରୀ ଚଢାଉ: ମଦ ସହ ୨ଗାଡ଼ି ଜବତ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ୪ଜଣ ଚୋରାମଦ ବିକ୍ରେତାଙ୍କୁ ଧରାଯାଇ ସେମାନଙ୍କ ନିକଟରୁ ୩୫ଶହ ଲିଟର ଦେଶୀମଦ ଜବଦ କରାଯିବା ସହ ୨ଟି ଗାଡ଼ି ଜବଦ କରାଯାଇଛି । ଘଟଣାରୁ ପ୍ରକାଶ ମୟୁରଭଞ୍ଜ ଜିଲ୍ଲା ରଘୁନାଥପୁର ଅଞ୍ଚଳର ବାସିନ୍ଦା ସେଖ୍ ଜମିରୁଦ୍ଦିନ୍‌ଙ୍କ ପୁତ୍ର ସେଖ ଜମାଲୁଦ୍ଦିନ (୩୫) ଓ ବିହାରର ଗୋପାଳ ପ୍ରସାଦ ସଙ୍କ ପୁତ୍ର ସଂଜୟ କୁମାର (୫୫)ଙ୍କୁ ଧରାଯାଇ ସେମାନଙ୍କ ନିକଟରୁ ୨ହଜାର ଲିଟର ଦେଶୀମଦ ସହ ଓଡ଼ି-୧୧ଏଏଚ୍-୩୩୩୭ ନମ୍ବର ବିଶିଷ୍ଟ ଏକ ଟାଟାଇଣ୍ଟ୍ରା ୪ଚକିଆ ଗାଡ଼ି ଜବଦ କରାଯାଇଛି । ଏବାବଦରେ ଅବକାରୀ ବିଭାଗ କାର୍ଯ୍ୟାଳୟରେ କେଶ୍ ନମ୍ବର ୩୦୮/୨୫-୨୬ ମୂଳେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ସିମୁଳିଆ ଥାନା ବଙ୍ଗାଳପୁର ଗ୍ରାମର ବାସିନ୍ଦା ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ପୁତ୍ର ସୁଶାନ୍ତ ମହାନ୍ତି ଓରଫ ଦିପୁ (୩୮) ଓ ଭଦ୍ରକ ଜିଲ୍ଲା ଚୁଡ଼ାମଣି ଅଞ୍ଚଳର ସ୍ୱର୍ଗତ ଧିରେନ୍ଦ୍ର ଦାସଙ୍କ ପୁତ୍ର ସବିର କୁମାର ଦାସ ଓରଫ ପୁଅ (୫୦)ଙ୍କୁ ଧରାଯାଇ ସେମାନଙ୍କ ନିକଟରୁ ୧୫ଶହ ଲିଟର ଦେଶୀ ମଦସହ ଓଡ଼ି-୦୧୭-୫୫୦୨ ନମ୍ବର ବିଶିଷ୍ଟ ମହେନ୍ଦ୍ର ବଲେର ଜବଦ କରାଯାଇଛି । ଜବଦ ହୋଇଥିବା ସାମଗ୍ରୀର ମୂଲ୍ୟ ୧୭ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ବନ୍ଦେ ମାତରଂ ଗାନ କଲେ ଶତାଧିକ ଛାତ୍ର ଛାତ୍ରୀ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅନ୍ତର୍ଗତ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ରଚିତ ବନ୍ଦେ ମାତରଂ ସଂଗୀତ ଗାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷକ 1 ଅଜିତ କୁମାର ଜେନାଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୮୦ ଜଣଛାତ୍ର ଛାତ୍ରୀ ସମେତ ସମସ୍ତ ଶିକ୍ଷକ ଅଣଶିକ୍ଷକ ପ୍ରାର୍ଥନା ସଭାରେ ସମୂହ ଗାନରେ ଏକତ୍ରିତ ହୋଇ ରାଷ୍ଟ୍ର ଆରାଧନା ଓ ଦେଶପ୍ରୀତି ର ଏହି କାଳଜୟୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ଗାନ କରିଥିଲେ ।ଅପରାହ୍ନରେ ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ହୋଇ ବନ୍ଦେ ମାତରଂ ସଂଗୀତ ରଚୟିତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଏହି ସଙ୍ଗୀତ ର ଅର୍ଥ ଓ ଗାନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ବନ୍ଦେ ମାତରଂବିଷୟ ବସ୍ତୁ ଉପରେ ଅନୁଷ୍ଠିତ କୁଇଜ, ପ୍ରବନ୍ଧ, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗୀତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା । ଶିକ୍ଷକ ଶୁଭବନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ ଓ ଶୁଭାଶିଷ ପଣ୍ଡା ନିଜ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ନବମ ଶ୍ରେଣୀ ଛାତ୍ରୀ ତନ୍ମୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶିଷ୍ଟ କୃଷି ଉଦ୍ୟୋଗୀ ଭାସ୍କର ପଣ୍ଡାଙ୍କ ପରଲୋକ

ଠାକୁରମୁଣ୍ଡା, (ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଜରକ ଗ୍ରାମପଞ୍ଚାୟତ ନୂଆପଡା ଗ୍ରାମର ଭାସ୍କର ପଣ୍ଡା( ୮୯)ଙ୍କର ମୃତ୍ୟୁ ହୋଇଯାଇଛି । ସେ କୃଷି କର୍ମଚାରୀ ଭାବେ କାର୍ଯ୍ୟ କରି ଅବସର ନେବା ପରେ କୃଷି ଉଦ୍ୟୋଗୀ ଭାବେ ପରିଚିତି ଲାଭ କରିଥିଲେ । ଉନ୍ନତ ଚାଷୀ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା ୫ ସେ ଧାନ ଚାଷ, ମାଛ ଚାଷ, ଆମ୍ବ ଚାଷ, କୁକୁଡ଼ା ଚାଷ ଓ ଛେଳି ଚାଷରେ ଜଣେ ସଫଳ ଚାଷୀ ଭାବେ ପରିଚୟ ରଖିଥିଲେ । ମୃତ୍ୟୁ ଖବର ପାଇ ଠାକୁରମୁଣ୍ଡାରୁ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ବନ କର୍ମଚାରୀ ରବିଶଙ୍କର ଘୋଷଙ୍କ ମୃତ୍ୟୁ

ବେତନଟୀ, (ସବ୍ୟୁ): ଓଡିଶା ବନଉନ୍ନୟନ ନିଗମର ଅବସରପ୍ରାପ୍ତ କର୍ମଚାରୀ ତଥା ବେତନଟୀର ରବିଶଙ୍କର ଘୋଷଙ୍କର ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ବେଳେ ଗୁରୁବାର ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ୨୦୧୦ ମସିହାରେ ଓଡିଶା ବନଉନ୍ନୟନ ନିଗମ (ଓଏଫଡିସି)ରୁ ଅବସର କରିବାପରେ ବେତନଟୀରେ ଅବସରଜୀବନ ବିତାଉଥିଲେ । ମଙ୍ଗଳବାର ମଧ୍ୟ ରାତିରେ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବା ସହିତ ଗୁରୁତର ହେବାରୁ ପୁତୁରା ଅଭିଜିତ ଘୋଷ, ଡ. ଚିରଞ୍ଜୀବ ରଞ୍ଜନ ପାଲ ପ୍ରମୁଖ ସଙ୍ଗେସଙ୍ଗେ ବେତନଟୀ ଡାକ୍ତରଖାନା ଏବଂ ସେଠାରୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ନେଇଥିଲେ ସ୍ୱାସ୍ଥ୍ୟବସ୍ଥା ଶଙ୍କଟାପନ୍ନ ହେବାରୁ ଭୂବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ସୁଦ୍ଧା ବୁଧବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । । ପୁରୀ ସ୍ୱର୍ଗଦାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ କ୍ୱାଇଁ ଅନୂପ କୁମାର ଘୋଷ ମୁଖାଗ୍ନି ଦେଇଥିଲେ । ରବିଶଙ୍କରଙ୍କ ଆକସ୍ମିକ ଦେହାନ୍ତରେ ବେତନଟୀ ଅଞ୍ଚଳରେ ଛାୟା ଖେଳିଯାଇଛି ।

## ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି

ବାଲେଶ୍ୱର,(ସବ୍ୟୁ): ବସ୍ତା ବିଧାୟିକା ସୁବାସିନୀ ଜେନା ନିଜ ନିର୍ବାଚନ ମଣ୍ଡଳୀର ତୃଣମୂଳ ସ୍ତରରୁ ଜନସାଧାରଣଙ୍କ ମୌଳିକ ସମସ୍ୟା ଗୁଡ଼ିକ ବିଷୟରେ ଅବଗତ ହେବା ଏବଂ ସେଗୁଡିକର ସମାଧାନ ନିମନ୍ତେ ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି । ଏହି କ୍ରମରେ ଶୁକ୍ରବାର ଦିନ ସକାଳେ ବସ୍ତା ବ୍ଲକର ଇଡିଦା ପଞ୍ଚାୟତ ଏବଂ ଅପରାହ୍ନରେ ବାଲିଆପାଳ ବ୍ଲକର କୁଣ୍ଡୁଳି ପଞ୍ଚାୟତ ଠାରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିର ରେ ଜନସାଧାରଣ ସେମାନଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ବିଭିନ୍ନ ସମସ୍ୟା ଗୁଡ଼ିକୁ ବିଧାୟିକାଙ୍କ ନିକଟରେ ଉପସ୍ଥାପନ କରିଥିଲେ । ବିଧାୟିକା ସମସ୍ତ ଅଭିଯୋଗ ଗୁଡ଼ିକ ଶୁଣିବା ସହିତ ତାହାର ସମାଧାନ ପାଇଁ ବା ପଦକ୍ଷେପ ସ୍ୱରୂପ ବିଭାଗୀୟ ଅଧିକାରୀମାନଙ୍କ ସହିତ କଥା ହୋଇଥିଲେ । ଏଥି ସହିତ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ପାଇଁ ବସ୍ତା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରେ ପର୍ଯ୍ୟାୟ କ୍ରମେ ପହଞ୍ଚି ସମାନ ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର ଆୟୋଜନ କରାଯିବ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଇଡିଦା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଦେବୀ ପ୍ରସାଦ ଭଞ୍ଜ, ପଞ୍ଚାୟତ ପି.ଇ.ଓ ପ୍ରଦୀପ ଆଦେକ, ଏଡଇଓ କିଶୋର ଚନ୍ଦ୍ର ସାହୁ, ସେହିପରି କୁଣ୍ଡୁଳି ପଞ୍ଚାୟତର ସରପଞ୍ଚ ଜୟନ୍ତ ଦାସ, ସମିତି ସଭ୍ୟା ନମିତା ମଲ୍ଲିକ, ପିଇଓ ଗୌତମ ସେଠୀ, ଏଡିଇଓମାନସ ରଞ୍ଜନ ନାୟକଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିର ବସ୍ତା ନିର୍ବାଚନମଣ୍ଡଳୀର ହଜାର ହଜାର ଗ୍ରାମୀଣ ପରିବାରଙ୍କ ବିକେନ୍ଦ୍ରୀକୃତ ଅଭିଯୋଗ ସମାଧାନରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିବ ବୋଲି ଆଶା କରାଯାଉଛି । ଆଜିର ଶିବିର ରେ ଯୋଗଦାନ କରିଥିବା ଲୋକମାନେ ବିଧାୟିକାଙ୍କ ଏଭଳି ଅଭିନବ ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ ।

## କାର ଧକ୍କାରେ ଯୁବକ ମୃତ

ଠାକୁରମୁଣ୍ଡା,(ସବ୍ୟୁ) : ୫୩ ନଂ ରାଜ୍ୟ ରାଜପଥ ଠାକୁରମୁଣ୍ଡା ଆନନ୍ଦପୁର ରାସ୍ତାର ତରାମରା ଠାରେ କାର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି ।ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତରାମରା ଗ୍ରାମପଞ୍ଚାୟତର ଗିରିଧାରୀ ଦଳେଇଙ୍କ ଏକମାତ୍ର ପୁଅ ତ୍ରିଲୋଚନ ( ଗୌତମ) ଦଳେଇ (୩୩) ବାହାରେ ରହି ଟ୍ରକ ଡ୍ରାଇଭର କାମ କରନ୍ତି । ଗୌତମ ଶନିବାର ଦିନ ଘରୁ ଯାଇ କାର୍ଯ୍ୟରେ ଯୋଗ ଦେଇଥାନ୍ତେ । ବସ ଆସିବା ସମୟ ହୋଇ ଯିବାରୁ ଜଣକ ପାଖରୁ ସାଇକେଲଟିଏ ମାଗି ଘରକୁ ବ୍ୟାଗ ଆଣିବାକୁ ଯାଇଥିଲେ । ଦିନପ୍ରାୟ ସାଢ଼େ୧୨ଟାରେ ଘରୁ ସାଇକେଲ ଫେରାବାକୁ ୫୩ ନଂ ରାଜ୍ୟ ରାଜପଥରେ ଯାଉଥିବା ବେଳେ ଠାକୁରମୁଣ୍ଡା ପଟୁ ଭୁବନେଶ୍ୱର ଯାଉଥିବା କଳା ରଙ୍ଗର ଟାଟା ନେକ୍ସନ କାର ° ସାଇକେଲ ସହ ଗୌତମକୁ ଧକ୍କାଦେଇ ଘୋଷାରି ନେଇ ଥିଲା । ଗୌତମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଧକ୍କାଦେଇ କାର ଚାଳକ ଫେରାର ହୋଇ ଯାଇଥିଲା । ଖବର ପାଇ ଠାକୁରମୁଣ୍ଡା ପୁଲିସ ଘଟଣା ସ୍ଥଳରୁ ଶବକୁ ଅଗ୍ନିଶମ ବିଭାଗ ଗାଡ଼ିରେ ଠାକୁରମୁଣ୍ଡା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ସହ କାରକୁ ଜବତ କରି ଥାନାକୁ ଅଣି ତଦନ୍ତ ଆରମ୍ଭ କରିଛି ।ଠାକୁରମୁଣ୍ଡା ଥାନାରେ ଏ ସଂକ୍ରାନ୍ତରେ କେଶ ନଂ ୧୩୩ ରୁଜୁ ହୋଇ ତଦନ୍ତ ଚାଲିଛି ।

## ସହିଦ ପ୍ରଦୀପ ଘଣାଙ୍କ ଦାଦଶ ଶ୍ରାଦ୍ଧ ବାର୍ଷିକୀ

ଢେଙ୍କିକୋଟ,(ସବ୍ୟୁ): ଘଟଗାଁ ବ୍ଲକ ମୁକ୍ତାପୁର ପଞ୍ଚାୟତ ଅନ୍ତର୍ଗତ ମୁଦ୍ରାବେଢା ଠାରେ ଜନ୍ମ ମାଟିରେ ସହିଦ ପ୍ରଦୀପ ଘଣାଙ୍କ ଦାଦଶ ଶ୍ରାଦ୍ଧ ବାର୍ଷିକୀ ପାଳନ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମବାସୀ, ସାମ୍ବାଦିକ, ଶିକ୍ଷାବିତ, ସମାଜସେବୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଓ ରାଜନୈତିକ ବ୍ୟକ୍ତି ଯୋଗଦେଇଥିଲେ । ସମସ୍ତ ଦିବଙ୍ଗତ ଙ୍କ ପ୍ରତିମୂର୍ତ୍ତି ନିକଟରେ ଓ ଫଟୋଚିତ୍ର ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ନୀରବପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ନିମନ୍ତ୍ରଣ ହୋଇ ମୁଖ୍ୟ ଅତିଥିଭାବେ ଭାରତୀୟ ଜନତା ପାର୍ଟି ରାଜ୍ୟ




ସମ୍ପାଦିକଝ ମମତା ସିଂ , ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ସିଆରପିଏଫ ର ଡେପୁଟି କମାଣ୍ଡାଣ୍ଟ ମହେନ୍ଦ୍ର ସିଂ ବର୍ମା, ସମ୍ମାନିତ ଅତିଥିଭାବେ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ସମାଜସେବୀ ମଧୁସୂଦନ ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଦାସ, ସିଆରପିଏଫ ର ଏଏସଆଇ ରଞ୍ଜନ କୁମାର ଦାସ,ସହିଦ ଙ୍କ ପିତା ଶ୍ରୀକାନ୍ତ ଘଣା ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସାମ୍ବାଦିକ ସଞ୍ଜୟ କୁମାର ସାହୁ ।

## କାମଧେନୁ ଗୋସେବା ଟ୍ରଷ୍ଟର ବୈଠକ

କେନ୍ଦୁଝର,(ସବ୍ୟୁ):: ସ୍ଥାନୀୟ ସହିଦ ସଦନ ଠାରେ ଗୋସେବାକୁ ବ୍ରତ କରିଥିବା କାମଧେନୁ ଗୋସେବା ଟ୍ରଷ୍ଟ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟତଃ ବୁଲା ଗାଈ ଗୋରୁଙ୍କ ସେବା ତଥା ଥଇଥାନ ଲାଗି ଏକ ସ୍ଥାୟୀ ଗୋଶାଳା କରିବାକୁ ସମସ୍ତଙ୍କ ପରାମର୍ଶ ଓ ସହଯୋଗ ନେବାକୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବୈଠକରେ ବରିଷ୍ଠ ଡାକ୍ତର ତଥା ସମାଜସେବୀ ଡାକ୍ତର ଅରୁଣ କୁମାର ସାହୁ ଅଧ୍ୟକ୍ଷତା କରି ଥିଲେ, ଜଗନ୍ନାଥଙ୍କ ପାଖେ ପ୍ରାରମ୍ଭିକ ଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । କାମଧେନୁ ଗୋସେବା ଟ୍ରଷ୍ଟର ସେଟଲର ମୋନାଲିସା ଦାଶ ସଭା ପରିଚାଳନା କରି ଗୋସେବାକୁ ଜୀବନର ବ୍ରତ ବୋଲି କହିଥିଲେ । ଏଥିଲାଗି ବିଭିନ୍ନ ଆ ବୁଲି ଗୋସେବା କଲା ପରେ ସ୍ଥାୟୀ ଗୋଶାଳା ଲାଗି ସ୍ଥାନ ଖୋଜୁଥିବା ସେ ଜଣାଇଥିଲେ, ପୁଣି କହିଥିଲେ କି ଅପାତତଃ ସହର ନିକଟରେ ଏହି ଗୋଶାଳା ହେବାକୁ ଯାଉଛି । ସମସ୍ତେ ଏକଥା ଜାଣି ଖୁସି ପ୍ରକଟ କରି ସ୍ୱାଗତ କରିଥିଲେ । ଲୋକେ ରାସ୍ତାରେ ଗୋରୁ ଛାଡୁଛନ୍ତି ହେଲେ ଦୁର୍ଘଟଣା ହେଲେ ଅସହାୟ ହୋଇ ନେଉନାହାନ୍ତି, ପୁଣି ନାଗପାଳିକାର ସବୁ କାଞ୍ଜିଆହୁଦା ଏବେ ବନ୍ଦ ତେଣୁ ଗୋରୁଙ୍କୁ ଥଇଥାନ କରିବା କାଠିକର ପାଠ ହେଉଛି । ଭାରତରେ ଗାଈକୁ ପୂଜା କରାଯାଏ ତେଣୁ ଏପରି ଅବହେଳା ଆଉ ବରଦାସ୍ତ କରାଯିବନି ବୋଲି ଶ୍ରୀମତୀ ଦାଶ କହିଥିଲେ ତେଣୁ ସ୍ଥାୟୀ ଗୋଶାଳା ଲାଗି ସମସ୍ତେ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଏହି ସଭାରେ ଟ୍ରଷ୍ଟ ସଦସ୍ୟ ସରୋଜ ଦାଶ ବିବରଣୀ ପାଠ କରିଥିଲେ । ଏହି ବୈଠକରେ ଅନ୍ୟତମ ଟ୍ରଷ୍ଟ ସଦସ୍ୟ ହିତେଶ ରାଠୋର ଓ ଫଣୀ ଭୂଷଣ ବିଶ୍ୱାଳ ଉପସ୍ଥିତ ରହି ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭୁତି ଭୂଷଣ ଦାଶ, ଦେବରାଜ ଆଚାର୍ଯ୍ୟ, ଡକଫର ଶଶୀକାନ୍ତ ଜେନା, ଜଗଦୀଶ ରାଠୋର,ଲକ୍ଷ୍ମୀଧର ନାଏକ, ଡାକ୍ତର ଜଗଦୀଶ ମହାନ୍ତ,ସୌମ୍ୟ ସାହୁ,ଦିବ୍ୟ ପ୍ରସାଦ ବାରିକ, ସତ୍ୟଜିତ ସାମନ୍ତରାୟ,ଦୁର୍ଯ୍ୟୋଧନ ମହାନ୍ତ, ପ୍ରତାପ କୁମାର ଝରା,ରଜିମଣି ସେଠୀ,ସୁବ୍ରତ ମହାନ୍ତି, ମହେନ୍ଦ୍ର ସାହୁ,ବିଭୁ ଅର୍ଚ୍ଚନା ରାଉତରାୟ, ଗିରିଜା ମିଶ୍ର ଆଦି ଉପସ୍ଥିତ ରହି ନିଜର ମୂଲ୍ୟବାନ ମତାମତ ରଖିଥିଲେ ।

## ବେତାଳି ଗାଁରେ ଭଦ୍ରକ- ଆରଡି ରାସ୍ତା ଅବରୋଧ

ଧୁଷୁରୀ ,(ସବ୍ୟୁ): ଆରଡି ରାସ୍ତାର ବେତାଳିଗାଁ ବଜାର ନିକଟରେ ଅବସ୍ଥିତ ରାଜ୍ୟ ରାଜପଥ ୩୫ ଉପରେ ଶନିବାର ଦିନି ଜନସାଧାରଣ ଦ୍ୱାରା ରାସ୍ତାରୋକ ଆନ୍ଦୋଳନ ଅନୁଷ୍ଠିତ ହୋଇଛି । ଆଇନଜୀବୀ ତଥା ରାଜନେତା ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଭଦ୍ରକ- ଆରଡି ରାସ୍ତାର ବେତାଳି ଗାଁ ଠାରେ ରାସ୍ତା ରୋକ କରାଯାଇଥିଲା । ସକାଳ ୧୦ ରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ୫ ଘଣ୍ଟା ଯାନବାହନ ଚଳାଚଳ ଠପ ହୋଇଯାଇଥିଲା ।ଏହି ପରିପ୍ରେକ୍ଷୀରେ ବହୁ ଛାତ୍ରଛାତ୍ରୀ, ସାଧାରଣ ଜନତା ଅସୁବିଧାରେ ପଡିଥିଲେ ଉକ୍ତ ରାସ୍ତା ରୋକ ଆନ୍ଦୋଳନ ରେବାମଦଳ ନେତା ଚନ୍ଦ୍ର ଶେଖର ନାୟକ, ସତ୍ୟମୂର୍ତ୍ତି ବେହେରା, ପୂର୍ବତନ ସରପଞ୍ଚ ଅନିଲ ଦାସ, ଭଗୀରଥୀ ମହାନ୍ତି, ମାର୍କଣ୍ଡ ଯେନା, କୃଷକ ନେତାପୀତବାସ ମହାନ୍ତି, ପୂର୍ବତନ ସରପଞ୍ଚ ପରମାନନ୍ଦ ସାଏନ୍ତ, ଯୁଧିଷ୍ଠିର ମହାପାତ୍ର, ନଗମା ବାହାର, ଶିକ୍ଷାବିତ ରବିନ୍ଦ୍ର ବେଉରିଆ, ବାସୁଦେବ ଯେନା, ସୁରେନ୍ଦ୍ର ମଳିକ, ଭରଞ୍ଜନ ମହାନ୍ତି, ବରିଷ୍ଠ ନାଗରିକ କୈଳାଶ ଚନ୍ଦ୍ର ସାହୁ, ସଂଗଠକ କୈଳାଶ ବାରିକ,ଅନେକ ସ୍ଥାନୀୟ ବୁଦ୍ଧିଜୀବୀ, ସାଧାରଣ ଜନତା ସାମିଲ ହୋଇଥିଲେ । ପରିଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଧିନ୍ଦା , ରାସ୍ତା ଓ ପୂର୍ତ୍ତ ବିଭାଗ ଜେଇଇ ନବଘନ ମାରାଣ୍ଡି ଓ ଧୁଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେ ଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।ଆଜିର ରାସ୍ତାରୋକ ଆନ୍ଦୋଳନରେ ବେତାଳିଗାଁ ବଜାର ନିକଟରେ ଶତାଧିକ ଜନସାଧାରଣ ଏକତାର ଦେଖା ଦେଇ ରାଜ୍ୟ ରାଜପଥ ଅବରୋଧ କରିଥିଲେ । ଏହି ଆନ୍ଦୋଳନ ଦଳମତ ନିର୍ବିଶେଷ ଏକତାର ଦୃଷ୍ଟାନ୍ତ ହେବା ସହ, ଅଧିକାରୀ ତନ୍ତ୍ରକୁ ଜନସମସ୍ୟା ପ୍ରତି ଜଗାଇବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରୂପେ ଦେଖାଯାଉଛି ।

## ମୁଖ୍ୟମନ୍ତ୍ରୀଙ୍କ ଗାଁ ରାଇକଳାରେ ଖୋଲିବ ଷ୍ଟେଟ ବ୍ୟାଙ୍କ ଶାଖା

କେନ୍ଦୁଝର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପୈତୃକ ଗ୍ରାମ ରାଇକଳା ଗାଁରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ଖୋଲିବା ପାଇଁ ଷ୍ଟେଟ ବ୍ୟାଙ୍କ ରିଜିଓନାଲ ବିଜିନେସ ଅଫିସର ଆଂଚଳିକ ପ୍ରବନ୍ଧକ ନିଷ୍ପତ୍ତି ନେଇଛନ୍ତି । ଏହି ଶାଖା ଖୋଲିଲେ ରାଇକଳା ଏବଂ ଆଖପାଖ ଅଂଚଳର ଜନସାଧାରଣ ବ୍ୟାଙ୍କ ସେବା ପାଇପାରିବେ । ଏହି ଅଂଚଳର ଲୋକମାନେ ବ୍ୟାଙ୍କ ସେବା ପାଇଁ ଝୁମ୍ପୁରା ଏବଂ ଉଖୁଣ୍ଡା ଉପରେ ନିର୍ଭର କରୁଥିଲେ । ଏହି ଶାଖା ଖୋଲିବା ପରେ ଗ୍ରାହକମାନେ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଆକାଉଂଟ ଖୋଲିବା,ଏଟିଏମ ସେବା ଏବଂ ବିଭିନ୍ନ ପ୍ରକାର ଲୋନ ସେବା ସୁବିଧାରେ ପାଇପାରିବେ ବୋଲି କେନ୍ଦୁଝର ରିଜିଓନାଲ ବିଜିନେସ କାର୍ଯ୍ୟାଳୟର ଚିଫ ମ୍ୟାନେଜର ମହେଶ୍ୱର ସାହୁ ପ୍ରକାଶ କରିଛନ୍ତି । ଏହି ଶାଖା ୬ ମାସ ଭିତରେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି । ଏହି ଅଂଚଳରେ ଲୋକଙ୍କୁ ବ୍ୟାଙ୍କ ସେବା ଯୋଗାଇବା ପାଇଁ ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କରିଥିବାରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏହି ଶାଖା ଟି ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି ।

## ରାଜ୍ୟସ୍ତରକୁ ମନୋନୀତ ମନସ୍ମିତାଙ୍କୁ ସମ୍ବର୍ଦ୍ଧନ

ଆଗରପଡ଼ା,(ସବ୍ୟୁ): ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ନବମ ଶ୍ରେଣୀ ଛାତ୍ରୀ ମନସ୍ମିତା ରାଉତ ସୁରଭି କାର୍ଯ୍ୟକ୍ରମ ସୃଜନଶୀଳ ଲିଖନ ଜିଲ୍ଲାସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି ।ସେ ସ୍କୁଲ ପାଇଁ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା



ସହ ଶୁଭେଚ୍ଛା ଜଣାଇଛନ୍ତି ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଂଜନ ମହାନ୍ତି, ପରିଚାଳନା କମିଟି ଅଧ୍ୟକ୍ଷା ବର୍ଷାରାଣୀ ମଲ୍ଲିକ, ସଭ୍ୟ ତଥା ସାମ୍ବାଦିକ ଅକ୍ଷୟ ସିଂହ,ସିଆରସିସି ନିରଞ୍ଜନ ଖିଲାର, ସହକାରୀ ଶିକ୍ଷକ ଅଜିତ ରାଉଳ, ବିରେନ ମିଶ୍ର,କୈଳାସ ପଣ୍ଡା, ଭୀମସେନ ପାଳ,ପ୍ରମୋଦିନୀ ସାହୁ, ଭାଗ୍ୟଶ୍ରୀ ପଣ୍ଡା, ରଂଜିତା ଶିଅଳ,ବନଜିନୀ ନାୟକ,ସାଗରିକା ମହାନ୍ତି, ବିଦ୍ୟୁତଲତା ଦାସ, ସାବିତ୍ରୀ ଦାଶ ପ୍ରମୁଖ । ଶିକ୍ଷାବି ସମୀକ୍ଷା ପ୍ରସାଦ ରାଉତ ଓ ମଧୁସ୍ମିତା ଜେନାଙ୍କ ଝିଅ ମନସ୍ମିତା ମଧ୍ୟ ପୂର୍ବରୁ ନିଜ ପାରଦର୍ଶିତା ପ୍ରଦର୍ଶନ କରି କୃତକାର୍ଯ୍ୟ ହୋଇ ସ୍କୁଲ ପାଇଁ ଅନେକ ଗୌରବ ସାଉଁଟିଛନ୍ତି ।

## ଭାଗବତ ଟୁଙ୍ଗି ନିର୍ମାଣ କାର୍ଯ୍ୟରେ ଅନିୟମିତତା

ଦୋବଲ,(ସବ୍ୟୁ): ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତର ପଞ୍ଚାୟତ ସ୍ତରରେ ଅନୁମୋଦନ ହୋଇଥିବା ଏକ ଭାଗବତ ଟୁଙ୍ଗି ଘର ନିର୍ମାଣ କାର୍ଯ୍ୟରେ ଅନିୟମିତତା ନେଇ ଗ୍ରାମବାସୀମାନେ ବିଡ଼ିଓ ବନବିହାରୀ ଦୀଣ୍ଡାଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମୁସ୍ତାଫାପୁର ପଞ୍ଚାୟତର ରଘୁନାଥପୁର ରାଜସ୍ୱ ଗ୍ରାମରେ ଏକ ଭାଗବତ ଟୁଙ୍ଗି ଘର ନିର୍ମାଣ ହେବାକୁ ବିକସିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସରକାରୀ ସ୍ତରରେ ଅନୁମୋଦନ ହୋଇଥିଲା । ଉକ୍ତ ରାଜସ୍ୱ ଗ୍ରାମ ଅଧୀନ ଯେନା ସାହିରେ ଥିବା ବହୁ ପୁରାତନ ପ୍ରାୟ ୧୦୦ ବର୍ଷର ଭାଗବତ ଟୁଙ୍ଗିର ପୁନରୁଦ୍ଧାର ନେଇ ଆର୍ଥିକ ବର୍ଷ ୨୦୨୪-୨୫ ରେ ପଞ୍ଚାୟତ ସ୍ତରରେ ଗ୍ରାମ ସଭା ମାଧ୍ୟମରେ ଅଟକଳ ମୂଲ୍ୟ ୪ ଲକ୍ଷ୍ୟ ୪୩ ହଜାର ୫ଶହ ଟଙ୍କା ବିନିମୟରେ ଘର ନିର୍ମାଣ ହେବାକୁ ସରକାରୀ ସ୍ତରରେ ଧାର୍ଯ୍ୟ କରାଯାଇଥିଲା । ହେଲେ ଉକ୍ତ ଭାଗବତ ଟୁଙ୍ଗି ଘରକୁ ନିର୍ଦ୍ଧାରିତ ଜାଗାରେ ନକରି ଅନ୍ୟ ସ୍ଥାନରେ ନିର୍ମାଣ ହେଉଛି । ଯାହାକି ଗ୍ରାମ ପାର୍ଶ୍ୱରେ ଥିବା ଗେଙ୍ଗୁଟି ନଦୀ ବନ୍ଧ କଡ଼ରେ ଅଧାଗଡା କ୍ଲବ ଘରକୁ ଭାଙ୍ଗି ଉକ୍ତ ସ୍ଥାନରେ ଜୋର ଜବରଦସ୍ତ ଏହି ଘର ନିର୍ମାଣ କରାଯାଉଛି । ଏହାସହ ସମସ୍ତ ସରକାରୀ ନୀତି ନିୟମକୁ ଉଲଂଘନ କରି ବିନା ଫିଜିବିଲିଟି, ବିନା ସୂଚନା ଫଳକ ଏବଂ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନ ମାନର କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି ।ଏହାକୁ ନେଇ ସ୍ଥାନୀୟ ଗ୍ରାମ ବାସିନ୍ଦା ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଶେଷରେ ବିଡ଼ିଓ ଶ୍ରୀ ଦୀଣ୍ଡାଙ୍କ ନିକଟରେ ପରମେଶ୍ୱର ଯେନା, ଅଜୟ କୁମାର ଯେନା, ସଞ୍ଜୀବ ଯେନା, ତ୍ରୀଦୀପ ଯେନା ନିରଞ୍ଜନ ଯେନା, ବଳରାମ ମାଝୀ, ବେଣୁଧର ପାତ୍ର ପ୍ରମୁଖ ଗ୍ରାମବାସୀ ବିଡ଼ିଓଙ୍କ ନିକଟରେ ଉପସ୍ଥିତ ହୋଇ ବେଆଇନ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ସହ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ହେବାକୁ ନେଇ ଲିଖିତ ଅଭିଯୋଗ କରିଥିଲେ ।

## ବନ୍ଦେ ମାତରମର ୧୫୦ ବର୍ଷ :ଏଫଏମ ବିଶ୍ୱବିଦ୍ୟାଳୟରେ ଏକତା ଓ ଗର୍ବର ଅଭିବ୍ୟକ୍ତି

ବାଲେଶ୍ୱର, (ସବ୍ୟୁ) ଦେଶଭକ୍ତିର ଗାନ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶାନୁସାରେ ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଏକାତ୍ମତାର ସୂତ୍ରରେ ମିଳିତ ହୋଇ ଗର୍ବ ଓ ଦେଶପ୍ରେମର ଆବେଗରେ ଏହି ଐତିହାସିକ ଅବସରକୁ ପାଳନ କରିଛନ୍ତି । ବିଶ୍ୱବିଦ୍ୟାଳୟ ପରିସରରେ ସମସ୍ତ ଶିକ୍ଷକ, ଶିକ୍ଷାର୍ଥୀ ଓ ଅଧିକାରୀମାନେ ଏକତ୍ରିତ ହୋଇ ସାମୂହିକ ଭାବରେ ବନ୍ଦେ ମାତରମ୍ ଗାନ କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ରଚନା , ଚିତ୍ରାଙ୍କନ, କ୍ୱିଜ୍ ଓ କବିତା ଲିଖନ ଓ ଆବୃତ୍ତି ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା, ଯାହା ବନ୍ଦେ ମାତରାମ୍ ଅ ୧୫୦ ଓ ସମ୍ବନ୍ଧିତ ବିଷୟଗୁଡ଼ିକ ଉପରେ ଆଧାରିତ ଥିଲା । ଉତ୍କର୍ଷ




ପ୍ରଦର୍ଶନକାରୀ ଶିକ୍ଷାର୍ଥୀମାନଙ୍କୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ ଶ୍ରୀମତୀ କୁକୁମୀନା ଦାସଙ୍କ ହସ୍ତରେ ପୁରସ୍କାର ଓ ସମ୍ମାନପତ୍ର ପ୍ରଦାନ କରାଗଲା । କୁଳପତି ପ୍ରଫେସର ତ୍ରିପାଠୀ ଏହି ଅବସରରେ କହିଥିଲେ, ବନ୍ଦେ ମାତରମ୍ ଗୀତ ଆମ ଜାତୀୟ ଏକତା, ଗର୍ବ ଓ ସ୍ୱାଧୀନତାର ଅନନ୍ୟ ପ୍ରତୀକ ।ଏହି ପବିତ୍ର ଅବସର ଆମ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ମନରେ ଦେଶସେବା ଓ ଜାତିଗଠନର ପ୍ରେରଣା ତଥା ଜାଗରଣର ଭାବ ପ୍ରକାଶିତ ହୋଇପାରିଛି । ସେ ଏହି ଗୀତର ଐତିହାସିକ ଗୁରୁତ୍ୱ ଉଲ୍ଲେଖ କରି କହିଥିଲେ ଯେ, ଏହା ସ୍ୱାଧୀନତା ଆନ୍ଦୋଳନରେ ଜାଗୃତିର ପ୍ରତୀକ ରୂପେ ରହିଛି ଓ ଜାତୀୟ ଗର୍ବର ଜୀବନ୍ତ ସଙ୍କେତ ହେବାରେ ସମର୍ଥ ହୋଇପାରିଛି । କାର୍ଯ୍ୟକ୍ରମଟି ଡ଼କଫର ଅସିମ ଅମିତାଭ ପ୍ରଧାନଙ୍କ ନେତୃତ୍ୱରେ କରାଯାଇଥିଲା । ବନ୍ଦେ ମାତରମ୍ ୧୫୦ ଉତ୍ସବ ଫକୀରମୋହନ ବିଶ୍ୱବିଦ୍ୟାଳୟର ପକ୍ଷରୁ ଦେଶର ଅମର ସଂସ୍କୃତି ଓ ଏକତା ପ୍ରତି ଏକ ଶ୍ରଦ୍ଧାଞ୍ଜଳୀ ରୂପେ ରହି ଯୁବପିଢ଼ୀ ମଧ୍ୟରେ ଜାତୀୟ ଅଭିମାନ, ସାମାଜିକ ଦାୟିତ୍ୱ ଓ ସମ୍ମିଳନର ବାର୍ତ୍ତା ପ୍ରଦାନ କରିଛି ।

## ଗରସଙ୍ଗ ମାଟିରେ ଗର୍ଜିଲେ ବିଜେଡି ନେତା

ଖଇରା,(ସବ୍ୟୁ): ବିଜେପି ସରକାର ଯେଉଁ ସବୁ ପ୍ରତିଶୃତି ଦେଇ ସରକାରକୁ ଆସିଥିଲା ସେଥିରୁ ଗୋଟିଏ ବି ପୂରଣ କରିନାହାଁନ୍ତି। ଭୋଟ ଚୋରୀ କରି ଜିତିଥିବା ଏହି ୧୭ମାସର ସରକାର ଏବେ ଖଣି,ଚାକିରୀ ପରେ ଏବେ ପ୍ରାର୍ଥୀ ଚୋରି ନିର୍ବାଚନ ମଇଦାନରେ ଛିଡାକରାଇ ସେବା ବଦଳରେ କେବଳ ଚୋରିରେ ବ୍ୟସ୍ତ ଅଛନ୍ତି ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକର ଗରସଙ୍ଗ ଠାରେ ଶୁକ୍ରବାର ଦିନ ଆୟୋଜିତ ପଦଯାତ୍ରା କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତୃବୃନ୍ଦ ପ୍ରକାଶ କରିଛନ୍ତି। ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ସାମଲ ଓ ଜେଯାତି ପ୍ରକାଶ ପାଣିଗ୍ରାହୀ,ନୀଳଗିରିର ପ୍ରାକ୍ତନ ବିଧାୟକ ସୁକାନ୍ତ କୁମାର ନାୟକ ଯୋଗ ଦେଇ ଆଜି ବିଜେପି ଶାସନରେ ମହିଳା ଅସୁରକ୍ଷିତ,ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ,କେନ୍ଦ୍ର ନିକଟରୁ ଓଡିଶା ତାର ଭାଗ ଅର୍ଥ ଆଣିବାରେ ମଧ୍ୟ ଅସମର୍ଥ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତର ଲେକପ୍ରତିନିଧି ଓ ଦଳୀୟ ନେତା ସୁଷମା ମହାପାତ୍ର,ଜିତେନ୍ଦ୍ର ବେହେରା,ଜୟନ୍ତୀ ପତି,ସୁଦର୍ଶନ ସେଠୀ,ଅନନ୍ତ ପ୍ରସାଦ ବାରିକ,ରବିନ୍ଦ୍ର ବେହେରା,ନଳୀନୀ ସାହୁ,ରବିନ୍ଦ୍ର ମହାନ୍ତି,ରାଜେନ୍ଦ୍ର କୁମାର ଦାସ,ପ୍ରଫୁଲ୍ଲ ମହାନ୍ତି ପ୍ରମୁଖ ଯୋଗ ଦେଇ ଆଗାମୀ ୨୦୨୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ବିଜେଡି ଯେଭଳି ସିମୁଳିଆ ଓ ଖଇରା ୨ଟି ବ୍ଲକ ଦଖଲ କରିବା କୁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଶିଶୁଙ୍କ ପାଇଁ ସାହିତ୍ୟର ଆଦର



**ଦିଲ୍ଲୀପ ଶତପଥୀ**

ଏହା ବିଡମ୍ବନା କି ଆଶୀର୍ବାଦ ଜାଣେନି, ମୋର ଯେଉଁ ଗଳ୍ପ କବିତା କିମ୍ବା ପ୍ରବନ୍ଧରେ ମୋ ଗାଁ (କମ୍ପଗଡ଼ ), ନଇ (ବିରୂପା ), ପାହାଡ଼ (ରତ୍ନଗିରି, ଲଳିତଗିରି, ଉଦୟଗିରି) ରହିଥାଏ, ତାହା ନିଶ୍ଚିତ ପୁସ୍ତକ, ପତ୍ରପତ୍ରିକାରେ ଛପା ହୁଏ । ଏ ବର୍ଷ ମଧ ପୂଜା ସଂଖ୍ୟା ବହୁତ ପତ୍ରିକାରେ ମୋ ଲେଖା ଅଛି, ହେଲେ ଅନନ୍ୟ ଆଦ୍ୟାଶ୍ରୀର ଶାରଦୀୟ ସଂଖ୍ୟା, ସମ୍ପାଦିକା ଡ଼ ଅନିତା ପଣ୍ଡା ମହୋଦୟା, ଦିଲ୍ଲୀ ଓଡ଼ିଆ ଅସ୍ମିତା ଦ୍ୱାରା ପ୍ରକାଶିତ । ମହାଶୟା ମୋତେ କବିତା ନୁହେଁ କିଛି ଅନ୍ୟ ଲେଖା ମାଗିଥିଲେ । ମୁଁ ପିଲାଙ୍କ ଏକ ଗଳ୍ପ ପଠେଇ ଥିଲି । ପତ୍ରିକା ପ୍ରକାଶ ପାଇଲା । ଶିଶୁସାହିତ୍ୟ ବିଭାଗରେ ଗୋଟିଏ ଲେଖା ଅଛି, ତାହା ପୁଣି ମୋର । ପତ୍ରିକାଟି ବହୁତ ବୁଦ୍ଧିଜୀବୀଙ୍କ ପାଖରେ ଅଛି । ପରମ ପୂଜ୍ୟ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଏବଂ ଶିଶୁ ସାହିତ୍ୟିକ ଦାସ ବେନହୁର ଦୁଇଜଣ ଯାକ ଲେଖାଟି ଦେଖି ଥିଲେ । ସେହି ବିଭାଗରେ ଆହୁରି ଲେଖା ବାହାରିବାର ଥିଲା । କିନ୍ତୁ ଗୋଟିଏ ଲେଖାରେ ସୀମିତ ଥିଲା । ତା'ଅର୍ଥ ଭିନ୍ନ ହୋଇପାରେ । ଶିଶୁ ସାହିତ୍ୟ ବେଶି ଲେଖା ହେଉନି କିମ୍ବା ଲେଖକଟିଏ ପିଲାମାନଙ୍କ ମାନସିକ ସ୍ତରକୁ ଯାଇ ପାରୁ ନାହାନ୍ତି । ହେଇପାରେ ପିଲାମାନେ ଓଡ଼ିଆ ଗଳ୍ପ, କବିତା ପଢିବା ଛାଡି ଦେଲେଣି । ଏଥିପାଇଁ ମୋବାଇଲ, ୟୁଟୁବ୍ କିଛି ପରିମାଣରେ ଦାୟୀ ହେଇପାରେ କିନ୍ତୁ ବାପା ମାଆ, ଘର ପରିବାର ଏମାନେ କଣ ଦୋଷ ମୁକ୍ତ ?

ଆମେମାନେ ପିଲାମାନଙ୍କ ଶୈଶବ ଅବସ୍ଥାକୁ ନଷ୍ଟ କରି ଦେଉଛେଁ । ସେମାନଙ୍କୁ ଶିଶୁ ଗୀତ, କାହାଣୀ ଶୁଣାଉ ନାହୁଁ । ନଚେତ ଆମକୁ ସମୟ ନାହିଁ ସେସବୁ କହିବାକୁ । ଯେତେବେଳେ ପିଲାଙ୍କ ସହିତ କଥା ହେଉଛେଁ ସ୍କୁଲ, ଶିକ୍ଷକ, ଶିକ୍ଷୟତ୍ରୀ, ସିଲାବସ, ପାଠ, ଟ୍ୟୁସନ, ପରୀକ୍ଷା, ମାର୍କ, ର୍ୟାଙ୍କ, ସ୍କୋର ଆଦି ଏହି ବିଷୟରେ । ସମୟ ପାଇଲେ ବୁଲିବାକୁ ଯିବା ନଚେତ ରେସ୍ତୁରାଣ୍ଟ, ସପିଙ୍ଗ ମଲ, ସିନେମା ହଲ ଇତ୍ୟାଦିକୁ ଯିବା । କୌଣସି ବୌଦ୍ଧିକ ଆଲୋଚନା ଘରେ ପ୍ରାୟତଃ ହୁଏନି କହିଲେ ଚଳେ । ଗପସପରେ ପିଲା ଭାଗ ନିଅନ୍ତି ନାହିଁ। ଘରେ ସମସ୍ତଙ୍କର ଶୋଇବା, ଉଠିବା ସମୟ ଅଲଗା ଅଲଗା । କାହା ସହିତ କାହାର ତାଳ ମେଳ ନାହିଁ । ସୋମବାରରୁ ଶୁକ୍ରବାର ସମସ୍ତେ ମେସିନ,ସପ୍ତାହନ୍ତ ଛୁଟି ଦିନ ପ୍ରାୟତଃ ବୁଲାବୁଲିରେ କଟେ ।

ବାକି କାହାଣୀରୁ ଶିକ୍ଷା ଟୁଆଁ ଟୁଇଁ କଥା, ରାଜା ରାଣୀ କଥା, ଅବୋଲକରା କଥା, ଶୁଆ ଶାରୀ କାହାଣୀ, ପରୀ ରାଇଜ କଥା, ବୁଢ଼ୀ ଅସୁରୁଣୀ କଥା, ପୌରାଣିକ, ରାମାୟଣ, ମହାଭାରତ କଥା,ପଞ୍ଚତନ୍ତ୍ର କଥା, ବିକ୍ରମ ବେତାଳ କଥା, ବଡ଼ ଲୋକଙ୍କ ଜୀବନୀ, ପୁରାଣ କାହାଣୀ, ଦେଶ ବିଦେଶ କଥା ଏବଂ ଆରବ ଦେଶର କଥା ଓ କାହାଣୀ ସତରେ କଣ ଆମର ମନେ ଅଛି ଯେ କାହାକୁ ଶୁଣେଇବୁ ? ପ୍ରତି ପିତାମାତା ତାଙ୍କ ପିଲାଙ୍କ ପାଇଁ ପ୍ରାୟ ଇଂରାଜୀ ମାଧମ ପାଠ ପସନ୍ଦ କରୁଛନ୍ତି, ତେଣୁ ପିଲାମାନେ ଓଡ଼ିଆ ଗଳ୍ପ ପୁସ୍ତକ ଯଦିଓ ଅଛି ହେଲେ ପଢି ପାରୁ ନାହାନ୍ତି । ଏସବୁ ଅଜା ଆଇ, ଜେଜେ, ଜେଜୀମାଙ୍କର ମନେଥିବା କାହାଣୀ ପିଲାମାନେ ତାଙ୍କରି କୋଳରେ ବସି ଶୁଣୁଥିଲେ । ହେଲେ ଏବେ ପିଲା ଏବଂ ବୁଢ଼ାବୁଢ଼ୀଙ୍କ ମିଳନ ବର୍ଷରେ ଥରେ କି ଦି' ଥର । ସେମାନଙ୍କ ଆଖିର ପାଣି ମରିଯାଉଛି ନାତି ନାତୁଣୀଙ୍କୁ ଦେଖିବା ପାଇଁ । ଏ ପରିସ୍ଥିତି ପାଇଁ ଦାୟୀ କିଏ? ଏହାର ଉତ୍ତର କାହା ପାଖରେ ନାହିଁ । ଶିଶୁ ସାହିତ୍ୟ ଶିଶୁଙ୍କ ପାଖରେ ପହଞ୍ଚିବା ଦରକାର ନା ? ବୋଧହୁଏ 'ବାବୁଲା' ଓଡ଼ିଆ ଭାଷାର ପ୍ରଥମ ଏବଂ ଶେଷ ଚଳଚ୍ଚିତ୍ର । ଜହ୍ନମାମୁଁ(ବିଲୁପ୍ତ) ଶିଶୁଲେଖା, ମନପବନ, ଏମିତି ବହୁ ମାସିକ ପତ୍ରିକା ଦିନେ ଆମ ଜୀବନର ଅଙ୍ଗ ଥିଲା । ବରିଷ୍ଠ ବୁଦ୍ଧିଜୀବୀ, ସାହିତ୍ୟିକ, ଭାଷାବିତ୍ ଏବଂ ଓଡ଼ିଶା ସରକାରଙ୍କ ଉଚ୍ଚ ଅଧିକାରୀ ଗଣ ଧ୍ୟାନ ଦେବା ଦରକାର । ସରକାରୀ ବିଦ୍ୟାଳୟ ତାର ପୂର୍ବ ଗୌରବ ଫେରିପାଉ । ପିଲାମାନେ ଓଡ଼ିଆ ମାଧ୍ୟମରେ ସ୍ନାତକରୁ ଉର୍ଦ୍ଧ ପାଠ ପଢନ୍ତୁ । ଓଡ଼ିଶାର ସମସ୍ତ ଉଚ୍ଚ ଶିକ୍ଷା ଅନୁଷ୍ଠାନ ଡାକ୍ତର, ଇଞ୍ଜିନିଅର ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଅଧା ସିଟ୍ ଓଡ଼ିଆ ମାଧମ ସ୍କୁଲ କଲେଜ ପିଲାଙ୍କ ପାଇଁ ରହୁ । ଓଡ଼ିଆ ମାଧମ ପିଲାଙ୍କ ପାଠ ପଢା ଖର୍ଚ୍ଚ ସରକାର ଏବଂ ଇଂରାଜୀ ମାଧ୍ୟମ ପିଲାଙ୍କ ଖର୍ଚ୍ଚ ସେମାନେ ସ୍ୱୟଂ ବହନ କରନ୍ତୁ । କାରଣ ସେମାନେ ସକ୍ଷମ । ଚାକିରି କ୍ଷେତ୍ରରେ ମଧ୍ୟ ଓଡ଼ିଆ ପାଠ୍ୟକ୍ରମ ପିଲାଙ୍କୁ ଅଗ୍ରାଧିକାର ଦିଆଯାଉ । ମୂଳ କଥା ହେଉଛି ପିଲା ଏବଂ ସେମାନଙ୍କ ପିତାମାତା ଓଡ଼ିଆ ମାଧ୍ୟମକୁ ଫେରନ୍ତୁ । ଶୁଦ୍ଧ ଓଡ଼ିଆ କୁହନ୍ତୁ,ପଢନ୍ତୁ ଓ ଲେଖନ୍ତୁ । ଭାଷାର ବିକାଶ, ରାଷ୍ଟ୍ରର ବିକାଶ ବ୍ୟକ୍ତିର ବିକାଶ ଏବଂ ଏହାହିଁ ସୁସ୍ଥ ସୁନ୍ଦର ସମାଜ ଗଠନର ଉତ୍କୃଷ୍ଟ ମାର୍ଗ ।

**ମୋ– ୯୪୩୭୧୭୫୭୬୪**

# ସତ ଗପ

ଗଳ୍ପ

**ସୁଦର୍ଶନ ମହାପାତ୍ର**

ବୃଦ୍ଧାଶ୍ରମର ସମସ୍ତ ସଦସ୍ୟ ହଲରେ ସେଦିନ ସନ୍ଧ୍ୟାରେ ଏକଜୁଟ ହୋଇଥିଲେ ନିୟମ ପୂର୍ବକ । ଜଣକା ଲେଖାଏଁ ଷ୍ଟୋରି ଟେଲରର ଭୂମିକା ନିର୍ବାହ କରିବାକୁ ପଡେ ପ୍ରତିଦିନ ।

ସେଦିନ ବୃଦ୍ଧାଶ୍ରମକୁ ନୂଆ ଆସିଥିଲେ ଜଣେ ବୃଦ୍ଧ ଏବଂ ଜଣେ ବୃଦ୍ଧା । ଅତଏବ ସବୁ ସଦସ୍ୟଙ୍କ ମତ ହେଲା ନୂଆ ଆସିଥିବା ଦୁଇ ଜଣଙ୍କ ମଧ୍ୟରୁ ଜଣେ ସେଦିନର ଷ୍ଟୋରି ଟେଲର ଭୂମିକା ନିର୍ବାହ କରିବାକୁ ।

ବୃଦ୍ଧା ଜଣକ ଯେହେତୁ ସେଦିନ ପଛରେ ଆସିଥିଲେ ତେଣୁ ଷ୍ଟୋରି ଟେଲର ହିସାବରେ ବଛାହେଲେ ନୂଆ ଆସିଥିବା ବୃଦ୍ଧ ଜଣକ । ଟିକିଏ ଅତମତ ହେଲେ ବୃଦ୍ଧ ।

– ନାତି ନାତୁଣୀମାନଙ୍କୁ ଜେଜେ କିମ୍ବା ଜେଜେମାମାନେ ଗପ କହିବାର ସଚରାଚର ଜଣା । ତେଣୁ କିଛି ଗୋଟିଏ ଗପ କହିବା ଆରମ୍ଭ କରନ୍ତୁ... କହିଲେ ଜଣେ ସଦସ୍ୟ ।

ଶେଷକୁ ବୃଦ୍ଧ ଆରମ୍ଭ କଲେ ଗପ ।

ସେଦିନ ଘର ବାରଣ୍ଡାରେ ବସି ବୃଦ୍ଧ ଜଣେ ଖୁଉଁ ଖୁଉଁ ହୋଇ କାଶୁଥିଲେ । ବାପାକୁ ବାପା ସମ୍ବୋଧନ କରିବାକୁ ପଛଉଥିବା ପୁଅ କହିଲା କଫ ଜମିଛି ବୁଢା ଛାତିରେ । ଆମକୁ ହନ୍ତସନ୍ତ କରୁଛି ଯାହା । ବୋହୂ କହିଲା ବୁଢାକୁ ଟିବି ହୋଇ ଗଲାଣି । ମୋ ପିଲାଙ୍କୁ ସେ ରୋଗ ଡେଇଁଯିବ କେତେବେଳେ । ଏ ବୁଢା ନମରି ବଞ୍ଚି ରହିଛି କାହିଁକି କେଜାଣି !

ବୃଦ୍ଧ ଏସବୁ ଶୁଣି ଗୁଣୁ ଗୁଣୁ ହେଉଥିଲେ ମନେ ମନେ । ଏବେ ପୁଅ ବୋହୂ ଦୁହେଁ ରୋଗ ଡେଇଁବ ବୋଲି ନାତିନାତୁଣୀଙ୍କୁ ତାଙ୍କ ପାଖକୁ ଛାଡୁ ନାହାନ୍ତି ଅଥଚ ଛୋଟ ବେଳେ ଏଇ ପୁଅ ଦେହ ଖରାପ ହେଲେ ଛାତିରେ ଜାକି ପାଞ୍ଚ କିଲୋମିଟର ଦୂର ଡ଼ାକ୍ତରଖାନାକୁ ନେଇ ଯାଉଥିଲେ ସେ । ଏଇ ତା'ର ପ୍ରତିଦାନ ! କେତେ କଷ୍ଟ କରି ପିଲାଙ୍କୁ ପଢେଇଥିଲେ । ନିଜେ ଭୋକ ଉପାସରେ ରହି ସେମାନଙ୍କୁ ଖୁଆଇଥିଲେ । ନିଜେ ଭଲ ନ ପିନ୍ଧି ପୁଅ ଦୁହିଁଙ୍କୁ ନୂଆ ପୋଷାକ ଦେଇଥିଲେ ।

ସେଇ ପିଲାଙ୍କ ଭବିଷ୍ୟତ ପାଇଁ ଉଭୟ ବାପା ମାଆ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟକୁ ଅଣଦେଖା କରି ଆସିଥିଲେ । ସେଥିପାଇଁ ବୃଦ୍ଧ ସନ୍ତାପିତ ହେଉଥିଲେ । ବଡ ପୁଅର ପଢ଼ାପଢ଼ି ପାଇଁ ପତ୍ନୀଙ୍କ କଥା ଶୁଣି ତାଙ୍କ ହାତରୁ ବାହୁଟି ଦୁଇ ପଟ ବିକ୍ରି କରିଦେଇଥିଲେ ଯେଉଁ ବାହୁଟି ଦୁଇ ପଟ ସେଇ ପୁଅ ଜନ୍ମ ବେଳକୁ ପିତୃତ୍ୱ ଲାଭ ଖୁସିରେ ପତ୍ନୀଙ୍କୁ ଉପହାର ଦେଇଥିଲେ । ପୁଣି ସାନପୁଅର ବ୍ୟବସାୟ ପାଇଁ ପତ୍ନୀଙ୍କ ଠାରୁ କାନଫୁଲ ଦୁଇ ପଟ ନେଇ ବିକ୍ରି କଲାବେଳେ ତାଙ୍କର ଛାତି ଫାଟିଯାଉଥିଲା ଯେମିତି ।

ପୁଅ ଦୁହିଁଙ୍କ ଦେହ ଖରାପରେ କେତେ ଦିଅଁ ଦେବତାଙ୍କୁ ପତ୍ନୀ ମାନସିକ କଲାବେଳେ,ଟାଣଟୁଣା ରୋଜଗାର ଭିତରେ ବୃଦ୍ଧ ପୂରଣ କରିବାକୁ ଚେଷ୍ଟା କରୁଥିଲେ ।

ବୃଦ୍ଧଙ୍କର ଚଷମା ଥରେ ନାତିନାତୁଣୀ ମଧ୍ୟରୁ କେହି ଭାଙ୍ଗି ଦେଇଥିଲେ ଯେ ପୁଅ ବୋହୂ ଓଲଟା ନିଜ ଜିନିଷ ନିଜେ ଯତ୍ନ ନେଇ ନପାରିବାର ଦୋଷରେ ଆଉ ସେ ଚଷମା ସଜାଡି ଦେଲେ ନାହିଁ । ବୃଦ୍ଧ ବିଭିନ୍ନ ଜାଗାରେ ଠୋକର ଖାଇ ଖାଇ ଶେଷରେ ବିନା ଚଷମାରେ ଚଳିବାରେ ନିଜକୁ ଅଭ୍ୟସ୍ତ କରାଇବାକୁ ଚେଷ୍ଟା କରିଥିଲେ ।

ବଳି ପଡିଥିବା ଖାଦ୍ୟ ପରଦିନ ବୃଦ୍ଧଙ୍କୁ ପରଶି ଦିଆଯାଏ । ଯେଉଁଦିନ ପୁଅବୋହୂଙ୍କର କେଉଁଠି ଭୋଜି ଖାଇବାର ଯିବାର ଥାଏ ଅବା କେଉଁଦିନ ହୋଟେଲରେ ଖାଇବାକୁ ଗଲେ ବୃଦ୍ଧଙ୍କର ସେଦିନ ଉପବାସ କିମ୍ବା ବାସି ପାଉଁରୁଟିରେ ପେଟ ଭରିବାକୁ ପଡେ ।

ଏମିତି ଜୀବନ ନିର୍ବାହ କରିବା ଭିତରେ ବୃଦ୍ଧ ଖୁବ୍ ଦୁର୍ବଳ ହୋଇ ପଡିଲେ । ପୁଅ ବୋହୂଙ୍କର ରୀତିମତ ଚେତାବନୀ, ଗାଳି ଇତ୍ୟାଦିକୁ ବୃଦ୍ଧ ଜଣକ ଦେହ ମନରେ ମାଖି ସାରିଥିଲେ । ସବୁଠୁ ବଡ଼ କଥା ହେଲା ଭଲରେ ମନ୍ଦରେ ଦି' ପଦ କଥା ହେବାକୁ କିମ୍ବା ଦେହ ପା' କଥା ବୁଝିବାକୁ ପତ୍ନୀ ନଥିଲେ ପାଖରେ । ଭାଗବଣ୍ଟା ଭିତରେ ବୃଦ୍ଧ ଜଣକ ବଡପୁଅ ପାଖରେ ଥିଲେ ତ ପତ୍ନୀ ଥିଲେ ସାନପୁଅ ପାଖରେ ।

> **ଏମିତି ଜୀବନ ନିର୍ବାହ କରିବା ଭିତରେ ବୃଦ୍ଧ ଖୁବ୍ ଦୁର୍ବଳ ହୋଇ ପଡିଲେ । ପୁଅ ବୋହୂଙ୍କର ରୀତିମତ ଚେତାବନୀ, ଗାଳି ଇତ୍ୟାଦିକୁ ବୃଦ୍ଧ ଜଣକ ଦେହ ମନରେ ମାଖି ସାରିଥିଲେ । ସବୁଠୁ ବଡ଼ କଥା ହେଲା ଭଲରେ ମନ୍ଦରେ ଦି' ପଦ କଥା ହେବାକୁ କିମ୍ବା ଦେହ ପା' କଥା ବୁଝିବାକୁ ପତ୍ନୀ ନଥିଲେ ପାଖରେ । ଭାଗବଣ୍ଟା ଭିତରେ ବୃଦ୍ଧ ଜଣକ ବଡପୁଅ ପାଖରେ ଥିଲେ ତ ପତ୍ନୀ ଥିଲେ ସାନପୁଅ ପାଖରେ ।**

ଦିନେ ପତ୍ନୀଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ବୃଦ୍ଧ ଜଣକ ଉହଳବିକଳ ହେଲେ ତ ପୁଅ ବୋହୂଙ୍କ ଅଗୋଚରରେ ପୁଅର ଫୋନ୍‌ରେ କଥା ହେଲେ ପତ୍ନୀଙ୍କ ସହିତ । ତୁରନ୍ତ ଏ ଖବର ସାନବୋହୂ ପହଞ୍ଚାଇ ଦେଲା ସମସ୍ତଙ୍କ କାନରେ । ମିଛ ସତ ଯୋଡ଼ି ଏମିତି କ'ଣ କହିଲେ ଯେ, ପୁଅ ବୋହୁଙ୍କ ନାଁ ରେ କୁତ୍ସାରଟନା କରିଥିବା ଅପରାଧରେ ବୃଦ୍ଧଙ୍କୁ ସେଦିନ ଖାଇବାକୁ ଦିଆ ଯାଇନଥିଲା ।

ପରଦିନ ସକାଳ ଜଳଖିଆ ବି ଦିଆଗଲାନି ତ ବୃଦ୍ଧ ଜଣକ ବାହାରିଲେ ବାହାରେ ମାଗି ଖାଇବା ପାଇଁ । ଡାଇବେଟିସ ରୋଗ ଭୋଗୁଥିବା ବୃଦ୍ଧ ଜଣକ ଖାଲି ପେଟରେ ରହିବା ଅସମ୍ଭବ ଥିଲା ବୋଲି ସେ ଘରୁ ବାହାରି ଯାଇଥିଲେ ।

ଏ ଖବର ଆସି ପହଞ୍ଚିଗଲା ବଡ଼ପୁଅ ପାଖରେ । ବଡ଼ପୁଅର ବନ୍ଧୁ ହିଁ ଆସି ଏ ଖବର ଦେବାବେଳେ ବନ୍ଧୁକୁ ଏମିତି କଦର୍ଯ୍ୟ କାମ ନକରିବାକୁ ପରାମର୍ଶ ଦେଇଗଲା । ଏକଥା ଶୁଣି ରାଗରେ ପାଚିଗଲା ବଡ଼ପୁଅ ଆଉ ଧକ୍କାଟିଏ ଦେଇ ଘରୁ ବାହାରି ଯିବାକୁ ନିର୍ଦ୍ଦେଶ ଦେଲା ବାପାଙ୍କୁ । ଉପାସିଆ ପେଟରେ ବୁଢା ଲୋକର ବା କେତେ ବଳ ? ପଡ଼ିଗଲା ମୁହଁ ମାଡି । ଭାଗ୍ୟକୁ ବେଶୀ କିଛି ହେଲା ନାହିଁ । ହେଲେ ନାକରୁ ରକ୍ତସ୍ରାବ ହେବାରୁ ଡାକ୍ତରଖାନା ଯିବାକୁ ପଡିଲା ।

ଡ଼ାକ୍ତରଖାନାରେ ଔଷଧ କିଣିବାକୁ ପଇସା କିଛି ପଡିବାରୁ ସେଥିରେ ଉତ୍କ୍ଷିପ୍ତ ହୋଇ ପଡିଲା ବୋହୂ । ଆଉ କିଛି ସହିବାକୁ ବାକି ନଥିଲା ବୃଦ୍ଧଙ୍କର ତ ଘର ଛାଡ଼ିବାକୁ ନିଷ୍ପତ୍ତି ନେଲେ ଏବଂ ବୃଦ୍ଧାଶ୍ରମର ଅନ୍ୱେଷଣରେ ବାହାରି ପଡ଼ିଲେ... ।

ଏତିକି କହି ବୃଦ୍ଧ ଗପ କହିବାରୁ ଅବ୍ୟାହତି ନେଲେ ।

ବୃଦ୍ଧାଶ୍ରମର ସମସ୍ତ ସଦସ୍ୟ ଏପରି ଅନୁଭୂତି ସହିତ ଅଳ୍ପ ବହୁତ ଜଡ଼ିତ ବୋଲି ସେମାନଙ୍କ ପ୍ରତିକ୍ରିୟା ସାମାନ୍ୟ ଥିଲା । ହେଲେ ଯେଉଁ ଜଣକ ଆଖିରୁ ଲୁହ ବୋହି ଯାଉଥିଲା ସେ ହେଲେ ସେଦିନ ବୃଦ୍ଧାଶ୍ରମରେ ପହଞ୍ଚିଥିବା ସେଇ ବୃଦ୍ଧା ଜଣକ ।

ବୃଦ୍ଧାଶ୍ରମରେ ରହୁଥିବା ପ୍ରାୟ ପ୍ରତ୍ୟେକ ସଦସ୍ୟମାନେ ଏମିତି କିଛି ଅନୁଭବ ନେଇ ବୃଦ୍ଧାଶ୍ରମକୁ ଆଦରି ନେଇଛନ୍ତି ବୋଲି ସମସ୍ତେ ସ୍ମୃତି ଚାରଣ କରି ବୃଦ୍ଧା ଜଣଙ୍କୁ ଆଶ୍ୱାସନା ଦେଲେ ।

ସଦସ୍ୟ ମାନେ ସମସ୍ତେ ସେଦିନ ଶୋଇବାକୁ ଗଲାପରେ ସେଦିନର ନବାଗତ ବୃଦ୍ଧା ଗଳ୍ପ କହିଥିବା ବୃଦ୍ଧଙ୍କୁ ପଚାରିଲେ

– ତୁମେ ସାନବୋହୂ ଫୋନରେ ମୋ ସହିତ କଥା ହେବାକୁ ସାହସ କଲ କେମିତି ?

– ମୁଁ ଫୋନ୍ କରିନଥିଲି ଆଗ । ଏ ବୃଦ୍ଧାଶ୍ରମର ପରିଚାଳକ ମୋର ବନ୍ଧୁ । ତାଙ୍କୁ କହିଥିଲି ସବୁକିଛି । ସେ ହିଁ ପୋଲିସକୁ କହି ଶାଶୁଙ୍କୁ ନିର୍ଯାତନା ଦେବା ଅପରାଧରେ ବୋହୂକୁ ଗିରଫ କରାଯିବ ବୋଲି ଧମକ ଦେଇଥିଲେ । ହେଲେ ଆଶାନୁଯାୟୀ ବୋହୂ ନିର୍ଯାତନା ଦେବା ଘଟଣାକୁ ଅସ୍ୱୀକାର କରିଥିଲା । ସତ୍ୟାସତ୍ୟ ଜାଣିବା ପାଇଁ ଶାଶୁଙ୍କ ସହ କଥା କରାଅ କହିବା ପରେ ସେ ତୁମକୁ ଫୋନ୍ ଦେଇଥିଲେ । ହସି ହସି କହିଲେ ବୃଦ୍ଧ ।

**କୁଞ୍ଜବିହାରୀ ଲେନ, କଟକ**
**ମୋ–୯୪୩୮୧୭୫୫୪୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ଭରୁଥିଲା ଦିନେ...

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଭରୁଥିଲା ଦିନେ ଏ ଜୀବନ କାହା
ଆଶିଷର ପୁଣ୍ୟ ରାଶି
ଭାସିଲା ପରାଣେ ଛୁଉଁଥିଲା ଖୁସି
ଅଚାନକେ କେବେ ଆସି
ବୈଶାଖ ଦହନ ସହିବି ସେଦିନ
କଦମ୍ବକୁ ଝୁରୁଥିଲା
ବୁଜିଲା ଆଖିର ସପନରେ
ନିଦ ଫୁଲ ବିଞ୍ଚି ଦେଉଥିଲା...
ଆଜି ଅମାନିଆ ସେଇ ମନ
ତଳେ ବଉଦର ଭୀମରେଖା
ଅତୀତ ଗୁମୁରେ ଅଶ୍ରୁ ସଜଳେ ଗାଇ
ଜହ୍ନରାତିର ବ୍ୟଥା
ତଥାପି ଆଶାରେ ଫୁଟୁଥାଏ ନିତି
ମିଠା ସେ କଦମ୍ବ ଫୁଲ
ଯାହାପାଇଁ ନିତି ଅନ୍ଧାରେ ଆଖି
ମାଗେ ସପନର ମୂଳ ।
ନିଷ୍ଠୁର ନିୟତି ଆଘାତର
ଗତି ସହି ସହି ବାରମ୍ବାର
ଲେଖୁଥାଏ ଲିପି ଲଲାଟ ପଟରେ
ଅଦେଖା ଭାଗ୍ୟ ତାର
ପଛ କରିଦେଇ ପିଛିଳ ଜୀବନ
ସମୟର ହାତଧରି
ପୁନଶ୍ଚ ପୁଲକ ତୋଳୁଥାଏ ଫୁଲ
ଜୀବନ ଚାଙ୍ଗୁଡ଼ା ଧରି ।
ହସି ହସି ଖୋଜେ ଦହନର ଶେଯେ
ପୁଣ୍ୟ ସେ କାହିଁ ଗଲା
ଭରୁଥିଲା ଯିଏ ଆଶୀଷ ଜୀବନେ
କାହିଁକି ସେ ପର କଲା?

**ଅଧ୍ୟାପିକା,ଓଡ଼ିଆ ବିଭାଗ**
**ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ**
**ଯାଜପୁର,୭୫୫୦୦୬,**
**ମୋ– ୭୩୭୭୩୧୮୭୮୯**

## ପହିଲି ଶୀତ

**ନିରଞ୍ଜନ ସାହୁ**

ହେମନ୍ତ ଋତୁରେ ନୂଆ ନୂଆ ଶୀତ
କେମିତି ରହୁଛ କୁହ
ମୁଁ ଏଠି ରହୁଛି କୌଣସି ପ୍ରକାରେ
ତୁମେ ବି ସେମିତି ରୁହ ।
ଋତୁଟା ଯେହେତୁ ବଦଳି ଯାଇଛି
ସ୍ୱାସ୍ଥ୍ୟ ରକ୍ଷା ନୀତି ମାନି
ଚଳୁଥିବ ତୁମେ ନ ଚଳିବ ଯଦି
ନିଶ୍ଚେ ସ୍ୱାସ୍ଥ୍ୟ ହେବ ହାନି
ଥଣ୍ଡା ସହିତରେ ଜ୍ୱର ହେବ ଯଦି
ସ୍ୱାସ୍ଥ୍ୟକେନ୍ଦ୍ରରୁ ପଥି ବୁହ ।
ଉଷୁମ ପାଣିରେ ସ୍ନାନ କରୁଥିବ
ପିଇବ ଉଷୁମ ପାଣି
ସନ୍ଧ୍ୟା ଗଡିଗଲେ ଘରୁ ନ ବାହାର
କାକର ପଡିବ ଜାଣି
ଶୟନ ସମୟେ ମୋତେ ଭାବିବନି
ଆଖିରୁ ଝରିବ ଲୁହ ।

**ନିହଲ ପ୍ରସାଦ , ଗଁଦିଆ ପାଟଣା**
**ଢେଙ୍କାନାଳ ,ମୋ– ୯୯୩୮୭୪୧୫୮୩**



## କବି ଗଙ୍ଗାଧର

**ସୁହଂସ ଭୋଇ**

ଓଡ଼ିଆ ଭାଷାର ଅଳକାନନ୍ଦା ହେ
ତୁମେ କବି ଗଙ୍ଗାଧର
ସତେକି ପଙ୍କରୁ ପଙ୍କଜ ଅଙ୍କୁର
ସୁଧା ଅମୃତର ଝର ।
ତୁମ କଲମରେ କଳକଣ୍ଠ କହେ
କେତେ କଥା ସୁମଧୁର
ସକାଳ ଆସଇ ମଙ୍ଗଳ ବେଳାରେ
ଧରି ପଲ୍ଲବିନୀ ହାର
ପ୍ରକୃତିର ଚିତ୍ର ଆଙ୍କିଛ ଜୀବନ୍ତ
ସାଜି ଏକ ଚିତ୍ରକର ।
ବିଲରେ କୃଷକ ଗାଇଛି ସଙ୍ଗୀତ
ଅମଳ କରିଛି ଶସ୍ୟ
ଲେଖନୀ ମୁନରୁ ଝରିଛି ଅନେକ
କାବ୍ୟ କବିତାର ରସ
ତପସ୍ୱିନୀ, ଇନ୍ଦୁମତୀ, ଅର୍ଘ୍ୟଥାଳି
ଆଦି ରସ-ରତ୍ନାକର ।
ମାତୃଭୂମି ପ୍ରୀତି ମାତୃଭାଷା ପ୍ରତି
ସଦା ତୁମେ ସମର୍ପିତ
ଭାଷାର ପରାଣେ ଜୀବନ ଭରିଛ
ଥିଲା ଦିନେ ମୃତବତ୍
ଭକ୍ତି ପୁଷ୍ପାଞ୍ଜଳି ଘେନାହେଉ ଆହେ
କବିଶ୍ରେଷ୍ଠ ଉତ୍କଳର ।


**ପହଣ୍ଡି,ବିଜେପୁର, ବରଗଡ଼**
**ମୋ–୯୪୩୭୫୨୨୪୫୫**

## ମାନବତାର ଜୟଗାନ

**ରତ୍ନକାନ୍ତି ମିଶ୍ର**

ପ୍ରୀତିମୟ ତୁମେ କରିଦିଅ ପ୍ରଭୁ
ପ୍ରତିଟି ମନୁଷ୍ୟ ପ୍ରାଣ
କଣ୍ଠରୁ ଆବେଗେ ଝରୁ ଅନୁରାଗେ
ମାନବତା ଜୟଗାନ ।
ଅପସରି ଯାଉ ଅନ୍ଧ ପ୍ରବଣତା
କାମ କ୍ରୋଧ ଅହଂକାର
ପ୍ରଶାନ୍ତ ମଳୟ ଖେଳୁ ପ୍ରତି ମନେ
ଈର୍ଷା ଦ୍ୱେଷ ହେଉ ଦୂର ।
ଭାବ ବନ୍ଧନରେ ବାନ୍ଧି ଦିଅ ପ୍ରଭୁ
ପବିତ୍ର ସଂପର୍କ ଡୋରେ
ପ୍ରଶମିତ ହେଉ ହିଂସା ବିଭୀଷିକା
ଶାନ୍ତି ବିରାଜୁ ମହୀରେ ।
ବନ୍ଦୀ ନହେଉ ଖୁସି ପକ୍ଷୀ ଏଠି
ଡେଣା ମେଲୁ ନିଶ୍ଚିନ୍ତରେ
ବିଶ୍ୱାସେ ବାଧକ ନହେଉ କପଟ
ଜତୁଗୃହ କାରାଗାରେ ।
ଆତଙ୍କ ବତାସ ନକରୁ ଉଚ୍ଛନ୍ନ
ଜଳ ସ୍ଥଳ ବନ ନଭ
ନଭୋଗୁ ଏ ଜୀବ ଧୃତି ଧରିତ୍ରୀରେ
ଧ୍ୱଂସଲୀଳା ପରାଭବ ।
ପ୍ରତି ପ୍ରାଣେ ପ୍ରଭୁ ସ୍ପନ୍ଦିତ ହେଉ
ତୁମରି ପବିତ୍ର ନାମ
ମାୟା ଚକ୍ଷୁ ଫେଇ ଦେଖୁ ଏ ମାନବ
ଲୀଳାମୟ ସମ୍ମୋହନ ।
ଚିନ୍ତି ତୁମ ନାମ ସର୍ବ ବିଶ୍ୱ ପ୍ରାଣ
ଆର୍ଦ୍ର ହେଉ ଭକ୍ତି ନୀରେ
ମନ ବୃନ୍ଦାବନ ରଚୁ ରାସଲୀଳା
ଭାବୋଚ୍ଛାସେ ଅବିରତେ ।

**ଆଳି, କେନ୍ଦ୍ରାପଡା**
**ମୋ–୮୨୪୯୭୯୯୯୬୧**



## ସମ୍ମାନର ପର୍ବ

**ରାମଚନ୍ଦ୍ର ବେହେରା**

ସଭ୍ୟତା ସଂସ୍କୃତି ଉତ୍କଳୀୟ ରୀତି
ଭାରତ ବର୍ଷେ ନିଆରା
ପୂଜା ପାରବଣେ ସଭିଙ୍କ ପରାଣେ
ଶୋଭାପାଏ ଭାଇଚାରା
ବାରମାସେ ତେର ପର୍ବ
ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥିକୁ
ଆନନ୍ଦେ ପାଳନ୍ତି ସର୍ବ ।
ମାମୁଁ ଘରୁ ଆସେ ନୂଆ ପରିଧାନ
ଅରୁଆ ଚାଉଳ ପୁଷ୍ପ
ସାରା ପୂଜା ଦ୍ରବ୍ୟ ସାଥେ ଆସିଥାଏ
ସେନେହ ଶ୍ରଦ୍ଧା ଅମାପ
ଆସୁଛି ସେ ପୁଣ୍ୟ ଦିନ
ଜ୍ୟୋଷ୍ଠ ସନ୍ତାନର ହେବ ପୂଜାବିଧି
ପିନ୍ଧିବ ନୂଆ ବସନ ।
ଗୃହେ ବିରାଜିବେ ଷଠୀ ମହାମାୟୀ
ଶଙ୍ଖ ହୁଳହୁଳି ସ୍ୱନେ
ଜ୍ୟୋଷ୍ଠ ସନ୍ତାନର ଦୀର୍ଘାୟୁ କାମନା
କରିବେ ବରିଷ୍ଠ ଜନେ
ଉଛୁଳିବ ପୁର ପଲ୍ଲୀ
ଉତ୍କଳ ପ୍ରସିଦ୍ଧ ଏଣ୍ଡୁରି ପିଠାକୁ
ଖାଇବେ ସଭିଏଁ ମିଳି ।
ଜ୍ୟୋଷ୍ଠ ସନ୍ତାନକୁ
ଗଢି ତୋଳିବାକୁ
ମାନ ଦିଏ ଏହି ପର୍ବ
ଜ୍ୟୋଷ୍ଠ ରଖିଥାଏ କୁଳର ସମ୍ମାନ
ମାନି ଭାଇଚାର ଭାବ
ଆପଣାଇ ସ୍ନେହ ଶ୍ରଦ୍ଧା
ଜ୍ୟୋଷ୍ଠ ଆଦର୍ଶରେ
କନିଷ୍ଠ ଚାଲନ୍ତି
ଭୁଲି ବାଧା ଅସୁବିଧା ।
ମାନ ଦେଇଥିଲେ ପ୍ରତି ସନମାନ
ମିଳିଥାଏ ଯୁଗେ ଯୁଗେ
ସ୍ନେହ ମମତାରେ
ସମ୍ପର୍କ ଯୋଡଇ
ଆତ୍ମୀୟତା ଭାବ ଜାଗେ
ଆସ ଏ ପର୍ବ ପାଳିବା
ପରମ୍ପରା ମାନି
ଜ୍ୟୋଷ୍ଠ ସନ୍ତାନକୁ
ହୃଦୟେ ସମ୍ମାନ ଦେବା ।

**ତେନ୍ତୁଳିପଦା,ଜଗତସିଂହପୁର**
**ମୋ–୭୩୫୫୬୩୪୩୪୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଳିଆ...

ସମସ୍ତିପୁର ଜିଲ୍ଲାପାଳ ରୋଶନ ଖୁସବୀ କହିଛନ୍ତି ଯେ ମକ୍‌ପୋଲ୍‌ରେ ହୋଇଥିବା ଏହା ହେଉଛି ବଳକା ସ୍ଲିପ୍ । ଏଥିରୁ ଅଧିକାଂଶ ସଠିକ୍ ନାହିଁ । ଇଭିଏମ୍ ନମ୍ବରକୁ ଚିହ୍ନଟ କରାଯାଇ କେଉଁ ନିର୍ବାଚନ ଅଧିକାରୀ ଏଥିରେ ଦାୟୀ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସମ୍ପୃକ୍ତ ପ୍ରାର୍ଥୀ ଘଟଣା ସମ୍ପର୍କରେ ସୂଚନା ଦେଇଥିବା ସେ କହିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି ଯେ ଏହି ଘଟଣାରେ ସକଳ ଅଧିକାରୀ ରିଟର୍ଣ୍ଣିଂ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ପୂର୍ବକ ଦାୟିତ୍ୱରେ ଅବହେଳା ପାଇଁ ନିଲମ୍ବିତ କରାଯାଇଛି । ତାଙ୍କ ନାମରେ ଏକ ଏତଲା ମଧ୍ୟ ରୁଜୁ କରାଯାଇଛି । ଜିଲ୍ଲାପାଳଙ୍କୁ ଘଟଣାସ୍ଥଳରେ ତଦନ୍ତ କରି ବିସ୍ତୃତ ରିପୋର୍ଟ ଦେବାକୁ କୁହାଯାଇଛି । ତେବେ ଭୋଟିଂ ପ୍ରକ୍ରିୟା ଉପରେ ଏହାର କୌଣସି ପ୍ରଭାବ ନାହିଁ ବୋଲି ଅଧିକାରୀମାନେ ସଫେଇ ଦେଇଛନ୍ତି । ମାତ୍ର ନିର୍ବାଚନର ସ୍ୱଚ୍ଛତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

## ଚାଲିଗଲା...

ଗୁରୁତର ହୋଇ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି ।

ସୂଚନା ଅନୁସାରେ, ହାଡ଼ିବନ୍ଧୁ ବିଦ୍ୟାପୀଠ ସମ୍ମୁଖରେ ରହିଥିବା ପ୍ରାଚୀ ଏନକ୍ଲେଭ୍‌ର ଜି-୫ ଫ୍ଲାଟ୍ ବାଲକୋନୀଟି ଆଜି ସନ୍ଧ୍ୟାରେ ହଠାତ୍ ଭୁସୁଡ଼ି ପଡ଼ିଥିଲା । ଏହି କୋଠାଟି ପୁରାତନ ହୋଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ହେଉନଥିବାରୁ କାନ୍ଥ ଓ ବାଲକୋନୀରେ ଦୀର୍ଘ ଦିନ ହେବ ଫାଟ ସୃଷ୍ଟି ହୋଇଥିଲା । ଏହି ଫ୍ଲାଟ୍‌ର ତଳେ ଏକ ପରିବାର ଆଜବେଷ୍ଟସ୍ ଘରେ ରହୁଥିଲେ । ବାଲକୋନୀ ଭୁସୁଡ଼ିବା ପରେ ବଡ଼ ବଡ଼ ଖଣ୍ଡ ଗୁଡ଼ିକ ଆଜବେଷ୍ଟସ୍ ଉପରେ ପଡ଼ିଥିଲା । ଘର ଭିତରେ ପରିବାରର ୩ ଜଣ ସଦସ୍ୟ ଥିବା ବେଳେ ଅନ୍ୟ ୪ଜଣ ସଦସ୍ୟ ଘର ବାରଣ୍ଡାରେ ବସିଥିଲେ । ବାଲକୋନୀ ଭୁସୁଡ଼ିବା ପରେ ଇଟା ସିମେଣ୍ଟ ଓ ରଡ଼ ଖଣ୍ଡ ଭିତରେ ବାପା ଅବଦୁଲ, ମା' ରେହେମାଖାତୁନ୍ ଓ ପୁଅ ରିହାନ୍ ଚାପି ହୋଇ ରହିଯାଇଥିଲେ । ଅନ୍ୟ ସଦସ୍ୟମାନେ ବାରଣ୍ଡାରେ ବସିଥିବା ହେତୁ ସେମାନଙ୍କ ଉପରେ ସିମେଣ୍ଟ ଓ ରଡ଼ ଖଣ୍ଡ ମାଡ଼ ହୋଇଥିଲା । ଘଟଣାସ୍ଥଳରେ ପ୍ରଚଣ୍ଡ ଶବ୍ଦ ହେବାରୁ ସ୍ଥାନୀୟ ଲୋକ ଭୟଭୀତ ହୋଇ ବାହାରକୁ ଚାଲି ଆସିଥିଲେ । ଏହି ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରକୁ ଖବରଦେଇଥିଲେ । ୨ଟି ରେସ୍କ୍ୟୁ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା । କଟର ମେସିନ୍ ଓ ଅନ୍ୟାନ୍ୟ ଉପକରଣ ସାହାଯ୍ୟରେ ଆଜବେଷ୍ଟସ୍ ଘରକୁ ଭାଙ୍ଗି ଯାଇ ପ୍ରଥମେ ୩ଜଣଙ୍କୁ ଉଦ୍ଧାର କରାଯାଇ ଏସସିବି ମେଡିକାଲ୍‌କୁ ପଠାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପଟେ ଆହତଙ୍କୁ ଡକାଯାଇ ଅନ୍ୟ ଗୁରୁତରଙ୍କୁ ଏସ୍‌ସିବି ପଠାଯାଇଥିଲା । ଏ ସମ୍ପର୍କରେ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ତଥା ଫାୟାର୍ ଅଫିସର ସଞ୍ଜିବ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଫ୍ଲାଟ୍‌ଟି ସର୍ବ ପୁରାତନ ହୋଇଥିବା ବେଳେ ତାହାର ରକ୍ଷଣାବେକ୍ଷଣ ଆଦୌ କରାଯାଉ ନଥିଲା । ଉଭୟ କାନ୍ଥ, ବାଲକୋନୀ ଓ ଛାତ ଦିନକୁ ଦିନ ଦୁର୍ବଳ ହୋଇଯାଇଥିଲା । କାନ୍ଥ ଏବଂ ବାଲ୍‌କୋନୀ ମଝିରେ ବଡ଼ ବଡ଼ ଫାଟ ସୃଷ୍ଟି ହୋଇଥିଲା । ଫ୍ଲାଟ୍‌ର ମାଲିକଙ୍କ ବେପରୁଆ ମନୋଭାବ ଯୋଗୁଁ ଏବେବଡ଼ ଦୁର୍ଘଟଣା ଘଟିଛି ବୋଲି ସେ କହିଛନ୍ତି ।

ସ୍ଥାନୀୟ ବାସିନ୍ଦା ସୂର୍ଯ୍ୟକାନ୍ତ ହାଲଦାର କହିଛନ୍ତି ଯେ, ଯିଏ କେହିବି ଦୁର୍ଘଟଣା ଘଟିଥିବା ଫ୍ଲାଟ୍‌କୁ ଦେଖିବ, ସେ ଏହା ସର୍ବ ପୁରାତନ ହୋଇଛି ବୋଲି ଜାଣି ପାରିବ । ମାଲିକ ରକ୍ଷଣାବେକ୍ଷଣ ହେଉନଥିବା କାରଣରୁ ଏଭଳି ଦୁର୍ଘଟଣା ଘଟିଲା । ଫ୍ଲାଟ୍ ମାଲିକ ଏଥିପାଇଁ ଦାୟୀ ବୋଲି ସେ ସିଧାସଳଖ ମତ ରଖିଛନ୍ତି । ଏନକ୍ଲେଭ୍ ମାଲିକଙ୍କୁ ବାରମ୍ବାର ଏହି ବିପଦଶଙ୍କୁଳ ଫ୍ଲାଟ୍‌ର ମରାମତି ପାଇଁ ଦାବି ହେଉଥିଲେ ମଧ୍ୟ ସେ ଏ ଦିଗରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ଉଠିଛି । ଅନ୍ୟପଟେ ଘଟଣାସ୍ଥଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସେଠାରେ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିଲା ।

## ଡିସେମ୍ବର...

ସରକାର ମଧ୍ୟ ଜନ ବିଶ୍ୱାସ ବିଲ୍, ଇନ୍‌ସଲଭେନ୍ସି, ବ୍ୟାଙ୍କ୍‌ରପ୍ସି କୋଡ୍ ବିଲ୍ ପାରିତ ହେବାର ଅଛି । ଅପର ପକ୍ଷରେ ବିରୋଧୀ ଦଳ ପକ୍ଷରୁ ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ ନେଇ ନିର୍ବାଚନ କମିଶନ ନେଉଥିବା ନିଷ୍ପତ୍ତି ବିରୋଧରେ ପ୍ରତିବାଦ କରାଯିବ ବୋଲି ସୂଚନା ମିଳିଛି । ଗତବର୍ଷ ଶୀତ ଅଧିବେଶନ ନଭେମ୍ବର ୨୫ରେ ଆରମ୍ଭ ହୋଇ ଡିସେମ୍ବର ୨୦ରେ ସରିଥିଲା । ଏହି ସମୟରେ ଲୋକସଭାରେ ମାତ୍ର ୫୪.୫% କାର୍ଯ୍ୟ ହୋଇଥିବାବେଳେ ରାଜ୍ୟସଭାରେ ୪୦% କାର୍ଯ୍ୟ ହୋଇଥିଲା ।

## ଜୀବନ...

ଧମକ ଦିଆଯାଉଛି । ଯଦି ମାମଲା ପ୍ରତ୍ୟାହାର ନହେବ ତେବେ ମା' ପୁଅଙ୍କୁ ଜୀବନରେ ମାରିଦେବାକୁ ଧମକ ଦିଆଯାଉଛି । ବିପଦରେ ଏବେ ଆମ ପରିବାର ଜୀବନ । ଆମକୁ ସୁରକ୍ଷା ସହ ନ୍ୟାୟ ପ୍ରଦାନ କରିବାକୁ ଶନିବାର ପିତବାସଙ୍କ ପତ୍ନୀ ସୁସ୍ମିତା ପଣ୍ଡା ତାଙ୍କ ଘରେ ଆୟୋଜିତ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଧମକ ମିଳୁଥିବା ନେଇ ଆମେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ କହିବା ସହ ଏନେଇ ବୈଦ୍ୟନାଥପୁର ଥାନାରେ ଏତଲା ମଧ୍ୟ ଦେଇଛୁ । ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ବନ୍ଧୁ ବିକ୍ରମ ପଣ୍ଡା ଆମ ଘରକୁ ଆସି ଆମକୁ ସୁରକ୍ଷା ଦେବାକୁ କହିଥିଲେ । ହେଲେ କିଛିଦିନ ପରେ ସ୍ୱାମୀଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ପୋଲିସ ବିକ୍ରମ ପଣ୍ଡାଙ୍କୁ ଗିରଫ କରିଥିବା ଆମେ ଜାଣିବାକୁ ପାଇଥିଲୁ । ସାଙ୍ଗ ହୋଇ ସାଙ୍ଗକୁ କିପରି ସେ ହତ୍ୟା କଲେ ତାହା ଆମକୁ ଏବେ ଆଶ୍ଚର୍ଯ୍ୟ ଲାଗୁଛି । ଆମ ପରିବାର ଜୀବନ ପ୍ରତି ବିପଦ ଥିବାବେଳେ ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ ନ କରିବାକୁ ସେ ବିଚାରପତିଙ୍କୁ ନିବେଦନ କରିଛନ୍ତି । ଶନିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୃତ ପିତାବାସଙ୍କ ବଡ଼ ଭାଇ ପ୍ରକାଶ ପଣ୍ଡା ଓ ସାନ ଭାଇ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ସେହିପରି ଅଭିଯୋଗ ପରେ ପୀତବାସ ପଣ୍ଡାଙ୍କ ପରିବାରକୁ ପୋଲିସ ପକ୍ଷରୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇ ଦିଆଯାଇଛି । ସାଦା ପୋଷାକରେ ପୋଲିସ ସେଠାରେ ଜଗି ରହିଛି ।

## ଅଜଣା...

ଦୁର୍ଘଟଣାରେ ଛାତ୍ରୀ ଦ୍ୱୟ ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଖବର ପ୍ରଚାରିତ ହେବା ପରେ ମେଡିକାଲ ପରିସରରେ ଉତ୍ତେଜନା ଲାଗିଛି । ଏପରିକି ବେଲବାହାଲିରେ ରାସ୍ତାରୋକ କରାଯାଇଛି । ଖବର ପାଇ ଘସିପୁରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଧକ୍କା ଦେଇ ଥିବା ଅଜଣା ଗାଡିକୁ ଧରିବା ପାଇଁ ପୋଲିସ ସମସ୍ତ ସିସି କେମେରା ଯାଞ୍ଚ ସହ ଟୋଲଗେଟ ଯାଞ୍ଚ କରାଯାଉଛି । ଦୁଇଜଣ କଲେଜ ଛାତ୍ରୀଙ୍କ ମୃତ୍ୟୁ ଯୋଗୁଁ କଲେଜରେ ଶୋକର ଛାୟା ଖେଳିଯାଇଛି । ଅପରପକ୍ଷେ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରାଯାଇଛି । ଖବର ଲେଖା ହେବାଯାଏ ରାସ୍ତାରୋକ ଚାଲୁରହିଥିଲା ।

## ଆନ୍ତଃଜାତି...

ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ଅଠାୱାଲେ କହିଛନ୍ତି, ଦିବ୍ୟାଙ୍ଗଙ୍କ କଲ୍ୟାଣ ପାଇଁ ମୋଦୀ ସରକାର ଅନେକ ଯୋଜନା ଆଣିଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ଦିବ୍ୟାଙ୍ଗମାନଙ୍କୁ ୧୬ ହଜାରରୁ ଅଧିକ ସାଇକେଲ୍ ଏବଂ ସହାୟତା ଉପକରଣ ଯୋଗାଇ ଦିଆଯାଇଛି । ଦିବ୍ୟାଙ୍ଗଙ୍କ ପାଇଁ ସରକାରୀ ଚାକିରି ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ସୁବିଧାକୁ ୩ରୁ ୪%କୁ ବୃଦ୍ଧି କରାଯାଇଛି । ୨୦୨୫ ସୁଦ୍ଧା ଦେଶର ୫୬ କୋଟି ୮୫ ଲକ୍ଷ ୨୪ ହଜାର ଲୋକଙ୍କର ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି । ଓଡ଼ିଶାରେ ବି ଜନଧନ ଯୋଜନାରେରେ ୨ କୋଟି ୩୪ ଲକ୍ଷ ୭୭ ହଜାର ଲୋକଙ୍କର ଆକାଉଣ୍ଟ ଖୋଲା ଯାଇଛି । ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନାରେ ୫୦ ହଜାରରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ଦେବାର ପ୍ରବଧାନ ଥିଲା ବର୍ତ୍ତମାନ ତାକୁ ବଢ଼େଇ ୫୦ ହଜାରରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କରାଯାଇଛି । ୨୦୧୫ ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ଦେଶରେ ୫୫ କୋଟି ୩୨ ଲକ୍ଷ ୯୨ ହଜାର ଲୋକଙ୍କୁ ମୁଦ୍ରା ଯୋଜନାରେ ଋଣ ଦିଆଯାଇଛି । ଓଡ଼ିଶାରେ ବି ୩ କୋଟି ୫୦ ଲକ୍ଷ ୩୯ ହଜାର ଲୋକଙ୍କୁ ମୁଦ୍ରା ଯୋଜନାରେ ଋଣ ମିଳିଛି ।

୨୦୨୬ରୁ ବର୍ତ୍ତମାନ ସୁଦ୍ଧା ଦେଶର ୧୦ କୋଟି ୩୩ ଲକ୍ଷ ମହିଳାଙ୍କୁ ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ଦିଆଯାଇଛି । ଓଡ଼ିଶାରେ ୫୫ ଲକ୍ଷ ୪୭ ହଜାର ମହିଳାଙ୍କୁ ଗ୍ୟାସ ସଂଯୋଗ ଦିଆଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବର୍ତ୍ତମାନ ସୁଦ୍ଧା ଦେଶର ୪ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କୁ ପକ୍କା ଘର ସହ ଶୌଚାଳୟ ଯୋଗାଇ ଦିଆଯାଇଛ । ବର୍ତ୍ତମାନ ଆହୁରି ୪ କୋଟି ଲୋକଙ୍କୁ ପକ୍କା ଘର ଯୋଗାଇ ଦେବାକୁ ବ୍ୟୟ ବରାଦ କରାଯାଇଛି । ଏସ୍‌ସି/ଏସ୍‌ଟି ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୫ ଲକ୍ଷ ଉର୍ଦ୍ଧ୍ୱ ବୃତ୍ତି ଯୋଗାଇ ଦିଆଯାଇଛି । ଓଡ଼ିଶାରେ ୫ ହଜାର ୪୦୭ଟି ଏସ୍‌ସି/ଏସ୍‌ଟି ହଷ୍ଟେଲ ରହିଛି । ଓଡ଼ିଶାରେ ୫ ଲକ୍ଷ ଦିବ୍ୟାଙ୍ଗ ଅଛନ୍ତି । ସେମାନଙ୍କ ପାଇଁ ନିଯୁକ୍ତିରେ ୪ ପ୍ରତିଶତ ସଂରକ୍ଷଣ ଓ ଶିକ୍ଷାରେ ୫ ପ୍ରତିଶତ ବ୍ୟବସ୍ଥା କରାଯାଇଛି । ଏହାର ମଝିରେ ମଝିରେ ସମୀକ୍ଷା କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱାଲେ ।

୨୦୨୩-୨୪ ଆର୍ଥିକ ବର୍ଷରେ ଦଳିତଙ୍କ ଉପରେ ଅତ୍ୟାଚାର ୨ହଜାର ୬୪୭ ମାମଲା ଦାଏର ହୋଇଥିଲା । ୨୦୨୪-୨୫ରେ ୨ ହଜାର ୪୦୪ ମାମଲା ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୨ ହଜାର ୨୮୮ ମାମଲା ଦାଏର ହୋଇଛି । ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଦଳିତଙ୍କ ଉପରେ ଅଧିକ ଅତ୍ୟାଚାର ହେଉଥିବା ନଜର ଆସୁଛି । ଦଳିତଙ୍କ ଉପରେ ବଢୁଥିବା ଅତ୍ୟାଚାରକୁ କମ କରିବା ପାଇଁ ମୁଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛି । ଏନେଇ ମୁଁ ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିବାକୁ ଚାହୁଁଥିଲି, କିନ୍ତୁ ସେ ନିର୍ବାଚନ ପ୍ରଚାରରେ ଅଛନ୍ତି । ଆଗାମୀ ଦିନରେ ଓଡ଼ିଶା ଆସିଲେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦଳିତ ଉପରେ ବଢୁଥିବା ଅତ୍ୟାଚାର ପ୍ରସଙ୍ଗରେ ଆଲୋଚନା କରିବି । ଦଳିତଙ୍କ ଉପରେ ଅତ୍ୟାଚାର କମ ହେବା ଦରକାର ।

ଓଡ଼ିଶାରେ ଦୀର୍ଘ ବର୍ଷ ନବୀନ ପଟ୍ଟନାୟକଙ୍କ ସରକାର ରହିଥିଲା । ନବୀନ ପଟ୍ଟନାୟକ ବହୁତ ଭଲ ଲୋକ । ଆମ ଏନଡ଼ିଏ ସରକାର ରେ ମନ୍ତ୍ରୀ ଥିଲେ । ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରହିବା ସମୟରେ ନବୀନ ପଟ୍ଟନାୟକ ବହୁତ ଭଲ କାମ କରିଛନ୍ତି । ମୋ ସହିତ ନବୀନଙ୍କ ର ବହୁତ ଭଲ ସମ୍ପର୍କ । ଓଡିଶା ବିକାଶ ରେ ତାଙ୍କର ବହୁତ ବଡ଼ ଅବଦାନ ରହିଛି । ବର୍ତ୍ତମାନ ବିଜେପି ସରକାର ମଧ୍ୟ ଓଡ଼ିଶା ରେ ବହୁତ ଭଲ କାମ କରୁଛି ।

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭୋଟ ଚୋରି କଥା କହୁଛନ୍ତି । ରାହୁଲ ଗାନ୍ଧୀଙ୍କୁ ମୁଁ ପ୍ରଶ୍ନ କରୁଛି ୬୦ ବର୍ଷ କଂଗ୍ରେସ ସରକାରରେ କ'ଣ ହେଉଥିଲା ତାହାର ତଥ୍ୟ ବି ଦିଅନ୍ତୁ । ଭୋଟ ଚୋରି ହେବା କଥା ନୁହେଁ, ଭୋଟ ଜାଲିଆତି ଉପରେ ନିର୍ବାଚନ କମିଶନ ଧ୍ୟାନ ଦେବା ଦରକାର । କିନ୍ତୁ ଶ୍ରୀ ଗାନ୍ଧୀ ଯେଉଁ ଅଭିଯୋଗ ଆଣୁଛନ୍ତି, ତାହା ଠିକ ନୁହେଁ । ନିର୍ବାଚନ କମିଶନ ସ୍ୱାଧୀନ ସଂସ୍ଥା । ସରକାର ସହିତ ତାଙ୍କର କୌଣସି ସମ୍ପର୍କ ନାହିଁ । ତେଣୁ ସରକାର ଉପରେ ଆରୋପ ଲଗାଇବା ଠିକ ନୁହେଁ । ଲୋକସଭାରେ କଂଗ୍ରେସ ଅଧିକ ଆସନ ଜିତିଥିବା ବେଳେ କ'ଣ ତାହା କହିଥିଲେ କି ରାହୁଲ ଗାନ୍ଧୀ । ଶ୍ରୀ ମୋଦୀ ତୃତୀୟ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି । ଆଗକୁ ମଧ୍ୟ ଚତୁର୍ଥର ପାଇଁ ମଧ୍ୟ ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ହେବେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି ବୋଲି କେନ୍ଦ୍ରମନ୍ତ୍ରୀ ଅଠାୱଲେ କହିଛନ୍ତି ।

## ୭ ପୋଲିସ...

ଦାସ, ଡେପୁଟି କମାଣ୍ଡାଣ୍ଟ କେ.କେ ନାୟକ, ପୁରୀ ସିଟି ଡିଏସପି ପ୍ରଶାନ୍ତକୁମାର ସାହୁ, ପୁରୀ କୁମ୍ଭାରପଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଓଏସଏପି ୮ମ ବାଟାଲିୟନ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ୍ । ଜୁନ୍ ୨୯ ତାରିଖ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ହୋଇଥିଲା ଦଳାଚକଟା ହୋଇଥିଲା । ଏଥିରେ ତିନି ଜଣ ଭକ୍ତ ମୃତ୍ୟୁବରଣ କରି ଥିଲେ । ଏଥିସହ ଅନେକ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ରାଜ୍ୟ ସରକାର ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ । ଏହି ସାତ ଜଣ ପୋଲିସ ଅଧିକାରୀ କାର୍ଯ୍ୟରେ ଅବହେଳା କରିଥିବା ରିପୋର୍ଟରେ ଉଲ୍ଲେଖ ରହିଛି । ସେପଟେ କାର୍ଯ୍ୟରେ ଅବହେଳା କରିଥିବା ଅଧିକାରୀଙ୍କ ଉପରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସ୍ୱାଗତ କରିଛନ୍ତି ଆଇନଜୀବୀ ଶରତ ରାୟଗୁରୁ । ତେବେ ବିଭିନ୍ନ କାରଣ ପାଇଁ ଘଟିଥିବା ଦଳାଚକଟା ଘଟଣାରେ ଯେଉଁ ମାନେ ଦାୟୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ମତ ରଖିଛନ୍ତି ସାକ୍ଷ୍ୟ ଦେଇଥିବା ବ୍ୟକ୍ତି । ସେହିପରି ଭବିଷ୍ୟତରେ ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟେ ଓ ଏଭଳି ଅଘଟଣ ଏଡାଇବା ପାଇଁ କଣ ସବୁ ପ୍ରସ୍ତାବ ଦିଆଯାଇଛି ତାହା ଜାଣିବା ପାଇଁ ଉନ୍ନୟନ କମିଶନରଙ୍କ ରିପୋର୍ଟ ସାର୍ବଜନୀନ ପାଇଁ ମଧ୍ୟ ମତ ରଖାଯାଇଛି ।

## ଜୟମୁଁ...

ଉପସ୍ଥିତିରେ ସହର ଠାରୁ ଗାଁ ଚଳଚଞ୍ଚଳ ହୋଇପଡ଼ିଛି ।

ଏହି କ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୂଆପଡ଼ାରୁ ଖରିଆରରୋଡ ମଧ୍ୟରେ ରୋଡ ଶୋ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ମନ୍ତ୍ରୀ ସୁରେଶ ପୁଜାରୀ, ପୂର୍ବତନ ଏମପି ବସନ୍ତ କୁମାର ପଣ୍ଡା ସମେତ ବହୁ ନେତା ସାମିଲ ଥିଲେ । ବିଧାୟକ ପ୍ରାର୍ଥୀ ଶ୍ରୀ ଢୋଲକିଆଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । ଏହି ଅବସରରେ ନୂଆପଡା ଜିଲ୍ଲାର ବିକାଶର ମଙ୍ଗ ଆମେ ଧରିବୁ ଓ ନିର୍ବାଚନ ଶେଷ ହେବାପରେ ଆପଣଙ୍କ ସାଥୀରେ ଜୟ ଢୋଲକିଆ ଏବଂ ମୋହନ ମାଝୀ ରହିଥିବେ । ବାକି ସବୁ ଚାଲିଯିବେ ବୋଲି କହିଥିଲେ । ନବୀନ ପଟ୍ଟନାୟକ କେବଳ ଏକ ବସରେ ହାତ ହଲାଇ ଚାଲିଗଲେ । ତାଙ୍କ ସାଥିରେ କୌଣସି ପ୍ରାର୍ଥୀ ରହିନଥିଲେ । ଆଗରେ ଏକ ଗାଡିରେ ବସିଥିଲେ ବୋଲି କଟାକ୍ଷ କରିଥିଲେ ।

ଶନିବାର ମଧ୍ୟାହ୍ନରେ ଏକ ସ୍ୱତନ୍ତ୍ର ହେଲିକେପଟରେ ଯୋଗେ ଗୋତମାସ୍ଥିତ ହେଲିପ୍ୟାଡରେ ଅବତରଣ କରିବା ପରେ ସେଠାରୁ ଏକ ହେଲିକପଟରରେ ସୁନାବେଡାକୁ ଯାଇଥିଲେ । ସେଠାରେ ଓହ୍ଲାଇ ମାଁ ସୁନାଦେଇଙ୍କ ପୂଜାକରିବା ପରେ ବସ୍ତିରେ ଭୋଟ ଭିକ୍ଷା କରିବା ପରେ ଅପରାହ୍ନରେ ନୂଆପଡାରେ ଆସି ପହଞ୍ଚିଥିଲେ। ନୂଆପଡାରେ ରୋଡ ଶୋ କରିବା ପରେ ଖରିଆର ରୋଡରେ ମଧ୍ୟ ରୋଡ ସୋ କରିବା ପରେ ଆସି ନୂଆପଡା ସର୍କିଟ ହାଉସରେ ରାତ୍ରି ରହଣି କରିଛନ୍ତି ।

# ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା

ଧାମନଗର, (ସବୁ୍ୟ) : ଧାମନଗର ବିଜୁ ଜନତା ଦଳ ତରଫରୁ ବ୍ଲକସ୍ତରୀୟ ଜନ ସମ୍ପର୍କ ପଦଯାତ୍ର ଚୁଡାକୁଟି ଠାରେ ଅନୁଷ୍ଠିତ ହୋଇଯାଇଛି ।ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଦଇପୁର ପଞ୍ଚାୟତ ନାରାୟଣପୁର ସ୍ଥିତ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିକଟରୁ ପଦଯାତ୍ରା ଆରମ୍ଭ ହୋଇଥିଲା ।ଏଥିରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତା ମାନେ ଯୋଗଦେଇ ବିଜେଡ଼ି ସରକାର ସମୟରେ ବିଭିନ୍ନ ଜନହିତକର ଯୋଜନାର ସମ୍ପର୍କରେ ସ୍ଲୋଗାନ ମାନ ଦେଇ ବଜାର ପରିକ୍ରମା କରି ଚୁଡାକୁଟି ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ସଭାସ୍ଥଳରେ ପହଞ୍ଚିଥିଲେ ।ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା,ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ତଥା ବିଜେଡି ମହିଳା ବ୍ଲକ ସଭାନେତ୍ରୀ ଟୁନିବାଳା ବିଶାଳ,ବିଜେଡି ନେତା ଡାକ୍ତର ସଞ୍ଜୟ କୁମାର ଦାସ, ଅଶୋକ କୁମାର ନାୟକ,ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ପୂର୍ବତନ ସରପଞ୍ଚ ଦୟାନିଧି ମିଶ୍ର,ଉମେଶ ଚନ୍ଦ୍ର ମହାନ୍ତି ଓ ଯୁବ ବିଜେଡି ସଭାପତି ଭାରତ ବିଜୟ ଦଳାଇ,ସନ୍ଦୀପ ସ୍ୱାଇଁ,ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼,ସରପଞ୍ଚ ଆଜୟ କୁମାର ମଲ୍ଲିକ,ସୀତାକାନ୍ତ ମିଶ୍ର,ଶରିତା ମହାନ୍ତି,କସ୍ତୁରୀ ବିଶ୍ୱାଳ,ସମିତି ସଭ୍ୟା ବିଣାପାଣୀ ପଣ୍ଡାଙ୍କ ସମେତ ବହୁ ଦଳୀୟ କର୍ମୀ ଓ ଛାମୁଆ ନେତା ଯୋଗ ଦେଇ ୨୪ ବର୍ଷ ବିଜେଡ଼ି ଶାସନ ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦାରା କରାଯାଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବାସହ ଭାଜପା ସରକାର ଲୋକଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିପାରୁନାହାଁନ୍ତି ବୋଲି କହିଥିଲେ ।ନେତା ମାନେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ରଣହୁଙ୍କାର ଦେବା ସହ ପଞ୍ଚାୟତ ସ୍ତରରେ କର୍ମୀମାନେ ସଂଗଠନକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ ।


**AFFIDAVIT**

I, Thamina Azmi, W/o- Mohammad Ambar Ali, resident of Post Office Lane, Po-Kendrapara, Ps-Kendrapara Town, Dist-Kendrapara, Pin-754211 Odisha declare by this affidavit No-2122 Dtd. 07.11.2025 that now onwards I shall be known as TAHMINA AZMI for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Salepur, Cuttack, Odisha, dated. 17.10.2025 I, Mir jarimulla, Address At- Jairampur, Po-Kood, Ps-Salipur, Dist- Cuttack declare that I have changed my name from Meer Zaeimullah to Mir Jarimulla. Henceforth, I shall be known as Mir Jarimulla for all purposes.

Mir Jarimulla
(New Name)

**AFFIDAVIT**

By virtue of an affidavit sworn before Notary Public, Kendrapara, dated. 07.11.2025 I, Krupasindhu Patra, S/o Lokanath Patra, Vill/Po-Thakurpatna, PS-Kendrapara Sadar, Dist-Kendrapara, Pin-754250 declare that I have changed my daughter's name from Subhasmit Patra to Subhasmita Patra. Henceforth, he shall be known as Subhasmita Patra for all purposes.

Sd/- Krupasindhu Patra

**AFFIDAVIT**

By virtue of an affidavit sworn before The Notary Public, Daspalla dated. 31.10.2025. I Paleswae Luha, S/o- Chandra Luha, At- Nuasahi, P.O- Poibadi, P.S- Daspalla, Dist-Nayagarh, Pin-752091, Odisha declare that I have changed my son's name from ASUTOSH NAIK to ASUTOSH LUHA. Henceforth he shall be known as ASUTOSH LUHA for all purpose.

Paleswar Luha

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
CAD-2217
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : https://oshb.org

ପତ୍ର ସଂଖ୍ୟା ୨୨୨ **ବିଜ୍ଞାପନ** ତା : ୧୪.୧୦.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ୧. [illegible] ନାମରେ ରେକର୍ଡ ଦରଜ କରାଯାଇଥିଲା । ଉକ୍ତ ରେକର୍ଡଧାରୀ ଦ୍ୱୟଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତହସିଲଦାର [illegible] ନଂ. E-LHC/୨୦୨୪/୧୮୬୭୨ ତା. ୧୨.୧୧.୨୦୨୪ ଅନୁଯାୟୀ ଉକ୍ତ ସମ୍ପତ୍ତିରେ ଥିବା ସେମାନଙ୍କ ସବୁ ଅଂଶରେ ନିଜର ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି । ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ଏହି ନୋଟିସ୍ ପ୍ରକାଶରେ ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ଅଂଶ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

| କ୍ର.ନଂ. | ମୃତ୍ୟୁ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | i) ସ୍ୱର୍ଗୀୟା [illegible] ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧<br>୨ | ନାମ- ସ୍ୱର୍ଗୀୟା [illegible]<br>ସ୍ୱା- ସ୍ୱର୍ଗତ [illegible]<br>ନାମ- ସ୍ୱର୍ଗତ [illegible]<br>ପିତା- ସ୍ୱର୍ଗତ [illegible]<br>ସା-[illegible], ପୋ-[illegible]<br>ଥାନା/ଜିଲ୍ଲା-ଖୋର୍ଦ୍ଧା | ଗୃହ ନଂ-ଏମ.ଆଇ.ଜି.-୧୩୧<br>(MIG-131)<br>[illegible],<br>୧ ମ ପର୍ଯ୍ୟାୟ<br>ଭୁବନେଶ୍ୱର<br>ଜିଲ୍ଲା-ଖୋର୍ଦ୍ଧା | ୧. [illegible] (ବି.କନ୍ୟା)<br>୨. [illegible] (ବି.କନ୍ୟା)<br>୩. [illegible] (ବି.କନ୍ୟା)<br>ii) ସ୍ୱର୍ଗତ [illegible] ଉତ୍ତରାଧିକାରୀ ନାମ<br>୧. [illegible] (ସ୍ତ୍ରୀ)<br>୨. [illegible] (କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
CAD-2221
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୯୧ **ବିଜ୍ଞାପନ** ତା : ୧୦.୧୦.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ସ୍ୱର୍ଗତ ଆତୁକାଳର ଷଡଙ୍ଗୀ<br>ପି - ସ୍ୱର୍ଗତ ରାଜକିଶୋର ଷଡଙ୍ଗୀ<br>ନୂଆଗାଁ<br>ପୋ/ଥାନା- ଝାଡ଼ଗ୍ରାମବେଲା<br>ଜିଲ୍ଲା- ସିଂହଭୂମି (ବିହାର) | ଘର ନଂ-ଏମଆଇଜି-୧-୧୨୧<br>(MIG-1-121)<br>ଛେଣ୍ଡ, ଫେଜ୍-୨<br>ରାଉରକେଲା | ୧. ନିରୁପମା ଷଡଙ୍ଗୀ (ସ୍ତ୍ରୀ)<br>୨. ଜୀବାନେନ୍ଦୁ ଷଡଙ୍ଗୀ (ବି.କନ୍ୟା)<br>୩. ଏନାକ୍ଷୀ ଷଡଙ୍ଗୀ (ବି.କନ୍ୟା)<br>୪. ନନ୍ଦନନ୍ଦ ଷଡଙ୍ଗୀ (ବି.କନ୍ୟା)<br>୫. ମାଳଭଞ୍ଜନ ଷଡଙ୍ଗୀ (ବି.କନ୍ୟା) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
CAD-2219 ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୮୫ **ବିଜ୍ଞାପନ** ତା : ୧୫.୧୦.୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏମଆଇଜି-୨-୨୧ (MIG-II-21), ରାୟଗଡ଼ା ଫେଜ୍-୨ ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ଜାମା ରାକେଶ, ପିତା-ସ୍ୱର୍ଗତ ଜାମା ମହେଶ୍ୱର ରାଓ, ସା-ବେଲରୋଡ଼, ୱାର୍ଡ ନଂ-୧୫, ଜୟପୁର, ଜିଲ୍ଲା-କୋରାପୁଟଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଜାମା ରାକେଶ ଉକ୍ତ ଗୃହଟିକୁ ଦ୍ୱିତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ କୁନା ପ୍ରେମ ସାଇ, ପିତା-କୁନା ଶ୍ରୀନିବାସ ରାଓ, ସା- ନିଉ କଲୋନୀ, ଦ୍ୱିତୀୟ ଗଳି, ପୋ/ଥାନା-ରାୟଗଡ଼ା, ଜିଲ୍ଲା-ରାୟଗଡ଼ାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ODISHA HYDRO POWER CORPORATION LIMITED**
OFFICE OF THE SENIOR GENERAL MANAGER (ELECTRICAL):
BALI MELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA): PIN: 764051
Phones: 06861-291058 (O)/291048 (R).E-Mail unit.head._balimela@yahoo.com
REGD. OFFICE:ODISHA HYDRO POWER CORPORATION LIMITED
BHOI NAGAR, JANAPATH, BHUBANESWAR-22
Tel:91-0674-2542983, 2542802, 2545526, Fax : 2542102. GRAM: HYDROPOWER,
E-MAIL: ohpc.co@gmail.com/md@ohpcltd.com. Web: www.ohpcltd.com
CIN : U40101OR1995SGC003963
CAD-2193
**TENDER CALL NOTICE NO: BHEP/ 39 / 2025-26; DATED- 04.11.2025.**

Sealed tenders are invited in two part basis i.e (i) Technical Bid & (ii) Price Bid from the Registered Firms having valid Registration Certificate issued by Govt. Authority. IT PAN.GST Regn Certificate, valid HT/EHT License issued by ELBO. valid contract labour license & fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper | EMD in Shape of DD only (Refundable) | Period of availability of Tender document at OHPC Website | Last date & time of receipt of Tender | Date & time of opening of Technical Bid |
|---|---|---|---|---|---|---|
| | AMC Services for Maintenance of 4x60 MW + 2x75 MW Generators and its Auxiliaries, Turbine and its Auxiliaries, other Equipments with their Auxiliaries, Illumination System, Generator Transformers with auxiliaries, Oil Purifiers and all equipments of Valve House of Balimela Hydro Electric Project, Balimela for a period of One Year on job Contract basis. | Rs.11800/- (Rs.10000/- + @ 18% GST) (Non Refundable) | 01 (One)% of Quoted value (Excluding GST) | From 07.11.2025 to 11.00 hrs. of 21.11.2025 | Upto 12.00 Hrs. of 21.11.2025 | at 12.30 Hrs of 21.11.2025 |

The tender documents can also be downloaded from our website at www.ohpcltd.com

Sd/- C&P Head, BHEP, Balimela

Phone-0680-2404096
E-Mail: eerwgmt@yahoo.co.in
O-
**OFFICE OF THE SUPERINTENDING ENGINEER**
**RURAL WORKS DIVISION-II; GANJAM, BERHAMPUR**
**Government of Odisha e-Procurement Notice**
**Bid Identification No. Online Tender/18/SERWD-II/2025-26**
Memo No.8165/RWD-IIGB, Date: 29.10.25

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.50.42 to 52.10 lakhs |
| 3 | Period of Completion | : | 2 (Two) Months as per Annexure |
| 4 | Date & Time of availability of Bid documents in the Portal | : | 07.11.2025 at 10.00 AM to 14.11.2025 up to 5.00 P.M |
| 5 | Last Date/ Time for receipt of Bids in the Portal | : | 14.11.2025 up to 5.00 P.M |
| 6 | Name and address of the Officer Inviting Bid | : | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-procurement portal tendersodisha.gov.in/nicgep/app

Sd/- Executive Engineer
R.W. Division-II, Ganjam
Berhampur

**OFFICE OF THE MUNICIPALITY, NABARANGPUR**
**NABARANGPUR (ODISHA), PIN- 764059**
E-mail-municipalityngpr@gmail.com
EOI Letter No. 3289 NM/2025 Date. 04.11.2025

**Invitation for Expression of Interest (EOI) for Engagement of Civil & Architectural Consultancy Services of preparation of Detailed project report (DPR) for Construction of Town Hall (Shastri Bhawan) Indravati Modal Crematorium and Other developmental projects as & when required for Nabarangpur Municipality"**
C-1401

Sealed Expression of interest (in two sealed covers envelop) are invited from the reputed Engineering consultant/ registered Architects firms/Consultancy firms for preparation of Detailed project report and providing comprehensive consultancy service towards suitable architectural plan, Survey, elevation, estimate, structural design, structural vetting from IITs/NITs/Govt. Colleges with vetted drawings and certificates with quality control activities with proper assistance for preparation of Detail Project Report (DPR) of Nabarangpur Municipality. The consultant should hove previous experience and must have completed similar nature of works under any department of the stale Govt./PSU. The quotation paper will be downloaded from the website i.e www.nabarangpur.nic.in & https://nawarangpurm.in/in from dt. 06.11.2025 at 10.00 AM to 14.11.2025 at 5.00 P.M. The envelope containing the documents as per Instruction should be superscripted with the letter "Expression of Interest (EOI) for Engagement of Civil & Architectural Consultancy Services for Preparation of Detail Project Report (DPR) of Construction of Town Hall (Shastri Bhawan), Indravati Model Crematorium and Other developmental projects as & when required for Nabarangpur Municipality' and should be submitted through Speed Post/ Registered (Bid papers receipt other than Registered Post & Speed Post will not be acceptable) Post only on or before 18.11.2025 up to 5.00 PM At- Nabarangpur Municipality Office. Po/Ps-Nabarangpur, Pln-764059. Dist-Nabarangpur. The EOI will be opened on dt 19.11.2025 at 11.00 A.M In the Conference Hall, Nabarangpur Municipality in presence of the bidders or authorized representative. The EOI must accompanied with Rs. 10,000/- (Rupees Ten Thousand) only in shape Demand Draft towards tender paper cost duly pledge in favour of the Executive officer, Nabarangpur Municipality, which is nonrefundable and Rs. 50,000/- (Rupees Fifty Thousand) only in shape Demand Draft towards EMD duly pledge in favour of the Executive officer, Nabarangpur Municipality, which is (Refundable) the bidders are requested to quoted their rates without any added tax (Taxes will be added/ Deducted at source as applicable by the Govt.), the bidders are requested to submit the EOI accompanied with attested photo copy of the registered certificate of the agency, GST registration PAN Service tax registrations & certificate of experience for compliant authority in support of their expertise with vetting certificates. Financial Statements & turnover. 5 Cr (last 3 years) .Declaration of Non-blacklisting. The unexperienced bidders are not allowed to participate in the bidding process.

The authority reserves the nght to accept or reject any or al EOI without assigneig any reasons thereof.

Sd/- Executive Officer
Nabarangpur Municipality

O-1321
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**
**e-PROCUREMENT NOTICE NO.Tender Online 09 JJPT of 2025-26**

| | | | |
|---|---|---|---|
| 1. | Name of work | : | Roads & Buildings Work. |
| 2. | Total No of Work | : | 11 Nos. Roads & 2 Nos. Of Buildings Work. |
| 3. | Estimated Cost (Approx.) | : | Rs. 2.51 to 23.49 Lakhs |
| 4. | Period of Completion | : | 30 Days |
| 5. | Class of contractors | : | D,C & B Class |

Other details as follows:

| | | | |
|---|---|---|---|
| a) | Procurement officer | : | Superintending Engineer, Rural Works Division, Jajpur |
| b) | Availability of tender online & submission of bid | : | 11.11.2025 at 10.00 AM to 21.11.2025 upto 5.00 PM |
| c) | Last date & time of seeking of tender clarification | : | 20.11.2025 up to 5.00 PM |
| d) | Opening of Technical Bid | : | 24.11.2025 at 11:00 AM. |

Further details can be seen from the Govt, website www.tendersodisha.gov.in

**Note:- If situation arises the transparent lottery will be held on 28.11.2025, At 11:30 AM**

Sd/- Superintending Engineer
Rural Works Division, Jajpur

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**
e-mail: -eephd.rgda.od@od.gov.in, eephdrgda@gmail.com
C-1380 **e-Procurement Notice for 2025-26**
**Bid Identification No.EEPHDRAYAGADA-26/2025-26 DT.29.10.2025**

| | | | |
|---|---|---|---|
| 1. | Name of the work | : | 6 Nos. |
| 2. | Estimate cost | : | From Rs.8.38 Lakh to Rs. 49.65 Lakh (Approx.) |
| 3. | Period of Completion | : | From 2 to 3 Months |
| 4. | Date & Time of availability of Bid documents in the portal | : | From 11.00 A.M of 10.11.2025 to 05.00 P.M. of 20.11.2025 of 20.11.2025 |
| 5. | Last date/ time of receipt of bids in the portal | : | 05.00 P.M. of 20.11.2025 |
| 6. | Date & time of opening of Bids | : | 11.00 A.M of 21.11.2025 |
| 7. | Name and address of the Officer Inviting Bid | : | Executive Engineer, P.H. Division, Rayagada Near.Forest Check Gate, Seriguda Rayagada-765002. |

Further details can be seen from the e-Procurement portal "https://www.tendersorissa.gov.in".

Sd/- EXECUTIVE ENGINEER,
P.H. DIVISION, RAYAGADA


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୬୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୭୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୭୨୫୪୯୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୭୬୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୯, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବାଲିଯାତ୍ରାରେ ଭାରତ ମସଲା ଗ୍ରାହକଙ୍କୁ ସୁନିଶ୍ଚିତ ଆକର୍ଷଣୀୟ ଉପହାର

# ଏଡିଏମ ଶିବ ଟପ୍ପୋ ଭାଗ୍ୟଶାଳି ବିଜେତାଙ୍କୁ ଦେଲେ ମାଇକ୍ରୋଓଭାନ

କଟକ,(ସବ୍ୟୁ): ଭାରତ ମସଲା ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କୁ କଟକ ଏଡିଏମ୍ ଶିବ ଟପ୍ପୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ ପ୍ରଦାନ କରିଛନ୍ତି। ଏହି ପ୍ରଥମ ବିଜେତା ଜଣକ ହେଇଛନ୍ତି ୪୨ ମୌଜା କଟକର ବିଭୁପ୍ରସାଦ ରାଉତରାୟ। ସେହିପରି ୨ୟ ବିଜେତା ଗତିରାଉତ ପାଟଣା କଟକର ସୁଧୀର କୁମାର ପରିଡ଼ାଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସୋମପୁର ଜଗତସିଂପୁରର ସସ୍ମିତା ମଲ୍ଲିକଙ୍କୁ ବାଉଲ୍ ସେଟ୍, ସାନ୍ତ୍ୱନା ମୂଳକ ବିଜେତା ସିଡିଏ ୧୧ ନଂ କଟକର ପ୍ରତ୍ୟୁଷ ବେହେରାଙ୍କୁ ଫ୍ରାୟିଙ୍ଗ ପାନ୍ ଏଡିଏମ ଶ୍ରୀଯୁକ୍ତ ଟପ୍ପୋ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ। ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲା



ତାର ଗ୍ରାହକ ମାନଙ୍କ ପାଇଁ ଆଣିଛି ସୁନିଶ୍ଚିତ ଉପହାର ସ୍କିମ। ଗ୍ରାହକ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରିରେ ପାଇଥିଲାବେଳେ ସମସ୍ତଙ୍କ ପାଇଁ ରହିଛି ନିଶ୍ଚିତ ଉପହାର। ୨୫୦ ଟଙ୍କାର ମସଲା କ୍ରୟ କଲେ ଗ୍ରାହକ ସୁନିଶ୍ଚିତ ଉପହାର ସ୍ୱରୂପ ପ୍ଲାଷ୍ଟିକ ମଗ ପାଇପାରୁଛନ୍ତି । ୫ଶହ ଟଙ୍କାରେ ଷ୍ଟିଲ ଗ୍ଲାସ୍ ,୭୦୦ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୯ଶହ ଟଙ୍କାରେ ପ୍ଲାଷ୍ଟିକ ବାଲ୍ଟି, ୧୫ଶହ ଟଙ୍କାରେ ଷ୍ଟିଲ ଥାଳି, , ୪ ହଜାର ଟଙ୍କାରେ ହଟ କେସ ବା ଟିଫିନ୍ ବାକ୍ସ,୮ ହଜାର ଟଙ୍କାରେ ୫ ଗ୍ରାମର ରୁପା ମୁଦ୍ରା ,୧୦ ହଜାର ଟଙ୍କାରେ ବ୍ଲାଙ୍କେଟ୍ , ୧୨ ହଜାର ଟଙ୍କାର କ୍ରୟ ଉପରେ କ୍ରମ୍ପଟନ ବ୍ରାଣ୍ଡର ସିଲିଂ ପଙ୍ଖା ନିଶ୍ଚିତ ଉପହାର ପାଉଛନ୍ତି। ଏତଦ୍ ବ୍ୟତୀତ ମସଲା ସହିତ ଲକି ଡ୍ର କୁପନ ପାଇବାକୁ ସକ୍ଷମ ହେଉଛି ଜଣେ ଗ୍ରାହକ। ଯାହାକି ଜଣେ ଗ୍ରାହକଙ୍କର ଭାଗ୍ୟକୁ ବଦଳାଇ ଦେଉଛି ।ଆଜିର ଏହି କାର୍ଯ୍ୟକ୍ରମ ରେ ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା ,ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା,ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଚିତ୍ର, ସଂଗୀତ, ବିଶ୍ଳେଷଣର ମିଳିତ ପରିବେଷଣ" ଆକୃତି

# ରାଧାକୃଷ୍ଣଙ୍କ ଅନାବିଳ ପ୍ରେମର ମାର୍ମିକ ତତ୍ତ୍ୱରେ ସିଧାସଳଖ ବିମୋହିତ ହେଲେ ଯୁବପିଢୀ

ଭୁବନେଶ୍ୱର, (ସବ୍ୟୁ): ଚିତ୍ର, ସଂଗୀତ,ସାହିତ୍ୟର ନିଆରା ମିଳିତ ପରିବେଷଣ ଆକୃତିର ଆଜି ଥିଲା ଦ୍ୱିତୀୟ ସନ୍ଧ୍ୟା । ଗତକାଲିଠୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ଆସନ୍ତା କକ୍ଷଲି ମଧ ପରିବେଷଣ ହେବ । ଡିଜିଟାଲରେ ବର୍ତ୍ତମାନ ଅଭ୍ୟସ୍ତ ଯୁବ ପିଢୀଙ୍କୁ ଟିକେ ମହାନ ଓଡ଼ିଆ ସାହିତ୍ୟ ସଂଗୀତର ପୁରାତନ ରସକ୍ଷମୃତରେ ବିମୋହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ । ବୁଦ୍ଧ ଆର୍ଟ ଗ୍ୟାଲେରୀରେ ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦ,କବିସୂର୍ଯ୍ୟ ବଳଦେବ ରଥ, ଗୋପାଳକୃଷ୍ଣ ଆଦିଙ୍କ ରମ୍ୟ ସାରସ୍ୱତ ରଚନାର ଚିତ୍ର ପ୍ରଦର୍ଶନ ସହିତ, ସେହି ଚିତ୍ର ସବୁର ସଂଗୀତ, ଓ ତାର ପୃଷ୍ଠଭୂମି ସମ୍ପର୍କରେ ବିଶ୍ଳେଷଣ କରି ତାକୁ



ଦର୍ଶକ ମାନଙ୍କୁ ହୃଦୟ ସ୍ପର୍ଶୀ ମାର୍ମିକ ଭାବନାରେ ବିମୋହିତ କରିଥିଲେ ଯୁବ ଗାୟକ ସୌମ୍ୟ ବିଶ୍ୱଜିତ କ୍ଷ ବିଶେଷ କରି ରାଧା କୃଷ୍ଣଙ୍କ ଅନାବିଳ ପ୍ରେମର ମାର୍ମିକ ତତ୍ତ୍ୱକୁ ନିଜର ଭାବନାରେ ସାମିଲ କରାଇ ଉପସ୍ଥିତ ଅଧିକାଂଶ ଯୁବବର୍ଗ ଓ ଅନ୍ୟ ଦର୍ଶକଙ୍କୁ ଭାବନାତ୍ମକ ଶୈଳୀରେ ଉପସ୍ଥାପନା କରାଇ ଏକ ନିଆରା ଅନୁଭୂତି ପ୍ରଦାନ କରି ପାରିଛନ୍ତି । ସଂଗୀତ, ସାହିତ୍ୟ ନୃତ୍ୟ ଆଦିର ପୁରାତନ ପରିବେଷଣ ଶୈଳୀରେ ଦର୍ଶକ ମାନଙ୍କୁ ଅତି ନିକଟରେ ବସାଇ ସେମାନଙ୍କ ସହ ଭାବନାକୁ ବିନିମୟ କରିବାର ନିଆରା ପ୍ରୟାସ ଆଗାମୀ ଦିନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ସହ ଯୁବବର୍ଗଙ୍କୁ ସାହିତ୍ୟ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ବେଶ ସହାୟକ ହେବ । ମର୍ଦ୍ଦଳରେ ସୌମ୍ୟକାନ୍ତ ମଲ୍ଲିକ, ସଂଯୋଜନାରେ ସିଦ୍ଧି ପଟ୍ଟନାୟକ ଓ ସିଦ୍ଧି ଶତପଥୀ ସହଯୋଗ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦୋଷ, ପ୍ର. ଡ଼ଃ ଫକୀର ପ୍ରଧାନ, ଗୁରୁ ନିମାକାନ୍ତ ରାଉତରାୟ, ଆଡ୍‌ଭୋକେଟ ସମରେନ୍ଦ୍ର ସାହୁ,ସାମାଜିକ କର୍ମୀ ପ୍ରସନ୍ନ ବିଷୋୟୀ, ରାଇ ମୋହନ ପଟନାୟକ, ଆଦି ଉପସ୍ଥିତ ରହି ଉତ୍ସାହିତ କରିଥିଲେ କ୍ଷ ଆଜି ପ୍ରାୟ ଦୁଇ ଶହ ଦର୍ଶକ ଯୋଗ ଦେଇଥିଲେ ।

# ଡ୍ରିମ୍ସ୍‌ରେ ବିଶ୍ୱ ରେଡିଓଲୋଜି ଦିବସ

କଟକ, (ସ୍ୱପ୍ର): ରୋଗ ନିର୍ଣ୍ଣୟ ସହିତ ଚିକିତ୍ସା ବ୍ୟବସ୍ଥାକୁ ରେଡିଓଲୋଜି ସହଜ ଓ ସଠିକ୍ କରିଛି । ଆଧୁନିକ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଏହାର ବିବିଧ ଉପଯୋଗ ମୂଲ୍ୟବାନ୍ ଜୀବନ ରକ୍ଷା କରିବାରେ ସହାୟକ ହୋଇଛି । ସ୍ୱାସ୍ଥ୍ୟ ସେବା ଓ ଚିକିତ୍ସା ବିଜ୍ଞାନରେ ରୋଡିଓଲୋଜିର ଗୁରୁତ୍ୱ ଦୃଷ୍ଟିରୁ ଏହି ବିଭାଗର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ବୋଲି ଡ୍ରିମ୍ସ ସ୍କୁଲ ଅଫ ଆଲାଏଡ୍ ଓ ହେଲଥ୍ କେୟାର ସାଇନ୍ସ ପକ୍ଷରୁ ବିଶ୍ୱ ରେଡିଓଲୋଜି ଦିବସ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ମତପୋଷଣ କରିଛନ୍ତି । ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଉସିବ ଉପଲକ୍ଷେ ସଙ୍ଗୀତ ଗାନ କରାଯାଇଥିଲା । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଏହାକୁ ଉଦଘାଟନ କରି ନିମନ୍ତ୍ରିତ ଅତିଥି, ଅଧ୍ୟାପକ, ଅଧ୍ୟାପକ,ଅଧ୍ୟାପିକା ଓ ଛାତ୍ରଛାତ୍ରୀ, ଶୁଭେଚ୍ଛା ଜଣାଇବା ଅବସରରେ ଚିକିତ୍ସା ବିଜ୍ଞାନରେ ରେଡିଓଲୋଜିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ




କରିଥିଲେ । ବିଶିଷ୍ଟ ଅତିଥି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା ରେଡିଓଲୋଜିର ଗୁରୁତ୍ୱ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ସଂପର୍କରେ ଉଲ୍ଲେଖ କରିଥିଲେ । ସମ୍ମାନିତ ଅତିଥି ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟର ଡିନ୍ ପ୍ରଫେସର ଲୁସି ଦାସ, ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ପ୍ରଫେସର ଡା. କୃପାସିନ୍ଧୁ ପଣ୍ଡା, ହାଇଟେକ୍ ମେଡିକାଲ କଲେଜର ରେଡିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡା. ଉପେନ୍ଦ୍ରନାଥ ଉପାଧ୍ୟାୟ, କେୟାର ହସ୍ପିଟାଲର ବରିଷ୍ଠ ରେଡିଓଲୋଜିଷ୍ଟ ପ୍ରଫେସର ଡା. ନିହାର ରଂଜନ ମହାନ୍ତି, ସମ୍ ଅଲଟିମେଟ୍‌ର ଜରୁରୀକାଳିନ ଚିକିତ୍ସା ବିଭାଗ ମୁଖ୍ୟ ଡା ଜ୍ୟୋତି ରଂଜନ ଖୁଣ୍ଟିଆ, ସ୍ୱାଣ୍ଡା ଡାଇଗ୍ନୋଷ୍ଟିକ୍‌ର ରାଜ୍ୟ ମୁଖ୍ୟ ସତ୍ୟସୁନ୍ଦର ବାସା, ବରିଷ୍ଠ ଟେକ୍‌ନୋଲେଷ୍ଟି ଶଶୀ ମହାସୁଆର, ହାଇଟେକ୍ ମେଡିକାଲ କଲେଜର ଜଗଦୀଶ ସୁବୁଦ୍ଧି ଯୋଗଦେଇ ନୈତିକତା ଓ ମାନବିକତା ଆଧାରରେ ରୋଗୀ ସୁରକ୍ଷା ପ୍ରତି ଧ୍ୟାନ ଦେଇ କର୍ତ୍ତବ୍ୟ ସମ୍ପାଦନ ଲାଗି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶିକା ପ୍ରଫେସର ଡା. ନିରୁପମା ଚୟନୀ, ଡିନ୍ ଡା. ଦୁର୍ଗା ପ୍ରସାଦ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

# ନିରତାରରେ ବନ୍ଦେ ମାତରମ ଉତ୍ସବ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଓଲଟପୁରଠାରେ ଥିବା ଏସଭି ନିରତାରରେ ବନ୍ଦେ ମା ତରମ ରାଷ୍ଟ୍ରୀୟ ସଂଗୀତର ୧୫୦ ବର୍ଷ ପୂ ପାଳନ ହୋଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯକ୍ରମରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡାକ୍ତର ପତିତପାବନ ମହାତି ଯୋଗଦେଇ କାର୍ଯକ୍ରମର ଆଭିମୁଖୀ ସମ୍ପର୍କରେ ବକ୍ତବ ପ୍ରଦାନ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଦିବାଙ୍ଗଜନ, ସେମାନଙ୍କ ଅଭିଭାବକ, କର୍ମଚାରୀ, ଛାତ୍ରଛାତ୍ରୀ ପ୍ରମୁଖ ୧୨ଶହରୁ ଅଧିକ ବକ୍ତି ଜାତୀୟ ସଂଗୀତ ଗାନ କରିଥିଲେ । ଅନୁଷ୍ଠାନର ବୈଷୟିକ ଉପନିର୍ଦ୍ଦେଶକ ଡାକ୍ତର କିଶୋରଚନ୍ଦ୍ର ମହାପାତ୍ର ଉପସ୍ଥିତ ସମସ୍ତଙ୍କୁ ଧନବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ଓ କର୍ମଚାରୀ କାର୍ଯକ୍ରମ ପରିଚାଳନା କରିଥିଲେ ।

# ଧୂଳିସାତ ହେଲା ହତ୍ୟାକାରୀର ବ୍ୟବସାୟ ପ୍ରତିଷ୍ଠାନ

ଭୁବନେଶ୍ୱର, (ସବ୍ୟୁ) : ଜଣେ ହତ୍ୟାକାରୀର ବ୍ୟବସାୟ ପ୍ରତିଷ୍ଠାନକୁ କମିଶନରେଟ୍ ପୋଲିସ ଭାଙ୍ଗି ଧୂଳିସାତ କରିଛି । କୋର୍ଟ ଅର୍ଡ଼ର ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ପୋଲିସ କହିଛି । ଗତ କିଛିଦିନ ତଳେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ସସ୍ମିତ ବିଶ୍ୱାଳଙ୍କୁ ହତ୍ୟା କରିଥିଲେ ଅଭିଯୁକ୍ତମାନେ । ପୋଲିସ ଟୁଲୁ ମହାନ୍ତି ସମେତ ୪ ଜଣଙ୍କୁ ଗିରଫ କରିଥିବାବେଳେ ଆଉ କେତେକ ଅଭିଯୁକ୍ତ ଫେରାର ଅଛନ୍ତି । ପ୍ରଧାନସାହି ଅଞ୍ଚଳରେ ବ୍ୟବସାୟକୁ କେନ୍ଦ୍ରକରି ସସ୍ମିତ ଓ ଟୁଲୁ ମଧ୍ୟରେ ଶତ୍ରୁତା ହୋଇଥିଲା । ସେହି ଶତ୍ରୁତାରୁ ସସ୍ମିତ୍‌ଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ ଦୁର୍ବୃତ୍ତମାନେ । ପୋଲିସ ଶବ ଜବତ କରିବା ପରେ ତାଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ହତ୍ୟା ମାମଲା ରୁଜୁ କରାଯାଇଥିଲା । ଟୁଲୁ ସମେତ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାବେଳେ ସେମାନେ ଜେଲ୍‌ରେ ଅଛନ୍ତି । ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ଛାନ୍‌ଭିନ୍ କରୁଥିବାବେଳେ ଟୁଲୁର ବ୍ୟବସାୟ ପ୍ରତିଷ୍ଠାନ ଭାଙ୍ଗିବା ପାଇଁ କୋର୍ଟରେ ଆବେଦନ ହୋଇଥିଲା । କୋର୍ଟ ଅର୍ଡ଼ର ଦେବାପରେ ସରକାରୀ ଜାଗାରେ ଥିବା ବ୍ୟବସାୟ ପ୍ରତିଷ୍ଠାନକୁ ଶନିବାର ପୋଲିସ ଭାଙ୍ଗି ଧୂଳିସାତ କରିଛି ।

ଅପରାଧ ଘଟାଉଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଟାର୍ଗେଟ କରି ସରକାରୀ ଜାଗାରେ ସେମାନେ କରିଥିବା ଘର ଓ ବ୍ୟବସାୟ ପ୍ରତିଷ୍ଠାନକୁ ପୋଲିସ ଭାଙ୍ଗି ଚାଲିଛି । ସାଲିଆସାହି, କେଦାରପଲ୍ଲୀରେ ପୂର୍ବରୁ ଏହିପରି ପଦକ୍ଷେପ ପୋଲିସ ନେଇଛି । ନିଶା କାରବାରରେ ଲିପ୍ତ ରହୁଥିବା ଅଭିଯୁକ୍ତଙ୍କ ଘର ଭଙ୍ଗାଯିବା ସହ ହତ୍ୟାକାରୀ ମଧ ବାଦ୍ ପଡ଼ିନାହାନ୍ତି । ଏୟାରଫିଲ୍ଡ ଥାନା ଅଞ୍ଚଳରେ ନିଆଯାଇଥିବା ପଦକ୍ଷେପ ସେହି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

# ସାଧନା ଆର୍ଟ୍ ଆଣ୍ଡ କଲଚର୍ ର ୧୨ ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ସବ୍ୟୁ): କଳା ଓ ସଂସ୍କୃତି ଭିତିକ ସାମାଜିକ ସଂଗଠନ ସାଧନା ଆର୍ଟ୍ ଆଣ୍ଡ କଲଚର୍




ଭୁବନେଶ୍ୱର ତରଫରୁ ବାର ତମ ପ୍ରତିଷ୍ଠା ଦିବସ ସମାରୋହ ଉତ୍ସବ ୭ ତାରିଖ ସନ୍ଧ୍ୟା ୬ଟା ସମୟରେ ଜୟଦେବ ଭବନ , ଭୁବନେଶ୍ୱର ଠାରେ ପାଳନ ହୋଇଯାଇଛି ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ , ଓଡିଶା ସରକାର ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଡାକ୍ତର ସ୍ନେହ ପ୍ରଭା ସାମନ୍ତରାୟ , କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ତଥା ପ୍ରାକ୍ତନ ଅଧ୍ୟାପିକା ଓଡିଶୀ ନୃତ୍ୟ ବିଭାଗ ମୁଖ୍ୟ, ସଙ୍ଗୀତ ମହାବିଦ୍ୟାଳୟ ଭୁବନେଶ୍ୱର ଓ ଶ୍ରୀ ମନୋଜ ମହାନ୍ତି ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଓଡିଶା ସରକାରଙ୍କ ତଥା ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଗୀତିକବି ଓ ଡ ବିଜୟ କୁମାର ଜେନା , ଅଧ୍ୟକ୍ଷ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱରର ଓ ସାଧନାର ଅଧ୍ୟକ୍ଷ ଗୁରୁ ସୁଧାଂଶୁ କୁମାର ବିଶ୍ୱାଳ ଉପସ୍ଥିତ ଥିଲେ। ଅନୁଷ୍ଠାନର ସଭାପତି ଗୁରୁ ପ୍ରଫେସର ରାମ ହରି ଦାସ ସଭା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଓଡିଶୀ ନୃତ୍ୟ, ଓଡିଶୀ ସଙ୍ଗୀତ , ସମ୍ବଲପୁରୀ ନୃତ୍ୟ, ମଦର୍ଦ୍ଦ ନୃତ୍ୟ ଓ ଚାରୁକଳା ବିଭାଗର କୃତି ଛାତ୍ର ଛାତ୍ରୀ ମାନଂକୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଅନୁଷ୍ଠାନର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର କର୍ମକର୍ତ୍ତା ଶୁଭେନ୍ଦୁ ବିଶ୍ୱାଳ, ସରୋଜ ମିଶ୍ର, , ଲକ୍ଷ୍ମୀ ପ୍ରିୟା ସେଠୀ, ସୁଲୋଚନା ଜେନା, କାଦମ୍ବିନୀ ବିଶ୍ୱାଳ, ମନ୍ୱସିନି ମିଶ୍ର, ସଙ୍ଗୀତା ମହାପାତ୍ର ଓ ଅନ୍ୟ ମାନେ ସହଯୋଗ କରିଥିଲେ। ଓ ମାନସ ଦାସ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦିକା ଶ୍ରୀମତୀ ଶାଳିନୀ ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧ତମ କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସର ଉଦଯାପନ ସମାରୋହ

ଖୋର୍ଦ୍ଧା, (ସବ୍ୟୁ): ଗୁରୁଜଙ୍ଗସ୍ଥିତ ପି.ଏମ.ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ରେ ୨୧ତମ କ୍ଷେତ୍ରୀୟ ବିଜ୍ଞାନ କଂଗ୍ରେସର ୫ଦିବସୀୟ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଛତିଶଗଡ ଓ ଓଡିଶା ରାଜ୍ୟର ୬ଟି କ୍ଲଷ୍ଟରରୁ ୫୯ଜଣ ବଛା ବଛା ଛାତ୍ରଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମର ସମାପନ ସମାରୋହରେ ମୁଖ୍ୟ ଅତିଥି ଭାବରେ ଡେପୁଟି ଡ଼ାଇରେକ୍ଟର (ବାଇ ଟେକ୍ନୋଲୋଜି) ଶଶିକାନ୍ତ ଦାସ, ମୁଖ୍ୟବକ୍ତା ଭାବରେ ଡି. ସି କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (ରିଜନାଲ ଅଫିସ ଭୁବନେଶ୍ୱର) ଡକ୍ଟର ଶିହରଣ ବୋଷ, ସମ୍ମାନିତ ଅତିଥି ଭାବରେ ଆଇ. ଆଇ .ଟି ଭୁବନେଶ୍ୱର ର ପ୍ରଫେସର ଶ୍ୟାମପ୍ରସାଦ ଦାସ ଯୋଗଦେଇ ସମାପନ ସମାରୋହକୁ ଉତ୍ସବ ମୁଖର କରିଥିଲେ। ମା'ସରସ୍ୱତୀଙ୍କ ପାଖରେ ଦୀପ ପ୍ରଜ୍ୱଳନ କରିବା ସହିତ ବିଦ୍ୟାଳୟର ସଙ୍ଗୀତ କ୍ଲବର ଛାତ୍ରୀମାନଙ୍କ ଦ୍ୱାରା ସରସ୍ୱତୀ ବନ୍ଦନା ଓ ସ୍ୱାଗତ ସଙ୍ଗୀତ ପରିବେଷିତ କରାଯାଇଥିଲା। ସ୍ଥାନୀୟ ବିଦ୍ୟାଳୟର ଅଧକ୍ଷା କବିତା କର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯକ୍ରମରେ ଅଂଶଗ୍ରହଣ କରିଥିବା ବିଦ୍ୟାର୍ଥୀ ଓ ଅଧ୍ୟାପକ ପ୍ରତିନିଧି ଭାବରେ ଜବାହର ନବୋଦୟ ବିଦ୍ୟାଳୟ ଦୁର୍ଗର ପଦାର୍ଥ ବିଜ୍ଞାନର ଅଧ୍ୟାପକ ଦେଶମୁଖ ସାର ଓ ଛାତିଶଗଡ ଜଶପୁର ଜବାହର ନବୋଦୟ ବିଦ୍ୟାଳୟ ର ସୁମନ ଏହି ୫ ଦିନର ଅନୁଭୂତି ପ୍ରଦାନ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତଥା ଅଧ୍ୟାପକ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ତପନ କୁମାର ଚୋଟୋପାଧ୍ୟାୟ ବିଜ୍ଞାନ କଂଗ୍ରେସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ସୁମନ ଅନୱର ମଂଚ ପରିଚାଳନା କରିବାସହିତ ଉପାଧ୍ୟକ୍ଷ ନୃସିଂହ ଚରଣ ଚକ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ପଂଚ ଦିବସୀୟ କାର୍ଯ୍ୟକ୍ରମର ସଂଚାଳକ ପଦାର୍ଥ ବିଜ୍ଞାନର ଅଧ୍ୟାପକ ସରୋଜ କୁମାର ସାହୁ ଥିବାବେଳେ ବିଦ୍ୟାଳୟର ବିଜ୍ଞାନ ବିଭାଗର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, ବିଦ୍ୟାର୍ଥୀ ତଥା ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଭୁବନେଶ୍ୱରରେ ଶ୍ରୀଲେଦର୍ସର ଷ୍ଟୋର୍ ପୁନଃ ଉଦ୍‌ଘାଟନ

ଭୁବନେଶ୍ୱର, (ସବ୍ୟୁ): ଶ୍ରୀଲେଦର୍ସ ଭୁବନେଶ୍ୱରରେ ତାହାର ଦ୍ୱାର ୧୯୯୬ ଜୁଲାଇ ୩ ତାରିଖରେ ଉନ୍ମୁକ୍ତ କରିଥିଲା। ଏହି ୨୨୦୦ ବର୍ଗଫୁଟ ଏବେ ୧୨,୦୦୦ ବର୍ଗଫୁଟ



ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ହୋଇଛି। ଏହି ଷ୍ଟୋର୍‌ର ଅଭିବୃଦ୍ଧି ଯାତ୍ରା ଅତି ବିନମ୍ରତାର ସହିତ ହୋଇଆସିଛି। ଆମ ଗ୍ରାହକମାନଙ୍କର ନିରନ୍ତର ପୃଷ୍ଠପୋଷକତା ଆମକୁ ଏହି ଷ୍ଟୋର ସମ୍ପ୍ରସାରିତ କରିବାକୁ ବାଧ କରିଛି ଯଦ୍ୱାରା ଆମେ ଅଧିକ କିସମ ଏବଂ ଡିଜାଇନ ଯୋଗାଇଦେଇ ସେମାନଙ୍କର ଆବଶ୍ୟକତା ପୂରଣ କରିପାରିବୁ। ସମ୍ପ୍ରତି ତଳମହଲାରେ ମହିଳା, ଶିଶୁଙ୍କ ଫୁଟ୍‌ୱିୟର ଏବଂ ଆସେସୋରିଜ୍, ପ୍ରଥମ ମହଲାରେ ପୁରୁଷଙ୍କ ଫୁଟ୍‌ୱିୟର ଓ ଆସେସୋରିଜ ଏବଂ ଦ୍ୱିତୀୟ ମହଲାରେ ଫୁଟ୍‌ୱିୟର ଏବଂ ଆସେସୋରିଜ୍ ଗୁଡିକର ପ୍ରିମିୟମ କଲେକ୍ସନ ରହିଛି। ଏସ୍‌କାଲେଜଟର ସ୍ଥାପନ ଦ୍ୱାରା ତାହା ଗ୍ରାହକଙ୍କୁ ଅଧିକ ସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି।

# ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟରେ ବନ୍ଦେ ମାତରମ୍ ଗାନ




ଜଟଣୀ, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳମଣ୍ଡଳ ଅନ୍ତର୍ଗତ ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟ ଠାରେ ବଂକିମ ଚନ୍ଦ୍ର ଚାଟାର୍ଜିଙ୍କ ଲିଖିତ ବନ୍ଦେମାତରଂ ସଂଗୀତକୁ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାରତ ସରକାରଙ୍କ ପ୍ରୋତ୍ସାହନ ଅନୁଯାଇ ଶାଖା ସମ୍ପାଦକ ତଥା ଏନଏଫଆଇଆର କାର୍ଯ୍ୟକାରୀ ସଦସ୍ୟ ଏଲ ଡି ମହାନ୍ତିଙ୍କ ପୌରହିତ ରେ ଗାନ କରାଯାଇଛି । ସେହିପରି ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ବୀର ସ୍ୱତନ୍ତ୍ର ସେନାନୀଙ୍କ ସ୍ମୃତି ଚାରଣ କରି ଦୁଇ ମିନିଟ ନିରବପାର୍ଥନା କରାଯାଇଥିଲା । ମଣ୍ଡଳ ସଂଯୋଜକ ସୁନିଲ ଭଞ୍ଜ, ସହ ସଂଯୋଜକ ନିରଞ୍ଜନ ମିଶ୍ର, ସମ୍ପାଦକ ଜୟନ୍ତ ସାମଲ , ଧୁଶାସନ ସାହୁ , ସଭାପତି ମହମଦ ମୁସ୍ତାକ ଅଲି , ଶିଶିର ପାତ୍ର , ଗୋପାଳ ଦାସ, ସୁନୀଲ ପରିଡା , ପି ରାଜା ରାଓ, ସନ୍ତୋଷ ଖଟେଇ,ତ୍ରିଲୋଚନ ମହାନ୍ତି ସମେତ ଶ୍ରମିକ କଂଗ୍ରେସର ବହୁ କର୍ମକର୍ତା ଯୋଗ ଦେଇଥିଲେ।

# ଟେକ୍ନିକା ୨୦୨୫ ରେ ଫ୍ୟାବଲେସ୍ ସହଯୋଗକୁ ସୁଦୃଢ଼ କରିଛି

ଭୁବନେଶ୍ୱର (ସବ୍ୟୁ): ଗ୍ଲୋବାଲଫାଉଣ୍ଡ୍ରିଜ୍ (ଜିଏଫ) ଇଣ୍ଡିଆ ଏହାର ପ୍ରମୁଖ ବୈଷୟିକ ସମ୍ମିଳନୀ, ଜିଏଫ ଇଣ୍ଡିଆ ଟେକ୍ନିକା ୨୦୨୫ ର ନୂତନତମ ସଂସ୍କରଣକୁ ୬ ନଭେମ୍ବର ୨୦୨୫ ରେ ସଫଳତାର ସହିତ ଆୟୋଜନ କରିଥିଲା। ଚଳିତ ବର୍ଷର ସମ୍ମିଳନୀର କେନ୍ଦ୍ରରେ ଜିଏଫ ର ପ୍ରୋପ୍ରାଇଟୋରି ଇଣ୍ଡିଆ ଫାଉଣ୍ଡ୍ରି କନେକ୍ଟ ପ୍ରୋଗ୍ରାମ୍ ଥିଲା, ଯାହା ଭାରତର ଫ୍ୟାବଲେସ୍ ସେମିକଣ୍ଡକ୍ଟର ଷ୍ଟାର୍ଟଅପ୍ ପାଇଁ ଡିଜାଇନ୍ ରୁ ଉତ୍ପାଦନ ପର୍ଯ୍ୟନ୍ତ ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଗତ ବର୍ଷର ଶୁଭାରମ୍ଭରୁ ଗତି ଉପରେ ଆଧାରିତ, ଫାଉଣ୍ଡ୍ରି କନେକ୍ଟ ପ୍ରୋଗ୍ରାମ୍ ଷ୍ଟାର୍ଟଅପ୍ ଗୁଡ଼ିକୁ ଜିଏଫ ର ଉନ୍ନତ ପ୍ରଡକ୍ଟ ଡିଜାଇନ୍ କିଟ୍ (ପିଡିକେ), ଗ୍ଲୋବାଲସଟଲ୍‌ମ୍ ମଲ୍ଟି ପ୍ରୋଜେକ୍ଟ ୱେଫର (ଏମପିଡବ୍ଲୁ) ନିର୍ମାଣ, ଆଇପି ଲାଇବ୍ରେରୀ ଏବଂ ଇଞ୍ଜିନିୟରିଂ ବିଶେଷଜ୍ଞତା ପ୍ରଦାନ କରିଆସୁଛି। "ଭାରତରେ ଜିଏଫ ର ଦଶନ୍ଧି ଧରି ଉପସ୍ଥିତି ଦେଶର ସେମିକଣ୍ଡକ୍ଟର ଅଭିବୃଦ୍ଧି କାହାଣୀ ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଫାଉଣ୍ଡ୍ରି କନେକ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ସ୍ଥାନୀୟ ଷ୍ଟାର୍ଟଅପ୍ ଏବଂ ଓଇଏମ୍ ଗୁଡ଼ିକୁ ସେମାନଙ୍କ ଆବଶ୍ୟକତା ଅନୁସାରେ ସ୍କେଲେବଲ୍, ନିର୍ଭରଯୋଗ୍ୟ ଉତ୍ପାଦନ ସହିତ ସକ୍ଷମ କରୁଛୁ – ପିଡିକେ, ଆଇପି, ଟେଷ୍ଟ ଚିପ୍ସ ପାଇଁ ସଟଲ୍ ଠାରୁ ଟେପଆଉଟ୍ ପର୍ଯ୍ୟନ୍ତ। ୨୦୨୪ ରେ ଏହାର ଶୁଭାରମ୍ଭ ହେବା ପରଠାରୁ, ଏହି କାର୍ଯ୍ୟକ୍ରମ ଗ୍ରାହକଙ୍କ ସମ୍ପୃକ୍ତିରେ ସ୍ଥିର ବୃଦ୍ଧି ଦେଖିଛି।

# ମାନବିକ ସ୍ପର୍ଶ ବଳରେ ମଣିଷର କଷ୍ଟ ଯନ୍ତ୍ରଣା ଲାଘବ କରିବାର ସୁଯୋଗ ନର୍ସମାନଙ୍କୁ ମିଳିଥାଏ

ଭୁବନେଶ୍ୱର, (ସବ୍ୟୁ): ନର୍ସିଂ ଏଭଳି ଏକ ମହାନ ବୃତି ଯେଉଁଥିରେ କି ବିଶ୍ୱରେ କଷ୍ଟ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କୁ ମାନବିକ ସ୍ପର୍ଶ ବଳରେ ସେମାନଙ୍କର ଯନ୍ତ୍ରଣା ଲାଘବ କରିବାର ସୁଯୋଗ ମିଳିଥାଏ ବୋଲି ଶୁକ୍ରବାର କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। କୋଭିଡ-୧୯ ସମୟରେ ନର୍ସମାନଙ୍କର ମହାନ ବୃତି। ସେମାନଙ୍କ ସେବା ସାରା ବିଶ୍ୱ ଅନୁଭବ କରିଛି ବୋଲି ସୋଆ ପରିଚାଳିତ ସମ ନର୍ସିଂ କଲେଜ -୧ ର ନୂତନ ନର୍ସିଂ ଛାତ୍ରଛାତ୍ରୀଙ୍କର ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ନନ୍ଦ ଏହା କହିଛନ୍ତି।

ଜେନେରାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫ୍ରି (ଜିଏନ୍‌ଏମ୍), ବିଏସ୍‌ସି (ନର୍ସିଂ), ପୋଷ୍ଟ ବେସିକ୍ ବିଏସ୍‌ସି (ନର୍ସିଂ) ଓ ଏମ୍‌ଏସ୍‌ସି (ନର୍ସିଂ) ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସୋଆ ପରିଚାଳିତ ଏହି ଅନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ କୁଳପତି କହିଥିଲେ ଯେ ସେମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ାଲ ର୍‌ୟାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗ ଅନୁଯାୟୀ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଯାହା ଅଧିନରେ କି ଅନେକ ବଡ଼ ବଡ଼ ହସ୍ପିଟାଲ୍ ପରିଚାଳିତ ହେଉଛି ସେଠାରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି। ଆମ ଅନୁଷ୍ଠାନ ଏକ



ଗବେଷଣାମନସ୍କ ବିଶ୍ୱବିଦ୍ୟାଳୟ ଏବଂ ତୁମ୍ଭେମାନେ ଗବେଷଣା ପାଇଁ ଅନେକ ସୁଯୋଗ ପାଇପାରିବ। ଆମେ ଛାତ୍ରଛାତ୍ରୀଙ୍କୁ ଗବେଷଣା କରିବା ସହ ଜ୍ଞାନ ଆହରଣ ପାଇଁ ଅନେକ ସୁଯୋଗ ଦେଇଥାଉ ବୋଲି ପ୍ରଫେସର ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ-୧ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସିଂ ବୃତି ଆଡ଼କୁ ଏବେ ଛାତ୍ରଛାତ୍ରୀମାନେ ଆକୃଷ୍ଟ ହେଉଥିବା ସେ କହିଛନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସିଂ ବୃତି ଖୁବ ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ରୋଗୀଙ୍କୁ ବୁଝାଇବା ଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କାର୍ଯ୍ୟ ତୁଲାଇଥାନ୍ତି ବୋଲି ପ୍ରଫେସର ସାମନ୍ତସିଂହାର କହିଥିଲେ। କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତି ମିନତୀ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ବାରାଣସୀରୁ ବନ୍ଦେ ଭାରତ ଏକ୍ସପ୍ରେସ: ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ଭାରତର ଆଧୁନିକ ରେଳ ଭିତ୍ତିଭୂମିକୁ ବିସ୍ତାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତର ପ୍ରଦେଶର ବାରାଣସୀରୁ ଚାରୋଟି ନୂତନ ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ ସମସ୍ତ ସମ୍ମାନନୀୟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ ଏବଂ ବାବା ବିଶ୍ୱନାଥଙ୍କ ପବିତ୍ର ନଗରୀ ବାରାଣସୀର ସମସ୍ତ ପରିବାରକୁ ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ସେ ଦେବ ଦୀପାବଳି ଉତ୍ସବ ବିଷୟରେ ମତାମତ ଦେଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ, ଆଜି ଏକ ଶୁଭ ଅବସର ଏବଂ ବିକାଶର ଏହି ପର୍ବ ପାଇଁ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ବିଶ୍ୱର ବିକଶିତ ରାଷ୍ଟ୍ରଗୁଡ଼ିକରେ, ଆର୍ଥିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହେଉଛି ଦୃଢ଼ ଭିତ୍ତିଭୂମି। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ, ପ୍ରତ୍ୟେକ ଦେଶରେ ଯେଉଁମାନେ ଉଲ୍ଲେଖନୀୟ ପ୍ରଗତି ଏବଂ ବିକାଶ ହାସଲ କରିଛନ୍ତି, ଭିତ୍ତିଭୂମି ଉନ୍ନତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଥିଲେ ଯେ ଭାରତ ମଧ୍ୟ ଏହି ପଥରେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ ଅଞ୍ଚଳରେ ନୂତନ ବନ୍ଦେ ଭାରତ ଟ୍ରେନ ଆରମ୍ଭ କରିବା ଘୋଷଣା କରିଥିଲେ। ବନାରସ-ଖଜୁରାହୋ ବନ୍ଦେ ଭାରତ ବ୍ୟତୀତ, ସେ ଫିରୋଜପୁର-ଦିଲ୍ଲୀ ବନ୍ଦେ ଭାରତ, ଲକ୍ଷ୍ନୌ-ସହାରନପୁର ବନ୍ଦେ ଭାରତ ଏବଂ ଏର୍ଣ୍ଣାକୁଲମ-ବେଙ୍ଗାଲୁରୁ ବନ୍ଦେ ଭାରତକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଚାରୋଟି ନୂତନ ଟ୍ରେନ ସହିତ, ଦେଶରେ ମୋଟ କାର୍ଯ୍ୟକ୍ଷମ ବନ୍ଦେ ଭାରତ ଟ୍ରେନ ସଂଖ୍ୟା ଏବେ ୧୬୦ ଅତିକ୍ରମ କରିଛି। ଏହି ଟ୍ରେନଗୁଡ଼ିକର ଶୁଭାରମ୍ଭ ପାଇଁ ପ୍ରଧାନମନ୍ତ୍ରୀ ବାରାଣସୀର ଜନସାଧାରଣ ଏବଂ ଭାରତର ସମସ୍ତ ନାଗରିକଙ୍କୁ ଅଭିନନ୍ଦନ ଜଣାଇଥିଲେ। "ବନ୍ଦେ ଭାରତ, ନମୋ ଭାରତ ଏବଂ ଅମୃତ ଭାରତ ଭଳି ଟ୍ରେନଗୁଡ଼ିକ ଭାରତୀୟ ରେଳବାଇର ପରବର୍ତ୍ତୀ ପିଢ଼ି ପାଇଁ ମୂଳଦୁଆ ସ୍ଥାପନ କରୁଛି", ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ ଯେ ଏହା ଭାରତୀୟ ରେଳବାଇକୁ ପରିବର୍ତ୍ତନ କରିବା ପାଇଁ ଏକ ବ୍ୟାପକ ଅଭିଯାନ। ସେ ବନ୍ଦେ ଭାରତକୁ ଭାରତୀୟମାନଙ୍କ ଦ୍ୱାରା, ଭାରତୀୟମାନଙ୍କ ପାଇଁ ଏବଂ ଭାରତୀୟମାନଙ୍କ ଦ୍ୱାରା ନିର୍ମିତ ଏକ ଟ୍ରେନ ଭାବରେ ବର୍ଣ୍ଣନା କରିଥିଲେ - ଯାହା ପ୍ରତ୍ୟେକ ଭାରତୀୟଙ୍କୁ ଗୌରବାନ୍ୱିତ କରେ। ସେ ଉଲ୍ଲେଖ କରିଥିଲେ ଯେ ବିଦେଶୀ ଯାତ୍ରୀମାନେ ମଧ୍ୟ ବନ୍ଦେ ଭାରତ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଭାରତ ଏକ ବିକଶିତ ଭାରତ ପାଇଁ ଏହାର ସମ୍ବଳ ବୃଦ୍ଧି କରିବା ପାଇଁ ଏକ ମିଶନ ଆରମ୍ଭ କରିଛି ଏବଂ ଏହି ଟ୍ରେନଗୁଡ଼ିକ ସେହି ଯାତ୍ରାରେ ମାଇଲଖୁଣ୍ଟ ହେବାକୁ ପ୍ରସ୍ତୁତ। ଶ୍ରୀ ମୋଦୀ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଭେଟିବା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ ବନ୍ଦେ ଭାରତ ଟ୍ରେନର ଶୁଭାରମ୍ଭ ସମୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଶଂସା କରିଥିଲେ। ସେ ପ୍ରତିଯୋଗିତାରେ ଉପସ୍ଥାପିତ ଚିତ୍ରକଳା ଏବଂ କବିତା ପାଇଁ ପିଲାମାନଙ୍କୁ ପ୍ରଶଂସା କରିଥିଲେ, ଯାହା ବିକଶିତ ଭାରତ, ବିକଶିତ କାଶୀ, ସୁରକ୍ଷିତ ଭାରତ ଭଳି ବିଭିନ୍ନ ବିଷୟବସ୍ତୁ ଉପରେ ଆଧାରିତ। ସେ ପ୍ରଦାନ କରାଯାଇଥିବା ସମର୍ଥନ, ମାର୍ଗଦର୍ଶନ ଏବଂ ପ୍ରୋତ୍ସାହନ ପାଇଁ ସେମାନଙ୍କ ପିତାମାତା ଏବଂ ଶିକ୍ଷକମାନଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ଏକ ଶିଶୁ ସାହିତ୍ୟିକ ସମ୍ମିଳନୀ ଆୟୋଜନ କରିବାର ଚିନ୍ତାଧାରା ପ୍ରସ୍ତାବ ଦେଇଥିଲେ ଏବଂ ୮-୧୦ ଜଣ ବିଜେତାଙ୍କୁ ଭାରତ ସାରା ଅନ୍ୟାନ୍ୟ ପ୍ରତିଯୋଗିତା ପାଇଁ ନିଆଯାଇପାରିବ। ସେ ଏପରି ପ୍ରତିଭାଶାଳୀ ପିଲା ଥିବା ବାରାଣସୀର ଜଣେ ସାଂସଦ ହେବାର ଗର୍ବ ପ୍ରକାଶ କରିଥିଲେ ଏବଂ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ, କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଉପସ୍ଥିତ ଥିଲେ। କେରଳର ରାଜ୍ୟପାଳ ଶ୍ରୀ ରାଜେନ୍ଦ୍ର ଆର୍ଲେକର, କେନ୍ଦ୍ର ମନ୍ତ୍ରୀ ଶ୍ରୀ ସୁରେଶ ଗୋପୀ, ଶ୍ରୀ ଜର୍ଜ କୁରିଆନ୍, ଶ୍ରୀ ରଭନୀତ ସିଂହ ବିଟ୍ଟୁ ଏବଂ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତିମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଡିଏନଏ ଗଠନର ଆବିଷ୍କାରକ ଜେମ୍ସ ୱାଟସନଙ୍କ ପରଲୋକ

**ନୂଆଦିଲ୍ଲୀ:** ଡିଏନଏ ଗଠନର ଆବିଷ୍କାରକ ନୋବେଲ୍ ଶାନ୍ତି ପୁରସ୍କାର ବିଜେତା ଜେମ୍ସ ୱାଟସନଙ୍କ ୯୭ ବର୍ଷରେ ପରଲୋକ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ୧୮୬୯ ମସିହାରେ ଫ୍ରେଡରିକ୍ ମିଶର ଡିଏନଏର ଅନୁସନ୍ଧାନ କରିଥିଲେ । ଏହାପରେ ୧୯୫୩ରେ ଜେମ୍ସ ୱାଟସନ୍, ଫ୍ରାନ୍ସିସି କ୍ରିକଙ୍କ ସହ ମିଶି ଡିଏନଏର ଡବଲ ହେଲିକ୍ସ ଗଠନର ସନ୍ଧାନ କରିଥିଲେ



ନୋବେଲ ପୁରସ୍କାରରେ ସମ୍ମାନିତ ଆମେରିକୀୟ ବୈଜ୍ଞାନିକ ଜେମ୍ସ ୱାଟସନ୍ ନିଜର ଏହି ଆବିଷ୍କାର ସହ ମେଡିକାଲ୍ ସାଇନ୍ସରେ ଏକ ନୂଆ ରାସ୍ତା ଯୋଡ଼ିଥିଲେ । ଯେଉଁ ସମୟରେ ଜେମ୍ସ ମେଡିକାଲ୍ ସାଇନ୍ସରେ କ୍ରାନ୍ତି ଲେଖିଥିଲେ, ସେହି ସମୟରେ ତାଙ୍କ ବୟସ ମାତ୍ର ୨୪ ବର୍ଷ ଥିଲା । ମିଡିଆ ରିପୋର୍ଟ ଅନୁସାରେ ଜେମ୍ସ ଡିଏନଏ ସଂରଞ୍ଜନା ଆବିଷ୍କାର ଉପରେ ପ୍ରଥମ ପ୍ରତିକ୍ରିୟା ଦେଇ କହିଥିଲେ, "ଏହା ଅତ୍ୟନ୍ତ ସୁନ୍ଦର ଅଟେ ।"

ଜେମ୍ସଙ୍କ ଜନ୍ମ ଚିକାଗୋରେ ହୋଇଥିଲା ଓ ନିଜ କ୍ୟାରିୟର ସେ ଅନେକ ସଫଳତା ପାଇଥିଲେ । ତେବେ, କିଛି ମାମଲାରେ ଜେମ୍ସଙ୍କ ଖୁବ୍ ସମାଲୋଚନା ହୋଇଥିଲା । ଜେମ୍ସ ୱାଟସନଙ୍କୁ ତାଙ୍କ ସହଯୋଗୀ ଫ୍ରାନ୍ସିସ କ୍ରିକ୍ ଓ ମରିସ୍ ୱିଲକିନ୍ସଙ୍କୁ ୧୯୬୨ ମସିହାରେ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ଉଭୟ ସହଯୋଗୀ ୨୦୦୪ ମସିହାରେ ମୃତ୍ୟୁବରଣ କରିଥିଲେ ।

ଜେମ୍ସଙ୍କୁ ରୋଜଲିଣ୍ଡ ଫ୍ରାଙ୍କଲିନ୍ ଓ ତାଙ୍କ ଛାତ୍ର ରମେଣ୍ଡ ଗୋସଲିଙ୍ଗଙ୍କ ଏକ୍ସ-ରେ ରିସର୍ଚ୍ଚରୁ ଅନେକ ସହଯୋଗ ମିଳିଥିଲା । ତେବେ, ପରେ ଫ୍ରାଙ୍କଲିନଙ୍କ 'ଦ ଡବଲ୍ ହେଲିକ୍ସ' ନାଁରେ ଏକ ପୁସ୍ତକ ଆସିଥିଲା, ଯେଉଁଥିରେ ତାଙ୍କୁ ଖୁବ୍ ସମାଲୋଚନା କରାଯାଇଥିଲା । ଫ୍ରାଙ୍କଲିନ୍ ଜଣେ ମହିଳା ବୈଜ୍ଞାନିକ ଥିଲେ, ସେହି ସମୟରେ ସେ ଖୁବ୍ ଚର୍ଚ୍ଚାରେ ରହିଥିଲେ । ୧୯୫୮ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ଅନ୍ୟପଟେ ଜେମ୍ସ ଏପରି ଏକ ବକ୍ତବ୍ୟ ବି ଦେଇଥିଲେ, ଯାହାକୁ ନେଇ ଅଧିକ ବିବାଦ ସୃଷ୍ଟି ହୋଇଥିଲା । ତାଙ୍କର ସେହି ବୟାନକୁ କଡ଼ା ସମାଲୋଚନା ହୋଇଥିଲା । ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହେଲ୍ଥର ତତ୍କାଳୀନ ନିର୍ଦ୍ଦେଶକ ଡ.ଫ୍ରାନ୍ସିସ କୋଲିନ୍ସ ୨୦୧୯ରେ କହିଥିଲେ, "ମୁଁ କେବଳ ଏହା କହିବାକୁ ଚାହୁଁଛି ଯେ ସମାଜ ଓ ମାନବିକତା ଉପରେ ଜେମ୍ସଙ୍କ ମତ ତାଙ୍କର ଚମତ୍କାର ବୈଜ୍ଞାନିକ ଅନ୍ତଦୃଷ୍ଟିରୁ ମେଳ ଖାଉ ।" ଡିଏନଏର ଗଠନ ୱାଟସନଙ୍କ ଜୀବନର ସବୁଠୁ ବଡ଼ ଅବିଷ୍କାର ଥିଲା । ଏହି ସନ୍ଧାନ ପରେ ୱାଟସନ କାଲିଫୋର୍ନିଆ ଇଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଦୁଇ ବର୍ଷ ବିତାଇଥିଲେ । ପରେ ୧୯୫୫ରେ ହାର୍ଭାର୍ଡରେ ଫ୍ୟାକଲ୍ଟି ରୂପେ ସାମିଲ କରାଯାଇଥିଲା । ୧୯୬୮ରେ କୋଲ୍ଡ ସ୍ପ୍ରିଙ୍ଗ ହାର୍ବର ଲ୍ୟାବର ନିର୍ଦ୍ଦେଶକ,୧୯୯୪ରେ ଏହାର ଅଧକ୍ଷ ଓ ୧୦ ବର୍ଷ ପରେ ଏହାର ଚାନ୍ସେଲର ପଦ ସମ୍ଭାଳିଥିଲେ ।

## ବର୍ଷା, ବଜ୍ରପାତରେ ଉଡିବା ଭଳି ବିଶ୍ୱର ପ୍ରଥମ ଯୁଦ୍ଧ ବିମାନ

**ମସ୍କୋ:** ୟୁକ୍ରେନ ସହିତ ଜାରି ଯୁଦ୍ଧରେ ରଷିଆ ତାର ସାମରିକ କାର୍ଯ୍ୟକ୍ରମକୁ ଆହୁରି ମଜଭୁତ କରିବା ସହ ତୃତୀୟ ଘାତକ ଅସ୍ତ୍ରର ସଫଳ ପରୀକ୍ଷଣ କରିଛି। ଏହା ହେଉଛି ରଷିଆର ନୂଆ ଫାଇଟର ଜେଟ୍ 'ସୁପରଜେଟ୍ ନ୍ୟୁ ପିଡି-୮'। ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ବିକଶିତ ଏହି ଯୁଦ୍ଧ ବିମାନ ଯେ କୌଣସି ପାଣିପାଗ ଆହ୍ୱାନକୁ ସମ୍ମୁଖୀନ ହେବାକୁ ସକ୍ଷମ। ରଷୀୟ ଇଞ୍ଜିନିୟର ଆଲେକ୍ସି ତାହା କରି ଦେଖାଇଛନ୍ତି ଯାହା ବିଶ୍ୱର କୌଣସି ଦେଶ ଏ ପର୍ଯ୍ୟନ୍ତ କରି ପାରି ନାହାନ୍ତି।

ଏହି ଯୁଦ୍ଧ ବିମାନ ଝଡ଼ତୋଫାନ, ବର୍ଷା ଓ ବଜ୍ରପାତରେ ମଧ୍ୟ ଉଡାଣ କରିବାକୁ ସକ୍ଷମ।



ଏହାକୁ ୱେଦର ପ୍ରୁଫ ଫାଇଟର ଜେଟ୍ କୁହାଯାଉଛି। ରଷିଆର ଏହି ସୁପରଜେଟ୍ ହାଲୁକା, ଶକ୍ତିଶାଳୀ ଓ ସମ୍ପୂର୍ଣ୍ଣ ସ୍ୱଦେଶୀ ଇଞ୍ଜିନରେ ସଞ୍ଚାଳିତ ହେଉଛି। ଏହାର ପରୀକ୍ଷଣ ସେତେବେଳେ ହୋଇଥିଲା। ଯେତେବେଳେ ଆକାଶ କଳାବାଦଲରେ ଆଚ୍ଛାଦିତ ଥିଲା ଓ ଭୀଷଣ ବେଗରେ ପବନ ବହୁଥିଲା। ଟେଷ୍ଟ ପାଇଲଟ ନାଦ୍ୟା ଯେତେବେଳେ ଏହାକୁ ଉଡାଉଥିଲେ କଣ୍ଟ୍ରୋଲ ରୁମରେ ସମସ୍ତଙ୍କ ନଜର ସ୍କ୍ରିନ ଉପରେ ଥିଲା। ଆଲେକ୍ସି ୱାକିଟକିରେ କହିଥିଲେ ଏହା କେବଳ ଏକ ମେସିନ ନୁହେଁ ଆମ ସମସ୍ତଙ୍କ ଆଶା ଓ ଭରସା। ଏହା ସହିତ ପିଡି-୮ ରନୱେରେ ଗର୍ଜନ କରି ଉଡାଣ କରିଥିଲା।

ଏହି ଫାଇଟର ଜେଟ୍ ର କ୍ଷମତା ପରଖିବା ପାଇଁ କୃତ୍ରିମ ବର୍ଷା ପ୍ରଣାଳୀରେ ଇଞ୍ଜିନ ଉପରେ ଭୀଷଣ ବର୍ଷା କରାଯାଇଥିଲା ଓ ବଜ୍ରପାତ ହୋଇଥିଲା। ଏଭଳି ପରିସ୍ଥିତିରେ ସାଧାରଣ ଜେଟ୍ ପ୍ଲେନମାନଙ୍କ ଇଞ୍ଜିନ ବନ୍ଦ ହୋଇଯାଏ, ହେଲେ ପିଡି-୮ ନ ଅଟକି ପାଣିରେ ମଧ୍ୟ ଉଡାଣ କରିଥିଲା। ଘଣ୍ଟା ପ୍ରତି ୮୦ କିଲୋମିଟର ବେଗରେ ପବନ ଓ ବଜ୍ରପାତରେ ମଧ୍ୟ ଏହି ଜେଟ୍ ଆକାଶରେ ସ୍ଥିର ରହିଥିଲା। ଏହି ଜେଟ୍ ଉଡାଣ କରୁଥିବା ବେଳେ ଇଞ୍ଜିନିୟରଙ୍କ ନଜର ସ୍କ୍ରିନ ଉପରେ ସ୍ଥିର ଥିଲା ସବୁଜ ଆଲୋକ ସ୍ୱଭାବିତ ସଞ୍ଚାଳନର ସଂକେତ ଦେଉଥିଲା।

ପାଖାପାଖି ୨୦ ମିନିଟ୍ ଧରି ଜାରି ପରୀକ୍ଷଣ ଉଡାଣରେ ପିଡି-୮ ବିଶ୍ୱର ପ୍ରଥମ ସବୁ ପ୍ରକାର ପାଗ ଅନୁକୂଳ ଫାଇଟର ଜେଟ୍ ବୋଲି ନିଜକୁ ପ୍ରମାଣିତ କରିଛି। ଲ୍ୟାଣ୍ଡିଂ ପରେ ପାଇଲଟ ନାଦ୍ୟା ଓ ଇଞ୍ଜିନୟର ଆଲେକ୍ସୀଙ୍କୁ ରଷୀୟ ବୈଜ୍ଞାନିକମାନେ ଜୋରଦାର କରତାଳିରେ ସ୍ୱାଗତ କରିଥିଲେ। ଏହି ଅବସରରେ ଆଲେକ୍ସୀ କହିଛନ୍ତି ଯେ ଏହା କେବଳ ଉଡାଣ ନୁହେଁ ଟେକ୍ନିକାଲି ରଷିଆର ସ୍ୱାଧୀନତାର ପ୍ରତୀକ। ଏବେ ଏହି ସୁପର ଜେଟ୍ ନା କେବଳ ଯୁଦ୍ଧ ବରଂ ଦୁର୍ଗମ ଅଞ୍ଚଳ, ଆର୍କଟିକ୍ ମିସନ ଓ ଉଦ୍ଧାର କାର୍ଯ୍ୟରେ ଉପଯୋଗୀ ପ୍ରମାଣିତ ହୋଇପାରେ।

## ମହାକାଶରେ 'ତନ୍ଦୁରୀ' ଧମାକା

ନୂଆଦିଲ୍ଲୀ: ଚର୍ଚ୍ଚିତ ଦେଶ ଚୀନ । ଟେକ୍ନୋଲଜି ଯେମିତି, ରୋଗ ବୈଇରାଗ ବି ସେମିତି । ଏମିତି ଦେଶ, ସବୁପ୍ରକାରର ଘଟଣା ଦେଖିବାକୁ ମିଳେ ସେଠି । ବିଶେଷ କରି ସାଇନ୍ସ, ଟେକ୍ନୋଫାଷ୍ଟରେ କେହି ବି ବିଟ୍ କରିବା ଅସମ୍ଭବ । ଏମିତି କିଛି କାର୍ଯ୍ୟ ଅଛି ଯାହାକୁ ନେଇ ସର୍ବଦା ଚର୍ଚ୍ଚାରେ ରହିଥାଏ ଡ୍ରାଗନ । ପୁଣିଥରେ ଚୀନ୍ ବିଶ୍ୱ ଦରବାରରେ ଚର୍ଚ୍ଚିତ । ମହାକାଶରେ ଏପରି କିଛି ହାସଲ କରିଛି ଯାହା କେହି ଭାବିନଥିଲେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓ ବୟାନ କରୁଛି ବହୁତ କିଛି । ଭିଡିଓରେ ଚୀନ୍ ମହାକାଶଚାରୀମାନେ ଏମିତି କରିଛନ୍ତି, ଯାହାକୁ ନେଇ ପ୍ରବଳ ଚର୍ଚ୍ଚା । ଆସନ୍ତୁ ଜାଣିବା ପୁରା ଘଟଣା କଣ । ମହାକାଶରେ ଚିକେନ ରେସିପି । ଜିରୋ ଗ୍ରାଭିଟିରେ ରନ୍ଧାହେଲା ଚିକେନ ୱିଙ୍ଗ୍ସ । ମହାକାଶଚାରୀ ଟିଆଙ୍ଗୋଙ୍ଗ ସ୍ପେସ୍ ଷ୍ଟେସନରେ ଚିକେନ୍ ୱିଙ୍ଗ୍ସ ରାନ୍ଧୁଥିବାର ଦେଖିବାକୁ ମିଳିଛି । ତେବେ ଏହା ଶୂନ୍ୟ ମାଧ୍ୟାକର୍ଷଣରେ ପ୍ରଥମ ସଫଳ 'ସ୍ପେସ୍ ବାର୍ବିକ୍ୟୁ' । ଯାହାକୁ ନେଇ ସାରା ବିଶ୍ୱରେ ଆଲୋଚନା । ଏପରି ହେବାର ଅର୍ଥ ହେଉଛି ମହାକାଶଚାରୀଙ୍କୁ ଆଉ ପୁରୁଣା, ଫ୍ରୀଏଡ୍ୟୁକ୍ଟ, ଫ୍ରୋଜେନ୍ କିମ୍ବା ଶୁଖିଲା ଖାଦ୍ୟ ଖାଇବାକୁ ପଡ଼ିବ ନାହିଁ । ଶେଞ୍ଜୋ-୨୧ ମିଶନର ଅଂଶ ଭାବରେ, ସ୍ପେସ୍ ଷ୍ଟେସନ୍ ଏକ ସ୍ୱତନ୍ତ୍ର ଚୁଲି ପାଇଛି । ଯାହା ଦ୍ୱାରା ମହାକାଶଚାରୀ ସହଜରେ ଚିକେନ୍ ୱିଙ୍ଗ୍ସ, ଷ୍ଟେକ୍ ଏବଂ ସତେଜ ବେକ୍ ହୋଇଥିବା ଖାଦ୍ୟ ଉପଭୋଗ କରିଛନ୍ତି ।

ଭାଇରାଲ୍ ଭିଡିଓରେ, ମହାକାଶଚାରୀମାନେ ଓଭନରୁ ଗୋଲଡେନ୍ ରଙ୍ଗର ଚିକେନ୍ ୱିଙ୍ଗ୍ସ ବାହାର ତାକୁ ଖୁସି ଜାହିର କରୁଛନ୍ତି । ଯାହା ପ୍ରଦର୍ଶନ କରୁଛି ଯେ ମହାକାଶ ପ୍ରଯୁକ୍ତିବିଦ୍ୟା କେତେ ଦୂର ଆଗେଇ ଆସିଛି ।

# ୱାର୍ଲଡ ବ୍ୟାଙ୍କ ଏଫଏସଏ ରିପୋର୍ଟକୁ ନେଇ ସାରା ବିଶ୍ୱ ଆଶ୍ଚର୍ଯ୍ୟ




**ନୂଆଦିଲ୍ଲୀ:** ଭାରତର ଅର୍ଥ ବ୍ୟବସ୍ଥା ଆଜି ଏକ ନୂଆ ମୋଡ଼ରେ ଛିଡା ହୋଇଛି, ଏହି ଠାରୁ ଦେଶର ଆଗାମୀ ଲକ୍ଷ୍ୟ ବୈଶ୍ୱିକ ମଞ୍ଚରେ ଏକ ଆର୍ଥିକ ମହାଶକ୍ତିରେ ପରିଣତା ହେବା। ନିକଟରେ ୱାର୍ଲଡବ୍ୟାଙ୍କର ଫାଇନାନ୍ସ ସେକ୍ଟର ଆସେସମେଣ୍ଟ (ଏଫଏସଏ) ରିପୋର୍ଟ ଏହି ଦିଗରେ ଭାରତର ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଛି। କୁହାଯାଇଛି ଯଦି ଏବେକା ବେଗ ଜାରି ରହେ ଓ ସଂସ୍କାରକୁ ଆହୁରି ଗତି ଦିଆଯାଏ ତେବେ ୨୦୪୭ ସୁଦ୍ଧା ଭାରତ ୩୦ ଟ୍ରିଲିୟନ ଡଲାରର ଅର୍ଥ ବ୍ୟବସ୍ଥାରେ ପରିଣତ ହୋଇ ପାରିବ। ରିପୋର୍ଟରେ ଭାରତର ଡିଜିଟାଲ ଚମତ୍କାରର ପ୍ରଶଂସା

ରିପୋର୍ଟରେ ଭାରତର ୱାର୍ଲଡ କ୍ଲାସ୍ ଡିଜିଟାଲ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର କୁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଇଛି। ଆଧାର, ୟୁପିଆଇ ଓ ଜନଧନ ଯୋଜନା କାର୍ଯ୍ୟକ୍ରମ ଦେଶର ଆର୍ଥିକ ସମାବେଶନକୁ ଗତି ଦେଇଛି। ଏହି ସବୁ ଉଦ୍ୟମ ଯୋଗୁ ଏବେ ସହରରୁ ଗାଁ ବ୍ୟାଙ୍କିଂ ସେବାର ପହଞ୍ଚ ସୁଗମ ହୋଇଛି। ଉଲ୍ଲେଖଯୋଗ୍ୟ ଯେ ମହିଳାଙ୍କ ନିମନ୍ତେ ଆର୍ଥିକ ସେବା ପହଞ୍ଚ ବଢାଇବା ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ୱାର୍ଲଡ ବ୍ୟାଙ୍କ ଅନୁସାରେ ଯଦି ମହିଳା ଆର୍ଥିକ ନେଣଦେଣରେ ସକ୍ରିୟ ରୂପେ ସାମିଲ ହୁଅନ୍ତି ତେବେ ଭାରତର ଆର୍ଥିକ ଶକ୍ତି ଆହୁରି ମଜଭୁତ ହେବ।

ଦୃଢ କ୍ୟାପିଟାଲ ମାର୍କେଟ୍

ରିପୋର୍ଟ ଅନୁସାରେ ୨୦୧୭ ମସିହା ପରେ ଭାରତର କ୍ୟାପିଟାଲ ମାର୍କେଟ୍ (ପୁଞ୍ଜିବଜାର) ଅଧିକ ସଶକ୍ତ ହୋଇଛି। ଇକ୍ୱିଟି, ସରକାରୀ ବଣ୍ଡ ଓ କର୍ପୋରେଟ ବଣ୍ଡ ମିସାଇ ଭାରତର କ୍ୟାପିଟାଲ ମାର୍କେଟ ଜିଡିପିର ୧୭୫%କୁ ପହଞ୍ଚିଛି। ଏହା ପୂର୍ବରୁ ମାତ୍ର ୧୪୪% ଥିଲା। ଏହି ଅଭିବୃଦ୍ଧି ପଛରେ ନିବେଶକଙ୍କ ବର୍ଦ୍ଧିତ ଆସ୍ଥା, ପାରଦର୍ଶୀ ବଜାର ବ୍ୟବସ୍ଥା ଓ ବୈଷୟିକ ଇନଫ୍ରାଷ୍ଟ୍ରକ୍ଚରର ବଡ ଯୋଗଦାନ ରହିଛି।

ଆର୍ଥିକ ସୁଧାରର ବେଗ ବଢିଛି

ୱାର୍ଲଡବ୍ୟାଙ୍କ ଏହା ବି ସ୍ପଷ୍ଟ କରିଛି ଯେ ଭାରତକୁ ଆଗାମୀ ୨ ଦଶକରେ ଆର୍ଥିକ ରୂପେ ଶୀର୍ଷ ଦେଶଙ୍କ ମଧ୍ୟରେ ସାମିଲ ହେବା ଲାଗି ନିଜ ଫାଇନାନ୍ସିଆଲ ସେକ୍ଟରରେ ଆହୁରି ସୁଧାର କରିବାକୁ ପଡିବ। ଘରୋଇ ପୁଞ୍ଜି ସଂଗ୍ରହର ନୂଆ ରାସ୍ତା ଖୋଲିବା, ଏମଏସଏମଇକୁ ଶସ୍ତା ପୁଞ୍ଜି ଉପଲବ୍ଧ କରିବା ଓ ଇନୋଭେସନ ଆଧାରିତ ଉତ୍ପାଦ ବିକଶିତ କରିବା ଆବଶ୍ୟକତା ଥିବା କୁହାଯାଇଛି।

ଭାରତର ନୀତି ଓ ବୈଶ୍ୱିକ ବିଶ୍ୱାସ

ଭାରତ ସରକାର ଏହି ରିପୋର୍ଟକୁ ସ୍ୱାଗତ କରି କହିଛନ୍ତି ଯେ ଆଇଏମଏଫ ଏବଂ ୱାର୍ଲଡବ୍ୟାଙ୍କ ଯୁଗ୍ମ ଟିମ ଦ୍ୱାରା କରାଯାଇଥିବା ଏହି ମୂଲ୍ୟାୟନ ଭାରତର ମଜଭୁତ ଆର୍ଥିକ ନୀତିକୁ ପ୍ରମାଣିତ କରୁଛି। ମହାମାରୀ ଓ ବୈଶ୍ୱିକ ଆର୍ଥିକ ଅସ୍ଥିରତା କାଳରେ ଭାରତର ଆର୍ଥିକ ତନ୍ତ୍ର ନା କେବଳ ସ୍ଥିର ରହିଛି ବରଂ ଅଧିକ ବିବିଧ ହୋଇ ପାରିଛି।

## ପାକ୍-ଆଫଗାନିସ୍ତାନ ଶାନ୍ତି ଆଲୋଚନା ବିଫଳ

**ନୂଆଦିଲ୍ଲୀ:** ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ଶାନ୍ତି ଆଲୋଚନା ବିଫଳ ହୋଇଛି । ଏହି ଆଲୋଚନା ବିଫଳ ହେବାପରେ ପାକିସ୍ତାନ ଆଫଗାନିସ୍ତାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖୱାଜ୍ ସରିଫ୍ କରିଛନ୍ତି ଯେ ଆଫଗାନିସ୍ତାନ ସହ ଚାଲିଥିବା ଶାନ୍ତି ଆଲୋଚନା ସୀମା ପ୍ରସଙ୍ଗର ନବୀକରଣ ନେଇ ସହମତି ହୋଇପାରିଲା ନାହିଁ। ଫଳରେ ଏହା ବିଫଳ ହେଲା। ତେବେ ଯୁଦ୍ଧ ବିରତି କେତେକ ସ୍ଥାନରେ ଲାଗି ରହିବ । ଆଫଗାନିସ୍ତାନ ଆକ୍ରମଣ କଲେ ଅସ୍ତ୍ର ବିରତିକୁ ପାକିସ୍ତାନ ମାନିବ ନାହିଁ। ବାଧ ହୋଇ ପାକିସ୍ତାନ ଯୁଦ୍ଧକୁ ବିକଳ୍ପ ଭାବେ ଗ୍ରହଣ କରିବ । ତୃତୀୟ ଥର ଲାଗି ଉଭୟ ଦେଶ ମଧ୍ୟରେ ଆଲୋଚନା ବିଫଳ ହୋଇଛି ଓ ଉଭୟ ଦେଶର ସମ୍ପର୍କ ଦିନକୁ ଦିନ ଖରାପ ହେବାରେ ଲାଗିଛି । ଆମ ପାଖରେ କେବଳ ଏକ ବିକଳ୍ପ ରହିଛି ଯାହାକୁ ନେଇ ଆମେ ବିଚାର କରୁଛୁ । ସେମାନେ ଯେଉଁଭଳି ପଦକ୍ଷେପ ନେବେ ଆମେ ଅନୁରୂପ ଭାବେ ଜବାବ ଦେବୁ । ତାଲିବାନ ସହ କଥାବାର୍ତ୍ତା ଚାଲିଛି । କିନ୍ତୁ ଏହା ସତ୍ତ୍ୱେ ଗୁରୁତ୍ୱ ବନହ କରୁନି । ତାଲିବାନ ଗୁପ୍ତ ରାସ୍ତାରେ ପାକିସ୍ତାନକୁ ପ୍ରବେଶ କରୁଛି ଓ ହାତରେ ଅସ୍ତ୍ରଶସ୍ତ୍ର ଧରି ପାକିସ୍ତାନ ଭିତରେ ସେମାନଙ୍କ ସେନା ପ୍ରବେଶ କରୁଛନ୍ତି। ଆମକୁ ଯେପରି ଟାର୍ଗେଟ



କରାଯିବ ଆମେ ସେପରି ଜବାବ ଦେବୁ। ତୁର୍କୀ ଏହି ଦୁଇ ଦେଶର ତିକ୍ତତାକୁ ବନ୍ଦ କରିବା ପାଇଁ ଲଗାତର ମଧ୍ୟସ୍ଥତା କରୁଛି । ଅକ୍ଟୋବର ୧୮ ରେ ଉଭୟ ପକ୍ଷ ଆଲୋଚନା ହୋଇଥିଲା । ୨୫ ତାରିଖରେ ଇସ୍ତନବୁଲ୍‌ରେ ଦ୍ୱିତୀୟ ଥର ବୈଠକ ହୋଇଥିଲା । ଯେଉଁଥିରେ ଅସ୍ତ୍ରବିରତି ନେଇ ସହମତି ହୋଇଥିଲା ।

# ୟୁନୁସଙ୍କ ପର୍ଦ୍ଦାଫାସ୍ କଲେ ହସିନା



**ନୂଆଦିଲ୍ଲୀ:** ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ମଧ୍ୟବର୍ତ୍ତୀକାଳୀନ ସରକାର ମୁଖ୍ୟ ମହମ୍ମଦ ୟୁନୁସଙ୍କୁ କଡ଼ା ସମାଲୋଚନା କରିଛନ୍ତି। ସେ ପ୍ରଶାସନକୁ ନିୟନ୍ତ୍ରଣ କରିବାରେ ବିଫଳ ହୋଇଥିବା ଏବଂ ଆତଙ୍କବାଦୀ ସଂଗଠନ ସହିତ ଜଡ଼ିତ ଇସଲାମବାଦୀ ଗୋଷ୍ଠୀଗୁଡ଼ିକୁ ମୌଳବାଦୀ ଚିନ୍ତାଧାରା ପ୍ରସାର କରିବାରେ ସହାୟତା କରୁଥିବା ଅଭିଯୋଗ ହସିନା କରିଛନ୍ତି।

"ଦି ୱିକ୍" ପତ୍ରିକାରେ ପ୍ରକାଶିତ ଏକ ଲେଖାରେ ଆୱାମୀ ଲିଗ୍ ନେତା ହସିନା କହିଛନ୍ତି, ହିଜବୁତ୍-ତାହରିର ଭଳି ଆତଙ୍କବାଦୀ ଗୋଷ୍ଠୀ ଦେଶରେ ଦମନ ନୀତି ଚଳାଇଛନ୍ତି। ସେ କହିଛନ୍ତି, ଧାର୍ମିକ ସଂଖ୍ୟାଲଘୁ, ମହିଳା ଏବଂ ଆଦିବାସୀ ସମ୍ପ୍ରଦାୟ ଉପରେ ଆକ୍ରମଣ ବୃଦ୍ଧି ପାଇଛି।

ୟୁନୁସଙ୍କୁ ସିଧାସଳଖ ଟାର୍ଗେଟ୍

ଶେଖ୍ ହସିନା କହିଛନ୍ତି,୨୦୧୬ ମସିହାରେ ହୋଲି ଆର୍ଟିସାନ୍ କାଫେ ଉପରେ ହୋଇଥିବା ଭୟଙ୍କର ଏବଂ ଘାତକ ଆକ୍ରମଣ ଭଳି ଘଟଣା ପାଇଁ ଦାୟୀ ଉଗ୍ରବାଦୀ ଶକ୍ତି ଦାୟୀ। ଅଗଷ୍ଟ ୨୦୨୪ରେ ହୋଇଥିବା ବିଦ୍ରୋହ ପରଠାରୁ ଭାରତରେ ରହୁଥିବା ଶେଖ୍ ହସିନା ୟୁନୁସଙ୍କ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି,ଜନମତ ବିନା କୌଣସି ରାଷ୍ଟ୍ରମୁଖ୍ୟଙ୍କ ଅଧୀନରେ ପ୍ରକୃତ ଗଣତନ୍ତ୍ର ସମ୍ଭବ ନୁହେଁ।

ବାଂଲାଦେଶରେ ହତ୍ୟା, ଦୁଷ୍କର୍ମ, ଡକାୟତି, ପୋଡ଼ାଜଳା ଏବଂ ଚୋରି ଭଳି ଅପରାଧ ସାଧାରଣ ହୋଇଗଲାଣି। ଅପରାଧୀମାନଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ କରାଯାଉ ନାହିଁ।

"ହିନ୍ଦୁ-ବୌଦ୍ଧ-ଖ୍ରୀଷ୍ଟିୟାନଙ୍କ ଉପରେ ଆକ୍ରମଣ"

ୟୁନୁସ୍ ପ୍ରଶାସନରେ ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ ଏବଂ ଆଦିବାସୀ ସମ୍ପ୍ରଦାୟ ଉପରେ ଆକ୍ରମଣ ହେଉଛି। ମନ୍ଦିର, ଘର ଏବଂ ପୂଜାସ୍ଥଳ ବିନା କାରଣରେ ଧ୍ୱଂସ ହେଉଥିବାର ଖବର ପ୍ରତିଦିନ ଶୁଣିବାକୁ ମିଳୁଛି।

ଆୱାମୀ ଲିଗ୍ ଉପରେ ପ୍ରତିବନ୍ଧକ ଲଗାଇବା, ଲକ୍ଷ ଲକ୍ଷ ଲୋକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରିବା ଏବଂ ଏକଛତ୍ରବାଦୀ ଶାସନକୁ ବୈଧ କରିବା ପାଇଁ ଏକ ଅସାମ୍ବିଧାନିକ ସନନ୍ଦ କାର୍ଯ୍ୟକାରୀ କରିବାର ଅଭିଯୋଗ ସେ ୟୁନୁସ ପ୍ରଶାସନ ବିରୋଧରେ ଆଣିଛନ୍ତି।

ହସିନା କହିଛନ୍ତି , ଏକଦା ଧାର୍ମିକ ଏକତା ଏବଂ ଧର୍ମନିରପେକ୍ଷ ମୂଲ୍ୟବୋଧ ପାଇଁ ଜଣାଶୁଣା ବାଂଲାଦେଶରେ ଏବେ ପ୍ରତିଦିନ ଧାର୍ମିକ ସଂଖ୍ୟାଲଘୁ, ମହିଳା, ଝିଅ ଏବଂ ଆୱାମୀ ଲିଗ୍ର ସମର୍ଥକମାନଙ୍କ ଉପରେ ପ୍ରତିଦିନ ହିଂସା ହେଉଛି।

ଆୱାମୀ ଲିଗ୍ ଉପରେ କଟକଣା

ଯେପର୍ଯ୍ୟନ୍ତ ଆମ ଦେଶରେ ଏପରି ଜଣେ ନେତାଙ୍କ ଦ୍ୱାରା ଶାସିତ ହେଉଛି, ଯାହାଙ୍କ ପାଖରେ କୌଣସି ଜନାଦେଶ ନାହିଁ, ଯିଏ ସବୁଠାରୁ ଲୋକପ୍ରିୟ ରାଜନୈତିକ ଦଳକୁ ନିଷିଦ୍ଧ କରିଛନ୍ତି, ଲକ୍ଷ ଲକ୍ଷ ନାଗରିକଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରିଛନ୍ତି ଏବଂ ଏକ ଅସାମ୍ବିଧାନିକ ସନନ୍ଦ ଦେଇ ଆମ ସମ୍ବିଧାନକୁ ବିପଦରେ ପକାଇଛନ୍ତି, ସେପର୍ଯ୍ୟନ୍ତ ପ୍ରକୃତ ଗଣତନ୍ତ୍ର ସମ୍ଭବ ନୁହେଁ ବୋଲି ହସିନା କହିଛନ୍ତି।

## ଆହୁରି ଶକ୍ତିଶାଳୀ ହେଲା ଚୀନ ନୌସେନା

ବେଜିଂ : ବିଶ୍ୱ ଏବେ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଶ୍ୱ ଆମେରିକା ନେତୃତ୍ୱାଧୀନ ଏକ ଧ୍ରୁବୀୟରୁ ବ୍ୟବସ୍ଥାରୁ ବହୁ ଧ୍ରୁବୀୟ ବ୍ୟବସ୍ଥା ଆଡ଼କୁ ଗତି କରୁଛି । ଚୀନ ଆମେରିକାର ପ୍ରଭୁତ୍ୱକୁ ଚ୍ୟାଲେଞ୍ଜ କରିବାକୁ ଛିଡ଼ା ହୋଇଛି ଓ ଧୀରେ ଧୀରେ ନିଜର ସାମରିକ ଶକ୍ତି ବଢାଇଚାଲିଛି । ଏହି କ୍ରମରେ ଚୀନ ଏକ ବଡ଼ ଲମ୍ଫ ଦେଇଛି । ଚୀନର ୩ୟ ବିମାନ ବାହକ ଯୁଦ୍ଧପୋତ ଫୁଜିଆନ କାର୍ଯ୍ୟକ୍ଷମ ହୋଇଛି ।


ଶନିବାର ଦିନ, ଚୀନ୍ ପିଏଲଏ ନୌସେନା ଫୁଜିଆନର କାର୍ଯ୍ୟକ୍ଷମ ଡେମୋର ଏକ ଭିଡିଓ ଜାରି କରିଛି। ଚଳିତ ସପ୍ତାହରେ, ଫୁଜିଆନର କମିସନିଂ ସମାରୋହ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ଚୀନର ନୂତନ ବିମାନ ବାହକ ଇଲେକ୍ଟ୍ରୋମ୍ୟାଗ୍ନେଟିକ୍ କାଟାପଲ୍ଟ ପ୍ରଯୁକ୍ତିବିଦ୍ୟା ଉପରେ ଆଧାରିତ। ଇଲେକ୍ଟ୍ରୋନିକ୍ କାଟାପଲ୍ଟ ପ୍ରଯୁକ୍ତିବିଦ୍ୟା ଯୁଦ୍ଧ ବିମାନକୁ ବାହକର ଛୋଟ ରନୱେ ଡେକରୁ ଉଡ଼ାଣ ଏବଂ ଅବତରଣ କରିବାକୁ ଅନୁମତି ଦିଏ। ଏପର୍ଯ୍ୟନ୍ତ, କେବଳ ଆମେରିକାର ଜେରାଲ୍ଡ ଫୋର୍ଡ-ଶ୍ରେଣୀର ବିମାନ ବାହକମାନେ ଏହି ପ୍ରଯୁକ୍ତିବିଦ୍ୟା ବ୍ୟବହାର କରୁଥିଲେ ।

ଦକ୍ଷିଣ ଚୀନ୍ ସାଗରରେ ଫିଲିପାଇନ୍ସ ସହିତ ଚାଲିଥିବା ଉତ୍ତେଜନା ସମୟରେ ଚୀନ୍ର ତୃତୀୟ ବିମାନ ବାହକ ପୋତ କାର୍ଯ୍ୟକ୍ଷମ ହୋଇଛି। ଗତ ଦୁଇ ବର୍ଷ ମଧ୍ୟରେ, ଚୀନ୍ ଏବଂ ଫିଲିପାଇନ୍ସ ନୌସେନା ଅନେକ ହିଂସାତ୍ମକ ସଂଘର୍ଷରେ ଲିପ୍ତ ହୋଇଛନ୍ତି। ଚୀନ୍ ଅଭିଯୋଗ କରିଛି ଯେ ଆମେରିକାର ପ୍ରରୋଚନାରେ ଫିଲିପାଇନ୍ସ ଚୀନ୍ ସହିତ ମୁହାଁମୁହିଁ ସଂଘର୍ଷରେ ଲିପ୍ତ ହେଉଛି।

# ଅନ୍ତର୍ଜାତୀୟ ଟି-୨୦ରେ ଅଭିଶେକଙ୍କ କୀର୍ତ୍ତିମାନ

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଟିମ୍ ଇଣ୍ଡିଆର ତାରକା ଓପନର ଅଭିଶେକ ଶର୍ମା ଅନ୍ତର୍ଜାତୀୟ ଟି-୨୦ରେ ଚମତ୍କାର ପ୍ରଦର୍ଶନ ଦେଖାଇଛନ୍ତି । ତାଙ୍କ ନାଁରେ ଆଉ ଏକ କୀର୍ତ୍ତିମାନ ଯୋଡି ହୋଇଛି । ଅଷ୍ଟ୍ରେଲିଆ ବିପକ୍ଷ ପଞ୍ଚମ ଟି-୨୦ରେ କ୍ୟାରିୟରର ୧୦୦୦ ରନ୍ ପୂରଣ କରିଛନ୍ତି ଅଭିଶେକ । ସବୁଠାରୁ କମ୍ ବଲରେ ସେ ୧୦୦୦ ରନ୍ କରି ରେକର୍ଡ କରିଛନ୍ତି । ଅଷ୍ଟ୍ରେଲିଆର ଟିମ୍ ଡେଭିଡଙ୍କୁ ସେ ପଛରେ ପକାଇଛନ୍ତି । ଅଭିଶେକ ୫୨୮ ବଲରେ ଏହି ସଫଳତା ହାସଲ କରିଥିଲେ । ଟିମ୍ ଡେଭିଡ ୫୬୯ ବଲ, ସୂର୍ଯ୍ୟ କୁମାର ଯାଦବ ୫୭୩ ବଲ, ଫିଲସଲ୍ଟ ୫୯୯ ବଲ ଓ ଗ୍ଲେନ୍ ମ୍ୟାକ୍ସୱେଲ ୬୦୪ ବଲରେ ୧୦୦୦ ରନ୍ ପୂରଣ କରିଥିଲେ । କିନ୍ତୁ ସେ ବିରାଟ କୋହଲିଙ୍କ ଏହି ରେକର୍ଡ ଭାଙ୍ଗି ପାରିନାହାନ୍ତି । କୋହଲି ୨୭ ଇନିଂସରେ ୧୦୦୦ ରନ୍ କରିଥିବା ବେଳେ ଅଭିଶେକ ୨୮ ଇନିଂସରେ ୧୦୦୦ ରନ ପୂରଣ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରାହୁଲ ତୃତୀୟ, ସୂର୍ଯ୍ୟ କୁମାର ଚତୁର୍ଥ ଓ ରୋହିତ ପଞ୍ଚମ ସ୍ଥାନରେ ରହିଛନ୍ତି ।




# ଟିମ୍ ଇଣ୍ଡିଆର କ୍ରମାଗତ ପଞ୍ଚମ ଶୃଙ୍ଖଳା ବିଜୟ



ଅଷ୍ଟ୍ରେଲିଆରେ ଭାରତ କ୍ରମାଗତ ୫ଟି ଟି-୨୦ ଶୃଙ୍ଖଳା ଜିତିଛି । ୨୦୨୩ ପରଠାରୁ ଟିମ୍ ଇଣ୍ଡିଆ କୌଣସି ଟି-୨୦ ଶୃଙ୍ଖଳା ହାରିନି । ଏହା ମଧ୍ୟରେ ୯ଟି ଦ୍ୱିପାକ୍ଷିକ ଶୃଙ୍ଖଳା ଜିତିଥିବା ବେଳେ ଗୋଟିଏ ଡ୍ର' ରହିଛି । ଭାରତ ଟି-୨୦ ବିଶ୍ୱକପ୍ ଓ ଏସିଆ କପ୍ ମଧ୍ୟ ଏହି ସମୟରେ ଜିତିଛି । ଟିମ୍ ଇଣ୍ଡିଆ ଏବେ ଆଗାମୀ ଜାନୁଆରୀରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଟି-୨୦ ଶୃଙ୍ଖଳା ଖେଳିବ ।

## ବର୍ଷାରେ ଧୋଇଗଲା ଶେଷ ମ୍ୟାଚ

# ଭାରତ ୨-୧ରେ ଶୃଙ୍ଖଳା ବିଜୟୀ

ବ୍ରିସବେନ,୮।୧୧(ଏଜେନ୍ସି): ଅଷ୍ଟ୍ରେଲିଆ ମାଟିରେ ଭାରତ ଟି-୨୦ ଶୃଙ୍ଖଳା ଜିତିଛି । ଶନିବାର ବ୍ରିସବେନରେ ପଞ୍ଚମ ତଥା ଅନ୍ତିମ ଟି-୨୦ ମ୍ୟାଚ ଖେଳାଯାଇଥିଲା । ତେବେ ଶେଷ ମ୍ୟାଚକୁ ବର୍ଷା ଧୋଇ ନେବାରୁ ଭାରତ ୨-୧ରେ ଶୃଙ୍ଖଳାକୁ କବଜା କରିଛି । ୨୦୧୧-୧୨ରୁ ଭାରତ କେବେ ହେଲେ ବି ଅଷ୍ଟ୍ରେଲିଆ ମାଟିରେ ଟି-୨୦ ଶୃଙ୍ଖଳା ହାରି ନାହିଁ । ଏହି ଧାରାକୁ ଅତୁଟ୍ ରଖିଛନ୍ତି ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଯୁବ ଭାରତୀୟ ଦଳ । ୨୦୦୭-୦୮ରେ ଭାରତ ଶେଷଥର ପାଇଁ ଟି-୨୦ ଶୃଙ୍ଖଳା ଅଷ୍ଟ୍ରେଲିଆ ମାଟିରେ ହାରିଥିଲା । ଏହି ଶୃଙ୍ଖଳାର ପ୍ରଥମ ମ୍ୟାଚ ବର୍ଷା ଯୋଗୁଁ ଧୋଇ ଯାଇଥିଲା । ଦ୍ୱିତୀୟ ମ୍ୟାଚକୁ ଅଷ୍ଟ୍ରେଲିଆ ଦଳ ଦମଦାର ଢ଼ଙ୍ଗରେ ଜିତିଥିଲା । ୧-୦ରେ ପଛରେ ଥିବା ଭାରତୀୟ ଦଳ ତୃତୀୟ ମ୍ୟାଚରେ ପ୍ରତ୍ୟାବର୍ତ୍ତନ କରିଥିଲା । ଏହି ମ୍ୟାଚରେ ଭାରତ ୫ ୱିକେଟରେ ବିଜୟୀ ହୋଇଥିଲା । ଚତୁର୍ଥ ଟି-୨୦ରେ ମଧ୍ୟ ଭାରତ ସପକ୍ଷରେ ଯାଇଥିଲା ।




ଏହି ମ୍ୟାଚକୁ ଭାରତ ୪୮ ରନରେ ଜିତି ୨-୧ରେ ଆଗୁଆ ହୋଇଥିଲା ।

ଶନିବାର ବ୍ରିସବେନରେ ଖେଳାଯାଇଥିବା ପଞ୍ଚମ ଟି-୨୦ ମ୍ୟାଚ ଘରୋଇ ଅଷ୍ଟ୍ରେଲିଆ ପାଇଁ ବେସ ଗୁରୁତ୍ୱପୂର୍ଣ୍ଣ ଥିଲା । ମ୍ୟାଚ ଜିତିଶୃଙ୍ଖଳା ବରାବର କରିବା ଲକ୍ଷ୍ୟରେ କଙ୍ଗାରୁ ଦଳ ଥିଲା । ଟସ୍ ଜିତି ଅଧିନାୟକ ମିଚେଲ ମାର୍ସ ବୋଲିଂ ନିଷ୍ପତ୍ତି ନେଇଥିଲେ । କିନ୍ତୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଭାରତର ଦୁଇ ଓପନର ଅଭିଶେକ ଶର୍ମା ଓ ଶୁଭମନ ଗିଲ ଅଷ୍ଟ୍ରେଲିଆ ବୋଲରଙ୍କୁ ଧୁଲେଇ କରିଥିଲେ । ୪.୫ ଓଭର ସୁଧା ଭାରତ କୌଣସି ୱିକେଟ୍ ନହରାଇ ୫୨ ରନରେ ପହଞ୍ଚି ଯାଇଥିଲା । ଅଭିଶେକ ଶର୍ମା ୧୩ ବଲ ୨୩ ଓ ଗିଲ୍ ୧୬ ବଲରେ ୨୯ ରନ୍ କରିଥିଲେ । ଭାରତ ବଡ଼ ସ୍କୋର ଲକ୍ଷ୍ୟରେ ଆଗକୁ ବଢ଼ିଥିଲା । କିନ୍ତୁ ଏହି ସମୟରେ ହଠାତ ଅଷ୍ଟ୍ରେଲିଆର ପାଣିପାଗ ବଦଳି ଯାଇଥିଲା । ଏହାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ, ଖେଳାଳି ଓ ଦର୍ଶକଙ୍କୁ ତୁରନ୍ତ ଖୋଲା ସ୍ଥାନରୁ ଚାଲିଯିବାକୁ କୁହାଯାଇଥିଲା । ଘନ ଘନ ବିଜୁଳି ମାଡ ଯୋଗୁଁ ମ୍ୟାଚକୁ କିଛି ସମୟ ବନ୍ଦ ରଖାଯାଇଥିଲା । ଲାଗୁଥିଲା ବର୍ଷା ଛାଡିଲା ପରେ ପୁଣି ଖେଳ ଆରମ୍ଭ ହେବ । ହେଲେ ବର୍ଷାର ପ୍ରକୋପ ବଢ଼ିଥିଲା । ଶେଷରେ ଦୁଇ ଅମ୍ପାୟାର ମ୍ୟାଚକୁ ବାତିଲ କରିବାକୁ ବାଧ୍ୟ ହୋଇଥିଲେ । ମ୍ୟାଚ ବାତିଲ ହେବା ପରେ ଭାରତ ୨-୧ରେ ଶୃଙ୍ଖଳା ଜିତିଛି । ସୂର୍ଯ୍ୟ କୁମାର ଯାଦବ ବିଜୟୀ ଟ୍ରଫି ଗ୍ରହଣ କରିଥିଲେ । ୧୬୩ ରନ୍ କରିଥିବା ଭାରତ ଅଭିଶେକ ଶର୍ମାଙ୍କୁ ଶୃଙ୍ଖଳାର ଶ୍ରେଷ୍ଠ ପ୍ରଦର୍ଶନ କରାଯାଇଥିଲା ।

# ୧୪ ରୁ ପୁରୀରେ ରାଜ୍ୟ ବରିଷ୍ଠ ହ୍ୟାଣ୍ଡବଲ ପ୍ରତିଯୋଗିତା

ଭୁବନେଶ୍ୱର/କେନ୍ଦୁଝର,୮।୧୧(ସବ୍ୟୁ): ଓଡିଶା ହ୍ୟାଣ୍ଡବଲ ସଙ୍ଘ ଆନୁକୂଲ୍ୟରେ ଚଳିତ ମାସ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ରାଜ୍ୟ ପୁରୁଷ ଓ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ୩୮ ତମ ସଂସ୍କରଣ ପୁରୀ ଜିଲ୍ଲା ଇନଡୋର ଷ୍ଟାଡିୟମଠାରେ ଆୟୋଜିତ ହେବାକୁଯାଉଛି । ଏହି ପ୍ରତିଯୋଗିତାର ପୁରୁଷ ବର୍ଗରେ ୨୨ ଜିଲ୍ଲା ଓ ମହିଳା ବର୍ଗରେ ୧୪ ଟି ଜିଲ୍ଲାରୁ ମୋଟ ୭୨୦ ଜଣ ଖେଳାଳୀ ଅଂଶ ଗ୍ରହଣ କରିବେ । ଆସନ୍ତା ମାସ ୧୫ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଅନ୍ତର୍ଗତ ଚିନସୁରହାର ଟେକନୋ ଇଣ୍ଡିଆ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ୫୪ତମ ଜାତୀୟ ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଓଡିଶା ଦଳରେ ଶ୍ରେଷ୍ଠ ୧୮ ଜଣ ଖେଳାଳିଙ୍କୁ ଚୟନ କରାଯିବ ତେଣୁ ସମସ୍ତ ଅଂଶ ଗ୍ରହଣ କରୁଥିବା ଜିଲ୍ଲା ମାନେ ୧୩ ତାରିଖ ସନ୍ଧ୍ୟା ସୁଦ୍ଧା ପୁରୀ ଝାଡେଶ୍ୱରୀ କ୍ଲବରେ ରିପୋର୍ଟ କରିବାକୁ କୁହାଯାଇଛି । ଏ ସମ୍ପର୍କରେ ବିଷଦ ବିବରଣୀ ପାଇଁ ପୁରୀ ଜିଲ୍ଲା ସାଧାରଣ ସମ୍ପାଦକ ତଥା ଓଡିଶା ହ୍ୟାଣ୍ଡବଲ ସଙ୍ଘର କୋଷାଧକ୍ଷ ଶୀତେନ୍ଦ୍ରନାଥ ଦାସ ଙ୍କୁ ୯୪୩୭୩୦୮୧୪୫ ମୋବାଇଲ ଯୋଗାଯୋଗ କରିବା ପାଇଁ ଓଡିଶା ହ୍ୟାଣ୍ଡବଲ ସଙ୍ଘ ସାଧାରଣ ସମ୍ପାଦକ ଙ୍କ ମାନସ କୁମାର ସିଂ ଜଣାଇଛନ୍ତି ।

# ଅଭ୍ୟାସ ମ୍ୟାଚରେ ପନ୍ତ ରିଟାୟାର୍ଡ

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଦ.ଆଫ୍ରିକା ବିପକ୍ଷ ୫ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଭାରତୀୟ ଦଳକୁ ଝଟକା ଲାଗିପାରେ । କାରଣ ୱିକେଟକିପର ବ୍ୟାଟର ରିଷଭ ପନ୍ତ ଅଭ୍ୟାସ ମ୍ୟାଚରେ ଆହତ ହୋଇ ରିଟାୟାର୍ଡହର୍ଟ ହୋଇଛନ୍ତି । ଫଳରେ ବିସିସିଆଇର ଚିନ୍ତା ବଢ଼ିଛି । ଦ.ଆଫ୍ରିକା ଏ ବିପକ୍ଷ ମ୍ୟାଚରେ ଏହି ଘଟଣା ସାମ୍ନାକୁ ଆସିଛି । ରିପୋର୍ଟ ଅନୁସାରେ ଟେଷ୍ଟ ଶୃଙ୍ଖଳା ପୂର୍ବରୁ ଭାରତର ବହୁ କ୍ରିକେଟର ଦ.ଆଫ୍ରିକା ବିପକ୍ଷରେ ଅଭ୍ୟାସ ମ୍ୟାଚ ଖେଳୁଛନ୍ତି । ଦ୍ୱିତୀୟ ଅଭ୍ୟାସ ମ୍ୟାଚରେ ପନ୍ତ ୩ଥର ଶରୀର ଥକ୍କାପଣ ଅନୁଭବ କରୁଥିବା ଦେଖାଯାଇଥିଲା । ଶେଷରେ ସେ ରିଟାୟାର୍ଡ ହର୍ଟ ହୋଇଥିଲେ । କିନ୍ତୁ କାହିଁକି ରିଟାୟାର୍ଡ ହର୍ଟ ହେଲେ ତାହା ସ୍ପଷ୍ଟ ହୋଇନାହିଁ । ବିସିସିଆଇ ପକ୍ଷରୁ ମଧ୍ୟ କୌଣସି ସୂଚନା ଦିଆଯାଇନାହିଁ ।




ପନ୍ତ ରିଟାୟାର୍ଡହର୍ଟ ହେବା ପରେ ଭାରତୀୟ ଦଳକୁ ଝଟକା ଲାଗିଛି । କାରଣ ତାଙ୍କୁ ଟେଷ୍ଟରେ ସାମିଲ କରାଯାଇଛି । ଇଡେନଗାର୍ଡେନରେ ଆଗାମୀ ୧୪ ତାରିଖରୁ ଟେଷ୍ଟର ପ୍ରଥମ ମ୍ୟାଚ ଆରମ୍ଭ ହେବ । ଦୀର୍ଘ ଦିନ ପରେ ସେ ଟେଷ୍ଟ ଦଳକୁ ଫେରିଥିଲେ । ଏହାପରେ ଆହତଙ୍କ ସମସ୍ୟା କାରଣରୁ ତାଙ୍କୁ ଦଳରେ ସ୍ଥାନ ମିଳିନଥିଲା । ବିସିସିଆଇ ପୁଣିଥରେ ସମାନ ଘଟଣା ଦେଖିବାକୁ ମିଳିନାହିଁ । ଯଦି ପନ୍ତ ସମ୍ପୂର୍ଣ୍ଣ ଫିଟ ନାହାନ୍ତି ତା'ହେଲେ କାହିଁକି ତାଙ୍କୁ ଦଳରେ ନିଆଯାଇଛି ବୋଲି ଚୟନକର୍ତ୍ତାଙ୍କ ଉପରେ ପ୍ରଶ୍ନ ଉଠିବ । ବିସିସିଆଇ ପକ୍ଷରୁ ପନ୍ତଙ୍କ ସ୍ୱାସ୍ଥ୍ୟ ବାବଦରେ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି ।

## ଏସିଆ କପ୍ ଟ୍ରଫି ବିବାଦ

# ସମାଧାନ ନେଇ ସହମତି

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଏସିଆ କପ ୨୦୨୫ରେ ଭାରତ ଚାମ୍ପିଅନ ହୋଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ଭାରତକୁ ଟ୍ରଫି ମିଳିପାରିନାହିଁ । ଆଇସିସି ବୈଠକରେ ବିସିସିଆଇ ଓ ପିସିବି ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ବାଟ ବାହାରିଛି ବୋଲି ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି । ଏସିଆ କପ୍ ଫାଇନାଲରେ ଭାରତୀୟ ଦଳ ପିସିବି ତଥା ଏସିସି ଅଧ୍ୟକ୍ଷ ମୋହସିନ ନକଭିଙ୍କ ନିକଟକୁ ଟ୍ରଫି ନେବା ପାଇଁ ମନା କରିଦେଇଥିଲେ । ଏହାପରେ ନକଭି ଟ୍ରଫି ନେଇ ପଳାଇ ଆସିଥିଲେ । ନଭେମ୍ବର ୧୦ରେ ଦୁବାଇରେ ଆୟୋଜିତ ଏକ ସମାରୋହରେ ଟ୍ରଫି ନେବା ପାଇଁ ନକଭି ବିସିସିଆଇକୁ ପ୍ରସ୍ତାବ ଦେଇଥିଲେ । ବିସିସିଆଇ ଏହାକୁ ମନା କରିଥିଲା । ଏହାପରେ ଆଇସିସି ବୋର୍ଡ ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା । ଆଇସିସିର ହସ୍ତକ୍ଷେପ ପରେ ଏହି ବିବାଦର ସମାଧାନ କରାଯିବ ବୋଲି ଆଶା ରହିଛି । ଏସିଆ କପରେ ଭାରତ ୩ଥର ପାକିସ୍ତାନକୁ ହରାଇଥିଲା । ଗ୍ରୁପ୍ ପର୍ଯ୍ୟାୟ, ସୁପର-୪ ଓ ଫାଇନାଲରେ ପାକିସ୍ତାନକୁ ହରାଇଥିଲା ।



# ଅନୁଗୁଳ ଜିଲ୍ଲା କ୍ରିକେଟ୍ ସଂଘର ଖେଳାଳି ପଞ୍ଜୀକରଣ ଆରମ୍ଭ

ଅନୁଗୁଳ,୮।୧୧(ସବ୍ୟୁ): ଓଡ଼ିଶା କ୍ରିକେଟ୍ ସଂଘ ଓ ଅନୁଗୁଳ ଜିଲ୍ଲା କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ୧୬ ବର୍ଷରୁ କମ୍ ସ୍କୁଲ ଇଣ୍ଟ୍ରା କ୍ରିକେଟ୍ ପ୍ରତିଯୋଗିତା ନିମନ୍ତେ ଖେଳାଳି ନାମପଞ୍ଜିକରଣ ପ୍ରତିଯୋଗିତା ଆଗାମୀ ୧୦ ଓ ୧୧ ତାରିଖ ଦୁଇ ଦିନ ଧରି ଜିଲ୍ଲା କ୍ରିକେଟ୍ ସଂଘ କାର୍ଯ୍ୟାଳୟର କଦମ ପଡିଆଠାରେ ହେବ । ଇଚ୍ଛୁକ ଖେଳାଳିମାନେ ସେହି ଦିନ ନିଜ ନିଜର ଜନ୍ମଗତ ପ୍ରମାଣପତ୍ର, ଆଧାର ସ୍କୁଲ ସାର୍ଟିଫିକେଟ୍ ଓ ନିଜର ଦୁଇ ଗୋଟି ପାସପୋର୍ଟ ଫଟୋ ସହିତ ଉପସ୍ଥିତ ରହି ନାମ ପଞ୍ଜିକରଣ କରିପାରିବେ ବୋଲି ସମ୍ପାଦକ ସାଗର ନାଥ ମିଶ୍ର ସୂଚନା ଦେଇଛନ୍ତି ।



# ଅନୁପମାଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର,୮।୧୧(ସବ୍ୟୁ): ଥାଇଲାଣ୍ଡରେ ଅନୁଷ୍ଠିତ ବିଶ୍ୱ ଜୁଜିଟସୁ ପ୍ରତିଯୋଗିତାରେ ଏସିଆନ୍ ଗେମ୍ ପ୍ରତିଯୋଗୀ ଅନୁପମା ସ୍ୱାଇଁ ରୌପ୍ୟ ପଦକ ଜିତିଥିଲେ । ତାଙ୍କୁ ଏହି ସଫଳତା ୫୨ କିଲୋଗ୍ରାମ କଣ୍ଟାକ୍ଟ ଜୁଜିଟସୁରେ ମିଳିଛି । ଶନିବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଅନୁପମା । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ଅନୁପମାଙ୍କୁ ଭବ୍ୟସ୍ୱାଗତ କରାଯାଇଥିଲା ।ରାଜ୍ୟସରକାରଙ୍କ କ୍ରୀଡା ଓ ଯୁବସେବାର ଅଧିକାରୀ, ଓଡ଼ିଶା ଜୁଜିଟସୁ ସଂଘର କର୍ମକର୍ତ୍ତା ତଥା କ୍ରୀଡାବିତ୍ ତଥା ଓଡ଼ିଶା ପୋଲିସ କନେଷ୍ଟବଳ ଓ ହାବିଲଦାର ସଂଘର ସଭାପତି ଓ ସମ୍ପାଦକ ଏବଂ ଉତ୍କଳ କରାଟେ ସ୍କୁଲର ଛାତ୍ର ଛାତ୍ରୀ ପୁଷ୍ପଗଛ ଦେଇ ଅନୁପମାଙ୍କୁ ସ୍ୱାଗତ କରିଥିଲେ । ଫାଇନାଲରେ ୟୁକ୍ରେନ ପ୍ରତିଯୋଗୀଙ୍କ ଠାରୁ ହାରି ସେ ରେପ୍ୟେ ପଦକରେ ସନ୍ତୁଷ୍ଟ ହୋଇଥିଲେ । ଚଳିତ ଜୁଜିଟସୁ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଭାରତକୁ ଅନୁପମାଙ୍କ ରୌପ୍ୟ ପଦକ ବ୍ୟତୀତ ଆଉ ଦୁଇଟି ବ୍ରୋଞ୍ଜ ପଦକ ସଫଳତା ମିଳିଛି । ଅନୁପମା ବିଗତ ୫ଟି ଏସିଆନ୍ ଜୁଜିଟସୁ ପ୍ରତିଯୋଗିତା ଏବଂ ୫ଟି ଜାତୀୟ ପ୍ରତିଯୋଗିତାରେ ଅନୁପମା ପଦକ ଜିତିଥିବା ବେଳେ ଆବୁଧାବୀ ବିଶ୍ୱ ଜୁଜିଟସୁ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ । ୨୦୧୭ ଏସିଆନ୍ ପାୱାର ଲିଫଟିଂ ପ୍ରତିଯୋଗିତାରେ ଅନୁପମା ଭାରତ ନିମନ୍ତେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

# ଅଲିମ୍ପିକ୍ ଯୋଗ୍ୟତା: ସନ୍ଦେହରେ ପାକିସ୍ତାନ ଦଳ

ନୂଆଦିଲ୍ଲୀ,୮।୧୧(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରେ ଭାରତ-ପାକିସ୍ତାନ ମ୍ୟାଚକୁ ନେଇ ସବୁ ବେଳେ ଚର୍ଚ୍ଚା ଲାଗି ରହିଥାଏ । ଯଦିଓ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଉନାହିଁ । କିନ୍ତୁ ଆଇସିସି ଏବଂ ଏସିସିର ପ୍ରତିଯୋଗିତାରେ ଭାରତ-ପାକିସ୍ତାନ ମୁହାଁମୁହିଁ ହେଉଛନ୍ତି । ୨୦୨୫ ଏସିଆ କପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୩ଥର ମ୍ୟାଚ ଖେଳାଯାଇଥିଲା । ସବୁଥର ଭାରତ ବିଜୟଲାଭ କରିଥିଲା । ଦୁଇ ଦଳ ମଧ୍ୟରେ ୨୦୨୬ ଟି-୨୦ ବିଶ୍ୱକପ୍ ମ୍ୟାଚ ଖେଳାଯିବାର ଯଥେଷ୍ଟ ସମ୍ଭାବନା ରହିଛି । କିନ୍ତୁ ସ୍ୱତନ୍ତ୍ର ଫୋକସ ୨୦୨୮ ଲସଏଞ୍ଜେଲସ୍ ଅଲିମ୍ପିକ୍ସ ଉପରେ ରହିବ । ଲସଏଞ୍ଜେଲସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଛି । କିନ୍ତୁ ଏହି କ୍ରୀଡା ମହାକୁମ୍ଭକୁ ଯୋଗ୍ୟତା ଅର୍ଜନ କରିବାକୁ ସମ୍ଭାବନା ଖୁବ୍ କମ । କାରଣ ଅଲିମ୍ପିକ୍ସରେ ପୁରୁଷ ବର୍ଗରୁ ୬ଟି ଓ ମହିଳା ବର୍ଗର ୬ଟି ଦଳକୁ ଯୋଗ୍ୟତା ମିଳିବ । ଏଦୃଷ୍ଟିରୁ ଅଲିମ୍ପିକ୍ସରେ ଭାରତ-ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିନପାରେ । ବଡ ବଡ ଟୁର୍ଣ୍ଣାମେଣ୍ଟରେ ପ୍ରଶଂସକଙ୍କ ନଜର ସବୁ ବେଳେ ଭାରତ-ପାକିସ୍ତାନ ମ୍ୟାଚ ଉପରେ ରହିଥାଏ । କିନ୍ତୁ ୨୦୨୮ ଅଲିମ୍ପିକ୍ସରେ ଏହି ଲଢ଼େଇ ଦେଖିବାକୁ ନପାରେ । ଦୁବାଇରେ ଆଇସିସି ବୈଠକ ବସିଥିଲା । ଏହି ବୈଠକରେ ସ୍ପଷ୍ଟ ହୋଇଛି ଯେ, ପୁରୁଷ ଓ ମହିଳାବର୍ଗରେ ୬ଟି ଲେଖାଏଁ ଦଳ ଅଲିମ୍ପିକ୍ସରେ ଭାଗନେବେ । ଟି-୨୦ ଫର୍ମାଟରେ ଖେଳାଯିବ । ଆଇସିସି ଟି-୨୦ ଅନ୍ତର୍ଜାତୀୟ ର୍ୟାଙ୍କିଙ୍ଗ୍ ବଳରେ ପ୍ରତି ରିଜନ କଣ୍ଟିନେଣ୍ଟର ଶୀର୍ଷ ଦଳକୁ ଅଲିମ୍ପିକ୍ସ ପଠା ଯିବ । ଅର୍ଥାତ ଏସିଆ, ୟୁରୋପ, ଓସିଆନିଆ, ଆଫ୍ରିକା ଓ ଆମେରିକାର ଶ୍ରେଷ୍ଠ ଦଳ ଅଲିମ୍ପିକ୍ସକୁ ଯିବେ । ୬ଟି ଦଳକୁ ଗୋଟିଏ ବିଶ୍ୱସ୍ତରୀୟ ଯୋଗ୍ୟାତା ପୂର୍ବରୁ କରାଯିବ । ଟି-୨୦ ର୍ୟାଙ୍କିଙ୍ଗ ବିଚାରକୁ ନେଲେ ଭାରତ ନଂ.୧ ସ୍ଥାନରେ ରହିଛି । ପାକିସ୍ତାନ ବହୁ ପଛରେ ଟୁର୍ଣ୍ଣାମେଣ୍ଟର ରୋଡମ୍ୟାନ ପ୍ରସ୍ତୁତ କରାଯାଇଥିବା ବେଳେ ଆଇସିସି ପକ୍ଷରୁ ଖୁବ୍ ଶୀଘ୍ର ବିଧିବଦ୍ଧ ଘୋଷଣା କରାଯିବ । ଏପରି ସ୍ଥିତିରେ ପାକିସ୍ତାନକୁ ନିରାଶ ହେବାକୁପଡିବ । ଯଦି ପାକିସ୍ତାନ ବିଶ୍ୱସ୍ତରୀୟ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚରେ ଜିତିବ । ତାହେଲେ ଅଲିମ୍ପିକ୍ସକୁ ଯାଇପାରେ । ୨୦୨୮ ଜୁଲାଇ ୧୨ରୁ ଅଲିମ୍ପିକ୍ସର କ୍ରିକେଟ୍ ଲଢ଼େଇ ଆରମ୍ଭ ହେବ । ଟୁର୍ଣ୍ଣାମେଣ୍ଟର ମୋଟ୍ ୨୮ଟି ମ୍ୟାଚ ଖେଳାଯିବ ।




# ୧୮ ରୁ ସପ୍ତମ ଅଲ ଇଣ୍ଡିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

ଢେଙ୍କାନାଳ,୭।୧୧(ସବ୍ୟୁ) ସହୀଦ ବାଜିରାଉତଙ୍କ ୧୦୦ ତମ ଜନ୍ମ ବାର୍ଷିକ ଉପଲକ୍ଷେ ସପ୍ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେ ଆୟାଜନ କରାଯିବ ବୋଲି ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମିଳନୀରେ ସୂଚନା ଦିଆଯାଇଛି । ସ୍ଥାନୀୟ ମୁଖ୍ୟ ଷ୍ଟାଡିୟମ ଠାରେ ଚଳିତବର୍ଷ ସପ୍ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେ ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେରେ ସମୁଦାୟ ୧୨ ଟି ଟିମ ଅଂଶଗ୍ରହଣ କରିବେ । ୪ଟି ଟିମ ରାଜ୍ୟର ରହିଥିବା ବେଳେ ୮ଟି ଟିମ ରାଜ୍ୟ ବାହାରୁ ଭାଗ ନେବେ । ୧୨ ଟି ଟିମ ମଧ୍ୟରେ ଇନକମଟାକ୍ସ ଚେନାଇ, ପଞ୍ଜାବ ପୋଲିସ, ଏମ ଓ୍ୱାଇ ଜେ ଏଫ ସି ମୁମ୍ବାଇ, ରିଜର୍ଭବ୍ୟାଙ୍କ ଅଫ ଇଣ୍ଡିଆ, ବ୍ୟାଙ୍କ ଅଫ ବରୋଦା, ରାଜସ୍ଥାନୟୁନାଇଟେଡ, ଆସାମ ରାଇଫଲ, ଡାଇମଣ୍ଡ ହରବୋର କୋଲକାତା, ସନ ରାଇଜ କ୍ଲବ କଟକ, ଏଆଇଏଫଏଫ ଏକାଡେମୀ ଟିମ ରହିଛନ୍ତି । ଚଳିତବର୍ଷ ଖେଳରେ ଏମିତି ଟିମ ଅଛନ୍ତି ଯେଉଁମାନେ ଓଡିଶାରେ ଆଜି ପର୍ଯ୍ୟନ୍ତ ଖେଳ ଖେଳିନାହାନ୍ତି । ପ୍ରଥମ ଥର ଖେଳର ନାମ ସହୀଦ ବାଜି ରାଉତଙ୍କ ନାମରେ ନାମିତ କରାଯାଇଛି ବୋଲି ଜିଲ୍ଲା କ୍ରୀଡା ସଂଘର ଉପସଭାପତି ସଞ୍ଜୟ କୁମାର ଭଞ୍ଜ କହିଛନ୍ତି । ଜିଲ୍ଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଚରଣ ସେଠି ଓ ଅଭିଜିତ ମିଶ୍ର, ମନୋଜ କୁମାର ଦାସ, ରଞ୍ଜନ କୁମାର ସାହୁ, ସତ୍ୟ ରଞ୍ଜନ ଭୂୟାଁ, ସୁନୀଲ କୁମାର ପଣ୍ଡା, ପ୍ରତାପ କୁମାର ମହାନ୍ତି, ଶିବ ପ୍ରସାଦ ଦାସ, ବିଭୁପ୍ରସାଦ ପଟନାୟକ, ପ୍ରଦ୍ୟୁମ୍ନ କୁମାର ପାଢୀ, ସରୋଜ କୁମାର ପାଢୀ, ସୁଶାନ୍ତ କୁମାର ପାଣି, ବାବୁଲି ସାହୁ, ଶ୍ୟାମ ମହାପାତ୍ର, ପ୍ରଭାତ ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୬୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୬୪ରେ ଯୋଗାଯୋଗ କରନ୍ତୁ ।

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି